R.N.I. REGN. No. 65000/96 POSTAL REGN. No. OR/BN-32/12-14

05 November 2025, Wednesday

ତ୍ରିଂଶତମ ବର୍ଷ

ସଂଖ୍ୟା : ୩୧

ତିଥି : ପୂର୍ଣ୍ଣିମା

୦୫ ନଭେମ୍ବର ୨୦୨୫, ବୁଧବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



## ବିଳାସପୁରରେ ଟ୍ରେନ୍ ଦୁର୍ଘଟଣା

# ୮ ମୃତ, ୧୭ ଆହତ



- ମାଲ୍‌ବାହୀ ଟ୍ରେନ୍ ଉପରେ ଚଢ଼ିଗଲା ମେମୁ ଟ୍ରେନ୍
- ଇଞ୍ଜିନ, ପ୍ରଥମ ବଗି ଚୁର୍‌ମାର
- ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ
- ମୃତକ, ଆହତଙ୍କ ପାଇଁ କ୍ଷତିପୂରଣ ରାଶି ଘୋଷଣା

ବିଳାସପୁର, ୪ ।୧୧ : ବିଳାସପୁର ଠାରେ ପୁଣି ଏକ ଟ୍ରେନ୍ ଦୁର୍ଘଟଣା ଘଟିଛି । ମାଲବାହୀ ଟ୍ରେନ୍ ଉପରେ ମେମୁ ଟ୍ରେନ୍ ମାଡ ହେବାରୁ ଏଭଳି ଘଟଣା ଘଟିଛି । ସୂଚନା ଅନୁଯାୟୀ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୭ ଜଣ ଆହତ ହୋଇଛନ୍ତି । ଟ୍ରେନ୍ ମାଡ ହେବା ଏତେ ଭୟଙ୍କର ଥିଲା ଯେ ପ୍ରଥମ କୋଚ୍‌ରେ ଥିବା ଯାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ତଳେ ପଡ଼ିଯାଇଥିଲେ । ପ୍ରାୟ ଅପରାହ୍ନ ୪ଟା ବେଳେ ଏହି ଘଟଣା ଘଟିଥିଲା । ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି ।ଆହତଙ୍କ ମଧ୍ୟରେ ୧୪ ଜଣ ଗୁରୁତର ସ୍ଥିତିରେ ଅଛନ୍ତି ।

ବିଳାସପୁର ଜିଲ୍ଲାପାଳ ସଞ୍ଜୟ ଅଗ୍ରୱାଲା କହିଛନ୍ତି ଯେ ଏହା ଏକ ବଡ ଦୁର୍ଘଟଣା । ସମସ୍ତେ ସେଠାରେ ରହି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଛନ୍ତି । ଆହତମାନଙ୍କୁ ନିକଟସ୍ଥ ଆପୋଲୋ ହସ୍ପିଟାଲ ଓ ଛତିଶଗଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ହସ୍ପିଟାଲ ବିଳାସପୁରକୁ ସ୍ଥାନାନ୍ତର କରାଯାଇଛି । ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବା କୁହାଯାଉଛି । ଘଟଣାରୁ ପ୍ରକାଶ ଯେ ମାଲବାହୀ ଟ୍ରେନ୍‌କୁ ମେମୁ ଟ୍ରେନ୍‌ଟି ପଛରୁ ମାଡ କରିବାରୁ ଟ୍ରେନ୍‌ଟି ମାଲବାହୀ ଟ୍ରେନ୍ ଉପରେ ଚଢ଼ି ଯାଇଥିଲା । ଲୋକୋପାଇଲଟ୍, ସହକାରୀ ଲୋକୋପୋଇଲ ଓ ଟ୍ରେନ୍ ମ୍ୟାନେଜରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଦୁର୍ଘଟଣା ପରେ ମାଲବାହୀ ଟ୍ରେନ୍‌ର ଗାର୍ଡ ଫେରାର ଅଛନ୍ତି । ଗ୍ୟାସ କଟରରେ ଲୁହାକୁ କଟାଯାଇ ଯାତ୍ରୀମାନଙ୍କୁ ବାହାର କରାଯାଉଛି । ଜଣେ ଆହତ ମହିଳା ଯେକି ବିଳାସପୁରରୁ ଅଖିଲତାରା ଯାତ୍ରା କରୁଥିଲେ । ସେ କହିଛନ୍ତି ଯେ କ'ଣ ଘଟିଲା ସେ କିଛି ବୁଝିପାରିନଥିଲେ । ଲୋକମାନେ ତଳେ ପଡ଼ିବା ସହ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ । ଟ୍ରେନ୍‌ଟି ମାଡ ହେବାପରେ ତାଙ୍କ ଗୋଡଟି ସିଟ୍ ତଳେ ରହିଯାଇଥିଲା । ମୋତେ ତୁରନ୍ତ ଉଦ୍ଧାର ( ୯ ପୃଷ୍ଠାରେ)

## ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଶେଷ

# ୧୨୧ ଆସନରେ ୧୩୧୪ ପ୍ରାର୍ଥୀ



ପାଟନା, ୪ ।୧୧ : ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଛି । ଇତି ମଧ୍ୟରେ ନଭେମ୍ବର ୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରୁ ପ୍ରଚାର ଶେଷ ହୋଇଛି । ୧୮ ଜିଲ୍ଲାର ୧୨୧ ଆସନରେ ନଭେମ୍ବର

### ଆସନ୍ତା ୬ରେ ହେବ ମତଦାନ

୬ ତାରିଖରେ ଭୋଟ୍ ହେବ । ୧୨୧ ଆସନରେ ମୋଟ୍ ୧୩୧୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ମାଧେପୁରା, ସହରସା, ଦରଭଙ୍ଗା, ମୁଜାଫରପୁର, ଗୋପାଳଗଞ୍ଜ, ସିୱାନ୍, ସରନ, ବୈଶାଳି, ସମସ୍ତିପୁର, ବେଗୁସରାଇ, ଖଗାରିଆ, ମୁଙ୍ଗେର, ଲଖିସରାଇ,ଶେଖପୁରା, ନାଳନ୍ଦା, ପାଟନା, ଭୋଜପୁର ଓ ବକ୍ସର ଜିଲ୍ଲାରେ ଏହି ଆସନ ରହିଛି । ମୋଟ୍ ୧୨୧ ଆସନ ପାଇଁ ୨୪୯୬ ଜଣ ନାମାଙ୍କନ ଦାଖଲ କରିଥିଲେ । ଯାଞ୍ଚ ପରେ ୧୯୩୯ ଜଣଙ୍କ ପ୍ରାର୍ଥିପତ୍ର କାଏମ ( ୯ ପୃଷ୍ଠାରେ)

# ଫେରାଇ ଆଣିବାକୁ ବୈଦେଶିକ ମନ୍ତ୍ରଣାଳୟକୁ ସରକାରଙ୍କ ଚିଠି

### ସୁଦାନରେ ନିଖୋଜ ଓଡ଼ିଆ ଯୁବକ ଆଦର୍ଶ

ଭୁବନେଶ୍ୱର, ୪ ।୧୧ (ସବ୍ୟୁ) : ରାଜ୍ୟ ସରକାର ଆଜି ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲାର ଓଡିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି । ଆଦର୍ଶଙ୍କ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ମୁଖ୍ୟମନ୍ତ୍ରୀ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ରାଜ୍ୟର ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ରଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି । ଏଥି ସହିତ, ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ବୈଦେଶିକ ମନ୍ତ୍ରାଳୟକୁ ପତ୍ରଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି ।

ସୂଚନା ଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ( ୯ ପୃଷ୍ଠାରେ)

## ନୂଆପଡ଼ା ଉପନିର୍ବାଚନ

# 'ବେଇମାନ' ଶବ୍ଦକୁ ନେଇ ଆରୋପ-ପ୍ରତ୍ୟାରୋପ

### ବିଜେଡି ଆମ ସହ ବେଇମାନୀ କରିଛି : ଜୟ-ତାଙ୍କ ମା'ଙ୍କ ବୟାନ

ନୂଆପଡ଼ା/ଭୁବନେଶ୍ୱର, ୪ ।୧୧ (ସବ୍ୟୁ): ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ରେ ମତଦାନ । ଏହାରି ମଧ୍ୟରେ ରାଜନୈତିକ ଯୁଦ୍ଧ ଜୋର ଧରିଛି । ମତଦାନ ତାରିଖ ପାଖେଇ ଆସୁଥିବା ବେଳେ ରାଜନୀତିରେ ରୋଚକ ମୋଡ଼ ଆସିଛି । ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆ ମୁହଁ ଖୋଲିଛନ୍ତି । ସେ ସାମାଜିକ ଗଣମାଧ୍ୟମରେ ବିଜେଡ଼ି ସୁପ୍ରିମୋ ଓ ବିଜେଡ଼ି ଦଳକୁ ଅନେକ କଟାକ୍ଷ କରିଛନ୍ତି । ତାଙ୍କର ସ୍ୱାମୀ ଅସୁସ୍ଥ ହେବା ଠାରୁ ଆରମ୍ଭ କରି ଜୟ ଢୋଲକିଆ ବିଜେପିରେ ଯୋଗ ଦେବା ପର୍ଯ୍ୟନ୍ତ ଘଟଣାକ୍ରମ କହିଛନ୍ତି । କଳ୍ପନା ଢୋଲକିଆ ସାମାଜିକ ଗଣମାଧ୍ୟମ "ଫେସବୁକ୍" ମାଧ୍ୟମରେ ଭିଡିଓ ବାର୍ତ୍ତା ଜାରି କହିଛନ୍ତି । ସେ କହିଛନ୍ତି ଯେ, ଆଜି ମୋର ପରିବାର ସମ୍ପର୍କରେ କିଛି କଥା କହିବାକୁ ସାମାଜିକ ଗଣମାଧ୍ୟମକୁ ପାଥେୟ କରିଛି ( ୯ ପୃଷ୍ଠାରେ)

### ବେଇମାନୀ ଆଖ୍ୟାରୁ ବର୍ତ୍ତିବା ପାଇଁ ଜୟ ମିଛ କହୁଛନ୍ତି: ବିଜେଡି

ଭୁବନେଶ୍ୱର, ୪ ।୧୧ (ସବ୍ୟୁ) : ବିଜେଡି ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଛି । ଦଳର ନେତାମାନେ ଜୟ ଢ଼ୋଲକିଆଙ୍କ ମନ୍ତବ୍ୟର ଖୋଲାଖୋଲି ପ୍ରତିବାଦ କରି ସେ ମିଛ କହୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଜୟ ଓ ତାଙ୍କ ମାଆ ଆଣିଥିବା ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଥିଲେ । ଡ଼ ମହାନ୍ତି କହିଥିଲେ, ସୋମବାର ବିଜେଡି ସଭାପତି ଶ୍ରୀ ପଟ୍ଟନାୟକଙ୍କ ନିର୍ବାଚନ ସଭାରେ ବିଶାଳ ଜନସମାଗମ ଦେଖି ଜୟ ଢୋଲକିଆ ଓ ବିଜେପି ଆତଙ୍କିତ । ତେଣୁ ଆଜି ଜୟ ତାଙ୍କ ବାପାଙ୍କୁ ଶେଷ ( ୯ ପୃଷ୍ଠାରେ)

## ପୂର୍ଣ୍ଣିମା ପରେ ବଢ଼ିବ ଶୀତ


ଭୁବନେଶ୍ୱର, ୪ ।୧୧ (ସବ୍ୟୁ): ରାଜ୍ୟରେ ପହିଲି ଶୀତ ଅନୁଭୂତ ହେଲାଣି । ଆଭ୍ୟନ୍ତରୀଣ ଅଞ୍ଚଳର କିଛି ସ୍ଥାନରେ ରାତିର ତାପମାତ୍ରା ଖସିବାରେ ଲାଗିଛି । ଏମିତିକି କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସି ଆସିଛି । ଆସନ୍ତା ଦୁଇଦିନ ପରେ ବିଭିନ୍ନ ସ୍ଥାନରେ ରାତିର ପାରଦ ଆହୁରି ଖସିବ ବୋଲି ପୂର୍ବାନୁମାନ କରିଛନ୍ତି ( ୯ ପୃଷ୍ଠାରେ)

## ଉତ୍କଳ ବିଲ୍‌ଡର୍ସରେ ଆଇଟି ଚଢାଉ

ଭୁବନେଶ୍ୱର, ୪ ।୧୧ (ସବ୍ୟୁ) : ୧୦୦ କୋଟି ଟଙ୍କା ହେରାଫେରିରେ ଉତ୍କଳ ବିଲ୍ଡର୍ସ ଉପରେ ଆୟକର (ଆଇଟି) ଚଢାଉ କରୁଛି । ଏକସଙ୍ଗେ ୧୪ଟି ସ୍ଥାନରେ ୧୨୦ ଅଫିସର ଚଢାଉ କରିଥିବା ବେଳେ ଆକାଉଣ୍ଟାଣ୍ଟକୁ ଅଟକ ରଖି ପଚରାଉଚରା କରାଯାଉଛି ।

ମଙ୍ଗଳବାର ଭୋର୍ ୪ଟା ବେଳେ ହଠାତ୍ ଆୟକର ଟିମ୍ ଭୁବନେଶ୍ୱର ସହିଦନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସହିଦନଗର ମୁଖ୍ୟ କାର୍ଯ୍ୟାଳୟରୁ ଚଢାଉ ଆରମ୍ଭ ହୋଇଥିବା ବେଳେ ସମୁଦାୟ ୧୪ଟି ସ୍ଥାନରେ ଚଢାଉ ଜାରି ରହିଛି । ଆକାଉଣ୍ଟକୁ ଘାଣ୍ଟିବା ସହ ପାର୍ଟନରମାନଙ୍କୁ ( ୯ ପୃଷ୍ଠାରେ)







# କଳିଙ୍ଗର ନୌବାଣିଜ୍ୟ ଓ ବୋଇତ ବନ୍ଦାଣ



ଉତ୍କୃଷ୍ଟ କଳାର ଦେଶ ଉତ୍କଳ । ଅତୀତରେ ଓଡିଶା ଉତ୍କୃଷ୍ଟ କଳା, ସଂସ୍କୃତି, ସ୍ଥାପତ୍ୟ, ଭାସ୍କର୍ଯ୍ୟ,ନୌବାଣିଜ୍ୟ ଆଦି ପାଇଁ ସମଗ୍ର ବିଶ୍ୱରେ ସୁବିଦିତ ଥିଲା । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଆଜି ପ୍ରତିଟି ଓଡ଼ିଆ ସ୍ମୃତିର ମାନସପଟ୍ଟରେ ଉଜ୍ଜୀବିତ । କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଥିଲା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ । କଳିଙ୍ଗର ସାଧବପୁଅମାନେ ସମୁଦ୍ର ବକ୍ଷରେ ବୋଇତ ଭସାଇ ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆ ଦ୍ୱୀପପୁଞ୍ଜ ସମେତ ଚୀନ , ୟୁରୋପ ଆଦି ଦେଶ ସହିତ ବାଣିଜ୍ୟ ଦ୍ୱାରା ଆମ ଦେଶକୁ ଋଦ୍ଧିମନ୍ତ କରିଥିଲେ । କଳିଙ୍ଗର ପ୍ରାକୃତିକ ପରିବେଶ, ସୁଗଭୀର ନଦନଦୀ ନୌ-ଚାଳନା ପାଇଁ ବିଶେଷ ଅନୁକୂଳ ଥିଲା । ପ୍ରାଚୀନ କାଳରେ କଳିଙ୍ଗ ଉପକୂଳ ତଥା ନଦୀ ମୁହାଣମାନଙ୍କରେ ଅନେକ ବନ୍ଦର ଯଥା ତାମ୍ରଲିପ୍ତି, ଚେଲିତାଲୋ, ପାଲୁର, ପିଥୁଣ୍ଡ ଓ କଳିଙ୍ଗପଟ୍ଟନମ୍ ଇତ୍ୟାଦି କଳିଙ୍ଗର ପ୍ରମୁଖ ବନ୍ଦର ଭାବରେ ଗଣା ହେଉଥିଲା । ସେହି ବନ୍ଦରମାନଙ୍କରୁ କଳିଙ୍ଗର ସାଧବ ପୁଅମାନେ ସାତ ସମୁଦ୍ର ପାର ହୋଇ ସିଂହଳ, ବର୍ମା, ଜାଭା, ସୁମାତ୍ରା,ବୋର୍ଣ୍ଣିଓ, ବାଲି, ଦକ୍ଷିଣ ପୂର୍ବ ଏସିଆର ଦେଶ ସମୂହ ଓ ଚୀନ ସହ ସହଜରେ ବାଣିଜ୍ୟ କରୁଥିଲେ । ଓଡିଆ ସାଧବପୁଅମାନେ ଆମ ରାଜ୍ୟର ସୂକ୍ଷ୍ମ ବସ୍ତ୍ର, ହସ୍ତଶିଳ୍ପ ସାମଗ୍ରୀ, ପାଟ ବସ୍ତ୍ର, ପଟ୍ଟଚିତ୍ର, ତାରକସି କାମ, କଂସା ବାସନ, ଚାହୁଆ, ପାନପତ୍ର ଆଦି ନେଇ ବିଦେଶରେ ବିକ୍ରି କରୁଥିଲେ । ଅନ୍ୟପକ୍ଷରେ ବିଦେଶରୁ ଅଳେଇଚ, ଲବଙ୍ଗ, ଗୁଆ ସମେତ ସୁନା, ରୂପା, ମୋତି, ମାଣିକ୍ୟ ପ୍ରଭୃତି ଆମଦାନୀ କରି ସାଧବ ପୁଅ ଘରକୁ ବାହୁଡୁ ଥିଲେ ଏବଂ ଓଡ଼ିଶାକୁ ବୈଭବଶାଳୀ କରିଥିଲେ । ସେତେବେଳେ କଳିଙ୍ଗର ସାଧବ ପୁଅମାନେ ଖୁବ ଦୁଃସାହସି ଏବଂ ନୌଚାଳନାରେ ଦକ୍ଷ ଥିଲେ । କାର୍ତ୍ତିକ ପୂର୍ଣ୍ଣିମା ହିନ୍ଦୁମାନଙ୍କ ପାଇଁ ଗୋଟିଏ ପବିତ୍ର ଦିବସ ହୋଇଥିବାରୁ ଏବଂ ଏହା ପରଠାରୁ ବୋଇତରେ ଯାତ୍ରା କରିବାପାଇଁ ମୌସୁମୀ ବାୟୁ ସହାୟକ ହେଉଥିବାରୁ ସାଧବପୁଅମାନେ ଏହିଦିନ ନୌଯାତ୍ରା ଆରମ୍ଭ କରୁଥିଲେ । ସାଧବପୁଅଙ୍କ ଦୁଃସାହସିକ ଜଳଯାତ୍ରା ଆଜି ମଧ୍ୟ ପ୍ରେରଣା ଦିଏ । ନୌବାଣିଜ୍ୟ ହିଁ ଓଡ଼ିଶାକୁ ଏକ ସାମୂହିକ ବାଣିଜ୍ୟ ସମୃଦ୍ଧି, ଐଶ୍ୱର୍ଯ୍ୟପୂର୍ଣ୍ଣ ବିତ୍ତଶାଳୀ ରାଜ୍ୟର ମାନ୍ୟତା ପ୍ରଦାନ କରିଥିଲା । ସାତ ଦରିଆପାରିର ବଣିକ ସ୍ମୃତିକୁ ନେଇ ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସ ସୃଷ୍ଟି ହୋଇଛି । ବର୍ତ୍ତମାନ ପାଳିତ ହେଉଥିବା ବୋଇତ ବନ୍ଦାଣ ଏହି ମହାନ ଇତିହାସର ଜୀବନ୍ତ ସାକ୍ଷୀ । କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ନିଖୁଣ ଚିତ୍ର ମଧ୍ୟ ମହାଭାରତ, ରାମାୟଣ, କାଳିଦାସଙ୍କ ରଘୁବଂଶ, ବିଭିନ୍ନ ପୁରାଣ, ପ୍ରାଚୀନ ବୌଦ୍ଧ ଶାସ୍ତ୍ର ଠାରୁ ଆରମ୍ଭ କରି ହୁଏନସାଙ୍କ ବିବରଣୀରେ ସ୍ଥାନ ପାଇଛି । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ଓଡ଼ିଶାକୁ ଧନଶାଳୀ ଓ ସମୃଦ୍ଧ କରିବା ସହିତ ଓଡ଼ିଶାର ସଂସ୍କୃତିକୁ ପ୍ରସାର କରିଥିଲା ।  ହଜାର ବର୍ଷର ଐତିହ୍ୟକୁ ମନେପକାଇବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ପାଳନ କରାଯାଉଛି ବୋଇତ ବନ୍ଦାଣ ଉତ୍ସବ । କାର୍ତ୍ତିକ ପୂର୍ଣ୍ଣିମାର ପାହାନ୍ତା ବେଳାରେ  ନଦୀ, ପୁଷ୍କରିଣୀ ସବୁଠି ଭାସି ଉଠୁଛି କଦଳୀ ପଟୁଆ, କାଗଜ ଓ ସୋଲ ନିର୍ମିତ ବୋଇତ । ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ୱାକ୍ଷର ବହନକରି ଓଡ଼ିଆ ଜାତିର ସମୃଦ୍ଧ ଇତିହାସକୁ ପ୍ରତିବିମ୍ବିତ କରୁଛି ଆଜିର ବୋଇତ । କାର୍ତ୍ତିକ ପୂର୍ଣ୍ଣମୀ ଦିନ ଉପକୂଳବର୍ତ୍ତୀ ଓଡ଼ିଶାରେ ବୋଇତ ବନ୍ଦାଣ କରାଯାଏ । ଏହି ପରମ୍ପରା ଅତି ପ୍ରାଚୀନ । ଏହି ପବିତ୍ର ବୋଇତ ବନ୍ଦାଣ ଉତ୍ସବ ଆମ୍ଭର ପୂର୍ବ ସଂସ୍କୃତି, ସଭ୍ୟତା,କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସାମୁଦ୍ରିକ ବାଣିଜ୍ୟର ବାର୍ତ୍ତା ବହନ କରେ । କାର୍ତ୍ତିକ ପୂର୍ଣ୍ଣିମା ସହ ଓଡ଼ିଶାର ରହିଛି ସ୍ୱତନ୍ତ୍ର ସମ୍ପର୍କ । ଉତ୍କଳୀୟ ନୌବାଣିଜ୍ୟର ଜ୍ୱଳନ୍ତ ନିଦର୍ଶନ ହେଉଛି କାର୍ତ୍ତିକ ପୂର୍ଣ୍ଣିମା । ପ୍ରାଚୀନ ଉତ୍କଳୀୟ ପରମ୍ପରାକୁ ମନେପକାଇବାକୁ  କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହୁଏ ବୋଇତ ବନ୍ଦାଣ ଉତ୍ସବ । ସକାଳୁ ସକାଳୁ ନଦୀ ପୁଷ୍କରିଣୀରୁ ଭାସିଆସେ ପବିତ୍ର ଧ୍ୱନି

'ଆ-କା-ମାବୈ
ପାନଗୁଆ ଥୋଇ
ପାନଗୁଆ ତୋର
ମାସକ ଧରମ ମୋର ।।'

କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ ଆବାଳବୃଦ୍ଧବନିତା ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ ଡଙ୍ଗା ଭସାଇବା ସହିତ ପୁଣ୍ୟ ଅର୍ଜନ କରିଥାନ୍ତି ।

ଚିତ୍ତରଞ୍ଜନ ପୃଷ୍ଟି, ମୋ-୯୭୭୮୧୭୭୫୦୧

**ଓଡ଼ିଶାରେ ବାର ମାସରେ ପଡିଥାଏ ତେର ପର୍ବ । ଯେଉଁଥିରେ କାର୍ତ୍ତିକ ପୂର୍ଣ୍ଣିମାର ରହିଛି ବିଶେଷ ମହତ୍ତ୍ୱ । ଏହିଦିନ ଓଡ଼ିଶାର ଐତିହ୍ୟ ସହିତ ପରମ୍ପରାର ମିଳନ ଘଟିଥାଏ । ଧର୍ମ ଅର୍ଜନ ସହିତ ଲୋକମାନେ ଓଡ଼ିଶାର ନୌବାଣିଜ୍ୟ ଇତିହାସକୁ ମନେ ପକାଇ ପୋଖରୀ, ସମୁଦ୍ର ଓ ନଦୀରେ ଡଙ୍ଗା ଭସାଇଥାଆନ୍ତି । ଯାହା ଏହି ପର୍ବକୁ ଦେଇଥାଏ ସ୍ୱତନ୍ତ୍ର ପରିଚୟ ।**



## ବାଲିଯାତ୍ରା

ବାଲିଯାତ୍ରା ହେଉଛି ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟର ଯାତ୍ରା । ଏହି ଯାତ୍ରା (ଅକ୍ଟୋବର-ନଭେମ୍ବର) କାର୍ତ୍ତିକ ମାସର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ । ଆଗ କାଳରେ ସାଧବପୁଅମାନେ ନିଜ ବୋଇତରେ ଜାଭା, ବାଲି, ସୁମାତ୍ରା,ବୋର୍ଣ୍ଣିଓ (ଏବେକାର ଇଣ୍ଡୋନେସିଆ) ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଇଥାଏ । ଓଡ଼ିଶାର କଟକ ସହରରେ ବୋଇତ ବନ୍ଦାଣ ବା ବାଲିଯାତ୍ରାର ମହାସମାଗମ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଓଡ଼ିଆମାନେ ଆକାମା ବୈ ଗୀତ ବୋଲି ଡଙ୍ଗା ଭସାଇଥାନ୍ତି ଓ ଓଡ଼ିଶାର ଏହି ଅତୀତର ଇତିହାସକୁ ମନେପକାଇଥାନ୍ତି । ଏହି ସମୟକୁ ସାଧବମାନେ ବେପାର-ବଣିଜ ପାଇଁ ପ୍ରକୃଷ୍ଟ ସମୟ ଭାବୁଥିଲେ କାରଣ ପବନର ଗତି ସେମାନଙ୍କ ଯାତ୍ରାକୁ ସହଜ କରୁଥିଲା । କଟକଠାରେ ବାଲିଯାତ୍ରା ପ୍ରତି ବର୍ଷ ଗଡ଼ଗଡ଼ିଆ ଘାଟ ଓ ବାରବାଟି ଦୁର୍ଗ ନିକଟରେ ଅନୁଷ୍ଠିତ ହୋଇଥାଏ । ଏଠାକୁ ଓଡ଼ିଶା ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ବ୍ୟବସାୟୀ ଆସିଥାନ୍ତି । ଦେଶର ବିଭିନ୍ନ ପ୍ରାନ୍ତର ହସ୍ତ-ଶିଳ୍ପ ଦେଖିବାକୁ ମିଳିଥାଏ । ବାଲିଯାତ୍ରାରେ କଟକ ପ୍ରସିଦ୍ଧ ଦହିବରା-ଆଳୁଦମ ଓ ଠୁଙ୍କାପୁରି ଇତ୍ୟାଦି ଖାଦ୍ୟ ବହୁସ୍ଥାନରେ ବିକ୍ରିହୁଏ ।

## ଇତିହାସ

ବାଲି ଅର୍ଥାତ ଇଣ୍ଡୋନେସିଆର ବାଲିଦ୍ୱୀପ ଯାହା ସହ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ରହିଥିଲା । ଓଡ଼ିଆ ସାଧବ ପୁଅ ଅର୍ଥାତ ବଣିକ ଗୋଷ୍ଠିର ପ୍ରତିନିଧି ଗଣ ବାଲି ଦ୍ୱୀପ ସହ ଯାଭା, ସୁମାତ୍ରା, ବୋର୍ଣ୍ଣିଆ ଦ୍ୱୀପମାନଙ୍କୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗମନ କରୁଥିଲେ । ବ୍ୟବସାୟରୁ ପ୍ରାପ୍ତ ଧନସମ୍ପଦକୁ ଆଣି ଉତ୍କଳର ଅର୍ଥନୀତିକୁ ସମୃଦ୍ଧ କରିବାରେ ଏମାନଙ୍କର ଯୋଗଦାନ ଖୁବ ଅଧିକ ଥିଲା । ଯଦିଓ ଅନ୍ୟାନ୍ୟ ଅଞ୍ଚଳ ସହ ବ୍ୟବସାୟିକ ସମ୍ପର୍କ ରହିଥିଲା, କିନ୍ତୁ ବାଲି ଦ୍ୱୀପ ପେଣ୍ଠସ୍ଥଳୀ ଭାବେ ପରିଗଣିତ ଥିଲା । ଏଣୁ ଏହି ଯାତ୍ରାର ଏଭଳି ନାମକରଣ କରାଯାଇଛି ବୋଲି ଆକଳନ କରାଯାଏ । ଅନ୍ୟମତାନୁସାରେ କାର୍ତ୍ତିକ ପୂର୍ଣ୍ଣିମାରେ ଉଚ୍ଚାରିତ ଆକାମାବୈ ଶବ୍ଦ ବର୍ଷର ମୁଖ୍ୟ ଚାରିମାସ ଯାହା ଯଥା :-ଆଷାଢ, କାର୍ତ୍ତିକ,ମାର୍ଗଶୀର ଏବଂ ବୈଶାଖ  ସେଥିରେ ଧର୍ମ କର୍ମ ସମୂହ ତଥା ଇଶ୍ୱରୋପାସନା କରିବାକୁ ଦର୍ଶାଏ ।

ବର୍ତ୍ତମାନ କଟକ ସହରରେ ବାଲିଯାତ୍ରା ଏକ ପାରିବାରିକ ଉତ୍ସବ ପାଲଟିଛି । ଅନେକ ବ୍ୟବସାୟୀ ବାଣିଜ୍ୟମେଳାରେ ଅଂଶଗ୍ରହଣ କରି ନିଜର ଦ୍ରବ୍ୟ ବିକ୍ରି କରି ଉପଯୁକ୍ତ ପାରିଶ୍ରମିକ ଲାଭ କରୁଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି, ଯେଉଁଥିରେ ସ୍ଥାନୀୟ କଳାକାର ନିଜର ଗାନ୍ଧର୍ବ କଳା ପ୍ରଦଶିତ କରି ଅନେକ ପ୍ରଶଂସା ସାଉଁଟିବା ସହ ଦେଶ ବିଦେଶରେ ପରିଚିତ ହେଉଛନ୍ତି । ଆଠଦିନ ବ୍ୟାପି ଏହି ମହୋତ୍ସବରେ ଏକ ହଜାରରୁ ଉର୍ଦ୍ଧ୍ୱ ଷ୍ଟଲ ମାନ ବସାଯାଇ ହସ୍ତଶିଳ୍ପ, କାରୁକାର୍ଯ୍ୟ, ପାରମ୍ପାରିକ ଦ୍ରବ୍ୟ, ଘରୋଇ ଉପକରଣ, ଆସବାବପତ୍ର ଆଦି ବିକ୍ରି ହେଉଛି । ଓଡ଼ିଶାର ପୁରପଲ୍ଲୀରେ ବୋଇତ ବନ୍ଦାଣ କାଠ ଓ ସୋଲ ତିଆରି ଡଙ୍ଗା ଭସାଇ ଏହି ଇତିହାସକୁ ମନେପକାଇ ପାଳନ କରାଯାଇଥାଏ । ଏହା ଛଡ଼ା ସୁରତ ଆଦି ସ୍ଥାନରେ ମଧ୍ୟ ଓଡ଼ିଆମାନେ ଏହାକୁ ପାଳନ କରିଥାନ୍ତି । ବାଲିଯାତ୍ରା କେବେ ଓ କାହିଁକି ଆରମ୍ଭ ହେଇଥିଲା ତାହାର ସଠିକ୍ ତଥ୍ୟ ନାହିଁ । ଏହାକୁ ନେଇ ଭିନ୍ନଭିନ୍ନ ମତ ରହିଛି ।

## ପ୍ରଥମ ମତ

ପ୍ରଥମ ମତଟି ହେଲା ବୃହତ କଳିଙ୍ଗ ରାଷ୍ଟ୍ରର ସାଧବମାନେ ଏହିଦିନ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ଜଳପଥରେ ଯାଉଥିବାରୁ ମହାନଦୀ କୂଳରେ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ହେଲେ ଏହି ମତକୁ ନେଇ ଅନେକ ବିବାଦ ମଧ୍ୟ ରହିଛି । ହେଲେ ବିଦାୟକାଳୀନ ପରିବେଶ କିଭଳି ଉତ୍ସବମୁଖର ହୋଇପାରିବ ଏହାକୁ ନେଇ ପ୍ରଶ୍ନ ରହିଛି । ସେହିଭଳି କଳିଙ୍ଗର ସାଧବ ଗୋଟିଏ ସ୍ଥାନରୁ ବାଣିଜ୍ୟ କରିବାକୁ ଯାଉନଥିଲେ ତେଣୁ ଅନ୍ୟତ୍ର ବି ଏହି ଯାତ୍ରା ପ୍ରଚଳିତ ହେବା କଥା । ହେଲେ ତାହାର ସେପରି ପ୍ରମାଣ ନାହିଁ ତେଣୁ ଏହି କାରଣଟି ବିବାଦରେ ରହିଛି ।

## ଦ୍ୱିତୀୟ ମତ

ଦ୍ୱିତୀୟ ମତଟି ହେଲା ଏହିଦିନଟିରେ ବାଣିଜ୍ୟ ବେପାର ସାରି ସାଧବମାନେ ନିଜ ଜନ୍ମମାଟିକୁ ଫେରିଆସୁଥିବାରୁ ସେମାନଙ୍କ ସ୍ୱାଗତ - ସମ୍ବର୍ଦ୍ଧନା ଉପଲକ୍ଷେ ବାଲିଯାତ୍ରା ଅନୁଷ୍ଠିତ ହେଉଥିଲା । ହେଲେ ସାଧବମାନଙ୍କ ବାଣିଜ୍ୟ ବେପାରର ଐତିହ୍ୟ ଅନୁଶୀଳନ କଲେ ଜଣାଯାଏ ଯାଉଛି ସେମାନେ ବର୍ଷା ଚାରିମାସ ଯିବାପରେ ଜଳପଥରେ ବିଦେଶ ଯାଉଥିଲେ । ବର୍ଷା ଚାରିମାସ ଆରମ୍ଭ ପୂର୍ବରୁ ନୁହେଁ, କାରଣ ଏହି ଚାରିମାସ ସମୁଦ୍ରର ଜଳପଥ ବିପଦପୂର୍ଣ୍ଣ ରହୁଥିଲା । ତେଣୁ ଏହି ମତଟି ଜନଶ୍ରୁତି ଉପରେ ଆଧାରିତ ବୋଲି କୁହାଯାଇଥାଏ ଏବଂ ବାଲିଯାତ୍ରା ଅନୁଷ୍ଠିତ ହେବାର କାରଣ ଭାବେ ଗ୍ରହଣ କରାଯାଇ ନଥାଏ ।

## ଐତିହାସିକ ମତ

ମହାରାଜା ଉଦ୍ୟୋତକେଶରୀ ସିଂହଳ ଦେଶ ବିଜୟ କରି ଜଳପଥରେ ଫେରିବାର ସ୍ମୃତିରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ ବୋଲି ସୂଚନା ମିଳେ । ଏହା ଏକ ଐତିହାସିକ ସତ୍ୟ ହୋଇପାରେ । ମହାରାଜା ଉଦ୍ୟୋତକେଶରୀ ଉତ୍କଳ ଦେଶର ରାଜା ଥିଲେ । ଶିଳଲେଖ ଅନୁଯାୟୀ ସୋମବଂଶୀ ରାଜା ଉଦ୍ୟୋତକେଶରୀ ୧୮ ବର୍ଷ ରାଜତ୍ୱ କରିଥିଲେ  । ମହାରାଜା ଉଦ୍ୟୋତକେଶରୀ ଚୋଳରାଜା ମାଧବ ବର୍ମାଙ୍କୁ ପରାଜିତ କରି ସମ୍ପୂର୍ଣ୍ଣ ଦକ୍ଷିଣାପଥ ବିଜୟ କରିବା ପରେ ସିଂହଳ ଆକ୍ରମଣ କରିଥିଲେ । ସିଂହଳରେ ସେତେବେଳେ ରାଜାଥିଲେ ଚିତ୍ରକେୟୁର । ସିଂହଳ ବିଜୟ ପରେ ମଣିମୁକ୍ତା ପ୍ରଭୃତି ଧନରତ୍ନ ସେ ସାଙ୍ଗରେ ଆଣିଥିଲେ । ସେ ଜଳପଥରେ ଆସି ମହାନଦି ମୂହାଣ ଦେଇ ନିରାପଦ ସ୍ଥାନ କଟକ ଦ୍ୱୀପରେ ପହଞ୍ଚି ବିଶ୍ରାମ ନେଇଥିଲେ । ସେହି ସମୟରେ ଏହି ଯାତ୍ରା ଆରମ୍ଭ ହୋଇଥିବା ସମ୍ଭବ । ସେହି ସମୟରେ ଲୋକମୁଖରେ ପ୍ରସିଦ୍ଧିଥିଲା ସାଧବ ପୁଅ ବାଲି, ସୁମାତ୍ରା - ବର୍ଣ୍ଣିଓ ଯାଉଥିଲେ ବୋଲି । ତେଣୁ ଏହାକୁ ମଧ୍ୟ ଲୋକମୁଖରେ ବାଲିରୁ ଫେରିବା କହି ଏହାର ନାଁ ବାଲିଯାତ୍ରା ରଖାଯାଇଥିବା ନେଇ ମତ ରହିଛି ।







## ହବିଷ ଡାଲମା




**ସାମଗ୍ରୀ-** କଞ୍ଚା ମୁଗଡ଼ାଲି, ସାରୁ, ଓଉ, ଗୁଆଘିଅ, ଜିରାଗୁଣ୍ଡ ।

**ପ୍ରଣାଳୀ-** ପ୍ରଥମେ କଞ୍ଚାମୁଗଡ଼ାଲିକୁ ଭଲଭାବେ ଧୋଇ ଏକ ହାଣ୍ଡିରେ ସିଝାନ୍ତୁ । ସେଥିରେ କଟା ସାରୁ, କଟା କଞ୍ଚାକଦଳୀ ଓ କଟା ଓଉକୁ ପକାଇ ସିଝାଇବା ସମୟରେ ଟିକେ ଅଦାଛେଚି ସେଥିରେ ସିଝାଇ ଦିଅନ୍ତୁ । ସେ ସବୁ ସିଝିଯିବା ପରେ ସେଥିରେ ଟିକେ ଗାଈଘିଅ ଓ ଜିରାଗୁଣ୍ଡ ପକାଇ ପରଷନ୍ତୁ ହବିଷ ଡାଲମା ।

## ବାଲିଯାତ୍ରାର ସ୍ୱାଦିଷ୍ଟ ଖାଦ୍ୟ









## କଳିଙ୍ଗ ବାଲିଯାତ୍ରା ୨୦୨୫ ଉଦ୍‌ଘାଟିତ

# ପାରାଦୀପ ହେବ ବିଶ୍ୱର ତୃତୀୟ ବୃହତ ବନ୍ଦର : ମୁଖ୍ୟମନ୍ତ୍ରୀ

ପାରାଦୀପ( ଜି.ପ୍ର ) ସର୍ବ ଭାରତୀୟ କ୍ଷେତ୍ରରେ ବାଣିଜ୍ୟିକ ଦୃଷ୍ଟିକୋଣରୁ ପାରାଦୀପ ବନ୍ଦର ଏକ ନମ୍ବର ଥିବା ବେଳେ ଆଗାମୀ ଦିନରେ ବିଶ୍ୱ ବାଣିଜ୍ୟିକ କ୍ଷେତ୍ରରେ ତୃତୀୟ ସ୍ଥାନ ଅଧିକାର କରିବାର ସମ୍ଭାବନା ସୃଷ୍ଟି ହୋଇଛି ସେଥିପାଇଁ ପାରାଦୀପରେ ବୃହତ ପୁଞ୍ଜି ନିବେଶ କରାଯାଉଛି । ମୋଦିଜୀଙ୍କ ତତ୍ୱାବଧାନରେ ସମସ୍ତ ଭିତ୍ତିଭୂମି କରାଯିବ । ପାରାଦୀପ ଭାରତର ବିକାଶ ପଥରେ ଏକ ସ୍ୱତନ୍ତ୍ରତା ଭାର ବହନ କରିବ ଓ ଏଠି ପର୍ଯ୍ୟଟନ କ୍ଷେତ୍ର ହେବାକୁ ସରକାର ନିଷ୍ପତି ନେଉଛନ୍ତି । ସିପ ବିଲଡିଂ ୨୫ ହଜାର କୋଟି ଟଙ୍କାର ସହ ପେଟ୍ରୋ କେମିକାଲ୍ସ ହେବ।

ନାପ୍ଥା ପ୍ରୋଜେକ୍ଟ ରେ ୮୦ ହଜାର କୋଟି ଟଙ୍କାର ଏମଓୟୁ ସରିଛି । ଗ୍ରୀନ ହାଇଡ୍ରୋଜେନ ହବ ପାଇଁ ୪୦ ହଜାର କୋଟି ପୁଞ୍ଜି ନିବେଶ ସହ ଏବେ ପୁଣି ପାରାଦୀପରେ ଦେଢ଼ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେବାକୁ ଯାଉଛି । ଏତେସବୁ ପ୍ରୋଜେକ୍ଟ ଆସିବା ପରେ ପାରାଦୀପରେ ନୂତନ ନିଯୁକ୍ତିର ସୃଷ୍ଟି ହେବ ବୋଲି ମଙ୍ଗଳବାର କଳିଙ୍ଗ ବାଲିଯାତ୍ରାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।ଆଧୁନିକତାର ଚାକଚକ୍ୟ ମଧ୍ୟରେ ହଜି ଯାଉଥିବା ଆଜିର ଯୁବପିଢ଼ି ଏହି ବାଲିଯାତ୍ରାରେ ବହୁ ସଂଖ୍ୟାରେ ଉପସ୍ଥିତ ଦେଖି ଅନେକ ଗର୍ବ ଲାଗୁଚି । ବାଲିଯାତ୍ରା ହେଉଛି ଓଡ଼ିଆ ସଂସ୍କୃତି ଓ ପରମ୍ପରାର ମହାପର୍ବ । ସମୁଦ୍ରର ଅଥଳ ଜଳରାଶିକୁ ଭୟ ନକରି ପାଲଟଣା ଜାହାଜରେ ବିଦେଶକୁ ଯାଇ ଅଜସ୍ର ଧାନ ସମ୍ପତି ଆଣି ଓଡିଶାକୁ ଶକ୍ତିଶାଳୀ କରିଛନ୍ତି ଆମ କଳିଙ୍ଗର ସାହସିକା ମାନେ ବୋଲି ସେ ପ୍ରକାଶ କରିଥିଲେ । ସେତେବେଳର ପାଲଟଣା ବୋଇତ ଓ ଆଜିର ଯନ୍ତ୍ର ଚାଳିତ ଜାହାଜରେ ଆମଦାନୀ ଏବଂ ରପ୍ତାନି ବୃଦ୍ଧି ଘଟୁଥିବା ଓ ଶିଳ୍ପ ପରେ ଶିଳ୍ପ ପାରାଦୀପକୁ ଆସୁଥିବା ବେଳେ ଆଗାମୀ ଦିନରେ ପାରାଦୀପ ହେବ ବିଶ୍ୱର ତୃତୀୟ ବୃହତମ ବନ୍ଦର।

ବାଲିଯାତ୍ରାର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମହାନଦୀ ମୁହାଣରେ ଜାହାଜ ନିର୍ମାଣ କାରଖାନା ଓ କଟକ ପାରାଦୀପ ରାସ୍ତା ଚାରିଲେନ ହେବାକୁ ଯାଉଥିବାବେଳେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳ ସାରଳା ସୂତାକଳ କରିଥିଲେ ଓ ବନ୍ଦ ହୋଇ ପଡିଥିବା ସେହି ଜାଗାରେ ଆମ ସରକାର ଏକ ଟେକ୍ସଟାଇଲ ହବ ର୍ନିମାଣ କରିବାକୁ ଯାଉଛନ୍ତି । ପାରାଦୀପରେ ଏକ ଇଂଜିନିୟରିଂ କଲେଜ ପ୍ରତିଷ୍ଠା ସହ କୁଜଙ୍ଗକୁ ଏନଏସି ଘୋଷଣା ଦିଗରେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ସେ ମଞ୍ଚରୁ ଅନୁରୋଧ କରିଥିଲେ। ଖାଲି ପାରାଦୀପରେ ଶିଳ୍ପ ହେଲେ ଜଗତସିଂହପୁର ଜିଲ୍ଲାର ନିଯୁକ୍ତି କେତେ ବୃଦ୍ଧି ହେଉଛି ତାହାକୁ ନେଇ ସରକାର ବିଶ୍ଳେଷଣ କରିବା ସହ ତିର୍ତ୍ତୋଲ ଅନୁଷ୍ଠିତ ଚେଳିତୋଳ ବଳିଯାତ୍ରାକୁ ଦୃଷ୍ଟି ଦେବାକୁ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ ଦାବି ରଖିଥିଲେ । ପାରାଦୀପ ସହର ଶିଳ୍ପ ସମୃଦ୍ଧି ସହର ହୋଇଥିବା ବେଳେ ସିଭିଲ ଟାଉନସିପ ଅବହେଳିତ , ସେଥିପ୍ରତି ଧ୍ୟାନ ଦେବା ନିହାତି ଜରୁରୀ ବୋଲି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଥିଲେ । ଏହି ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦଙ୍କ ସମେତ ସାଂସଦ ଡ ବିଭୁ ପ୍ରସାଦ ତରାଇ ଓ ଜିଲ୍ଲାପାଳ ଯେ ସୋନୁୱାଲ ଯୋଗଦେଇ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ ସ୍ଥାନୀୟନେହେରୁବଙ୍ଗଳା ଠାରେ ରାତ୍ରି ଯାପନ କରି ବୁଧବାର ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ୱେଟ୍ ବେସିନ ପାଖରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡିଛି ।





ପାରାଦ୍ୱୀପ ଗୋପବନ୍ଧୁ ଷ୍ଟାଡିଅମ ସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

## ଜମି ଲିଜ୍ ସଂକ୍ରାନ୍ତୀୟ ଆବେଦନ ଜିଲ୍ଲାପାଳଙ୍କ ବିଚାରାଧୀନ

# ଆରଡିଏ ଉଚ୍ଛେଦ ନୋଟିସ ରଦ୍ଦ କଲେ ହାଇକୋର୍ଟ

କଟକ,(ସବ୍ୟୁ): ଗୋଟେ ଜମି ଉପରେ ଲିଜ୍ ସଂକ୍ରାନ୍ତ ମାମଲାର ଶୁଣାଣି ଏବେ ବି ଜିଲ୍ଲାପାଳଙ୍କ ଅଧୀନରେ ବିଚାରଧୀନ ରହିଛି। ସେହି ଜମି ଉପରେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଛି । ଗୋଟିଏ ଜମି ଉପରେ ଯେଉଁଠି ଜିଲ୍ଲାପାଳଙ୍କ ପକ୍ଷରୁ ଲିଜ୍ ସଂକ୍ରାନ୍ତ ମାମଲାର ବିଚାରଧୀନ ରହିଛି ସେହି ଜମି ଉପରେ ଉଚ୍ଛେଦ ପାଇଁ ନୋଟିସ୍ କରାଯିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ହୋଇଥିବା ନୋଟିସ୍‌କୁ ରଦ୍ଦ କରି ଦେଇଛନ୍ତି । ଧର୍ମ ସଂଘ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ଏକ ନିର୍ଦ୍ଦିଷ୍ଟ ଜାଗାରେ ମନ୍ଦିର ନିର୍ମାଣ କରାଯାଇଥିଲା। ସେହି ମନ୍ଦିରକୁ ହଟାଇବା ଲାଗି ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ନୋଟିସ୍ କରିଥିଲେ। ଏହି ଉଚ୍ଛେଦ ନୋଟିସ୍‌କୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ, ଏହି ଜମିକୁ ଲିଜ୍‌ରେ ଦେବାଲାଗି ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରାଯାଇଛି। ସମ୍ବଲପୁର ଆରଡିସିଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲା ଜିଲ୍ଲାପାଳଙ୍କ ନିକଟରେ ବିଚାରଧୀନ ଥିଲାବେଳେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏକକାଳୀନ ଗୋଟିଏ ଜମିକୁ ନେଇ ଦୁଇଟି ସମାନ୍ତରାଳ ମାମଲା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଅଦାଲତରେ ଦର୍ଶାଇଥିଲେ।

ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ ଦର୍ଶାଇଛନ୍ତି ଯେ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ କିଛି ନ ଭାବି ନୋଟିସ୍ ଜାରି କରି ଦେଇଛନ୍ତି । ଏଭଳି ନୋଟିସ୍‌ର କୌଣସି ସାମ୍ବିଧାନିକ ବୈଧତା ନାହିଁ । ଏହି ନୋଟିସ୍‌କୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି। ଅପରପକ୍ଷରେ ଜିଲ୍ଲାପାଳଙ୍କ ନିକଟରେ ଲିଜ୍ ପାଇଁ ଯେଉଁ ଆବେଦନ ପଡ଼ିରହିଛି ତାହାକୁ ତିନି ମାସ ମଧ୍ୟରେ ସମାଧାନ କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

## ମହିଳା ଡାକ୍ତରଙ୍କୁ ଅସଦାଚରଣ, ଡାକ୍ତର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସ୍କୁଟର ଉପରେ ଜଣେ ମହିଳା ଡାକ୍ତରଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଏତଲାକାରିଣୀ ମହିଳା ଏୟାରଫିଲ୍ଡ ଥାନା ଅଞ୍ଚଳରେ ଚାଲି ଚାଲି ଘରକୁ ଯାଉଥିବା ବେଳେ ଡାକ୍ତର କ୍ଷମାନିଧି ସେଠୀ ତାଙ୍କୁ ପିଛା କରି ଲିଫ୍ଟରେ ନେଇ ଘର ପାଖରେ ଛାଡିଦେବେ ବୋଲି କହିଥିଲେ । ସେ ସ୍କୁଟରରେ ବସିବା ପରେ ତାଙ୍କୁ ପ୍ରେମ ନିବେଦନ କରିବା ସହ ପ୍ରମୋସନ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏତଲାକାରିଣୀ ତାଙ୍କ କଥାରେ ସହମତି ନହେବାରୁ ତାଙ୍କୁ ରାସ୍ତା ଉପରେ ସ୍କୁଟରରେ ଅସଦାଚରଣ କରିଥିଲେ । ସେ ହୋଇ ଥାନରେ ଅଭିଯୋଗ କରିଥିଲେ ।

## ବ୍ରାଉନସୁଗର ଜବତ, ଦୁଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦୁଇ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ଗ୍ରାମ୍ ବ୍ରାଉନସୁଗର, ମୋବାଇଲ ଓ ବାଇକ୍ ଜବତ କରିଛି । ୟୁନିଟ୍-୨ସ୍ଥିତ କ୍ୟାପିଟାଲ ନର୍ସରୀ ରାସ୍ତାରେ ବ୍ରାଉନସୁଗର କାରବାର ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢାଉ କରିଥିଲା । ସ୍କୁଟର ଥୋଇ ବ୍ରାଉନସୁଗର କାରବାର କରୁଥିବା ଖଗେନ୍ଦ୍ର ଜେନା (୪୫) ଓ ନାରାୟଣ ପ୍ରଧାନ (୩୪)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବ୍ରାଉନସୁଗର ଜବତ କରିଥିଲା । ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଦୁହିଁଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଖଗେନ୍ଦ୍ର ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଧୀନ ରାମଚନ୍ଦ୍ରପୁରରେ ହୋଇଥିବା ବେଳେ ନାରାୟଣ ଘର ଗଞ୍ଜାମ ଭଞ୍ଜନଗରରେ । ସେ ଭୁବନେଶ୍ୱରରେ ରହୁଛି । ଦୁହେଁ ମିଶି ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରନ୍ତି ବୋଲି ପୋଲିସରେ କହିଛନ୍ତି ।

# ଚତୁର୍ଦ୍ଦଶୀ ତିଥିରେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନୃସିଂହ ବେଶ

ପୁରୀ, (ସବ୍ୟୁ): କାର୍ତ୍ତିକ ମାସରେ ପବିତ୍ର ପଞ୍ଚୁକରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଜାରି ରହିଛି । ସ୍ୱତନ୍ତ୍ର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜିଉ । ପବିତ୍ର ପଞ୍ଚୁକର ଚତୁର୍ଥ ଦିବସରେ ତଥା କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନୃସିଂହ ବେଶ ଦର୍ଶନ କରି ସାନିଧ ଲାଭ କରିଛନ୍ତି ଶ୍ରଦ୍ଧାଳୁ । ପଞ୍ଚୁକର ଚତୁର୍ଥ ଦିବସରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି । ଇନ୍ଦ୍ରଦ୍ୟୁମ୍ନ ମହାରାଜା ଯେତେବେଳେ ରତ୍ନସିଂହାସନ ଉପରେ ପ୍ରଥମେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ ସେତେବେଳେ ମହାପ୍ରଭୁ ତାଙ୍କୁ ନୃସିଂହ ବେଶରେ ଦର୍ଶନ ଦେଇଥିଲେ ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ତେଣୁ କାର୍ତ୍ତିକ ମାସର ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିବା ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ପାଟବସ୍ତ୍ରରେ ବିଭୂଷିତ କରି ଏହି ବେଶ କରିଥାନ୍ତି । ଏହି ବେଶରେ ମହାପ୍ରଭୁ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର ଏବଂ ଚକ୍ର ସହ ରୌପ୍ୟର ଶଙ୍ଖ ଧାରଣ କରିଥାନ୍ତି । ପ୍ରଭୁ ବଳଭଦ୍ର ମଧ୍ୟ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର ଏବଂ ହଳମୂଷଳ ଧାରଣ କରିଥାନ୍ତି ।

ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ବଳଭଦ୍ର ମସ୍ତକରେ ଯେଉଁ ଚୂଳ ଧାରଣ କରିଥାନ୍ତି ସେଥିରେ ସୁବର୍ଣ୍ଣର କିଆ ଗୁଡ଼ିକ ଆଡ଼ ବାଗିଆ ଲଗାଯାଇଥାଏ । ତେବେ ଆସନ୍ତାକାଲି କାର୍ତ୍ତିକ



ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବା ସୁନାବେଶ ଅନୁଷ୍ଠିତ ହେବାକୁ ଥିବାବେଳେ ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଚୁଡାନ୍ତ ହୋଇଛି । ମହାପ୍ରଭୁଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ କରିବା ପାଇଁ ଭକ୍ତମାନେ ମଧ୍ୟ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ପବିତ୍ର ପଞ୍ଚୁକରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପ୍ରତିଦିନ ଏକ ଲକ୍ଷରୁ ଅଧିକ ଭକ୍ତ ଶ୍ରୀମନ୍ଦିର ଆସୁଛନ୍ତି ।

ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି । ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ବଡଦାଣ୍ଡ ର ବଗଲା ଧର୍ମଶାଳା ନିକଟ ରେ ହୋଇଥିବା ଅସ୍ଥାୟୀ ବ୍ୟାରିକେଡ୍‌ରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିଛନ୍ତି । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଭିତର, ବାହାର, ବଡ଼ଦାଣ୍ଡ ଏବଂ ଟ୍ରାଫିକ ସୁପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ, ୫ ଅତିରିକ୍ତ ଏସପି, ଡିଏସ୍‌ପି, ଇନ୍ସପେକ୍ଟର, ଏଏସଆଇ ଓ ଏସଆଇଙ୍କ ସହ ୩ ଶହରୁ ଉର୍ଦ୍ଧ୍ୱ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଚନ୍ତି। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନରେ ଶତାଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ।

## ଭରତପୁର ବୋମା-ଗୁଳିମାଡ ମାମଲା

# ଏତଲାକାରୀ ମହିଳା ଅଭିଯୁକ୍ତ : ୩ ଗିରଫ, ବନ୍ଧୁକ, ଗୁଳି ଜବତ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ବୋମା-ଗୁଳିମାଡ ଘଟଣାରେ ଏତଲାକାରୀ ମହିଳା ଅଭିଯୁକ୍ତ ବୋଲି ପୋଲିସ କହିଛି । ସୁପାରି ନେଇ ଘଟଣା ଘଟାଇଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ବନ୍ଧୁକ ଓ ଗୁଳି ଜବତ କରିଛି । ମାଷ୍ଟରମାଇଣ୍ଡ୍ ମହିଳା ଫେରାର ଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଚନ୍ଦକା ଥାନା ଅଞ୍ଚଳରେ ରୁହନ୍ତି ମହିଳା ଘୁଙ୍ଗୁର ମିଶ୍ର । ସେପେଟମ୍ବର ୧୧ ତାରିଖ ରାତିରେ ତାଙ୍କ ଘର ଉପରକୁ ବୋମାମାଡ ହୋଇଥିବା ସେ ଏତଲା କରିଥିଲେ । ସେହି ମାମଲାର ତଦନ୍ତ ଭରତପୁର ଥାନା ପୋଲିସ ଜାରି ରଖିଥିବା ବେଳେ ଅକେଟାବର ୪ ତାରିଖରେ ତାଙ୍କ ଘର ସାମ୍ନାରେ ଗୁଳିକାଣ୍ଡ ଘଟିଥିବା ପୁଣି ସେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତିକରି ଭରତପୁର ଥାନାରେ ପ୍ରଥମେ ୫୪୨



ନମ୍ବରରେ ମାମଲା ରୁଜୁ କରିଥିବା ବେଳେ ଦ୍ୱିତୀୟ ଏତଲା ଅନୁଯାୟୀ ୬୨୪ ନମ୍ବରରେ ଏତଲା ଦାଏର ହୋଇଥିଲା । ଦୁଇଟିଯାକ ମାମଲାର ତଦନ୍ତ କରି ପୋଲିସ ଜାଣିବାକୁ ପାଇଥିଲା ଯେ, ଏତଲାକାରୀ ଘୁଙ୍ଗୁର ମିଶ୍ର ହିଁ ଦୁଇଟି ଘଟଣାର ମାଷ୍ଟରମାଇଣ୍ଡ୍ ।

ଘୁଙ୍ଗୁର ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ । ଲାଇସେନ୍ସ ହାତେଇବା ପାଇଁ ଡ୍ରାଇଭର ସହାୟତାରେ ସୁପାରି ଦେଇ ଅପରାଧୀଙ୍କୁ ବୋମା ଓ ଗୁଳିମାଡ ଘଟଣାରେ ନିୟୋଜିତ କରିଥିଲା । ସେ ଫେରାର ଥିବାବେଳେ ପୋଲିସ ଡ୍ରାଇଭର ସମେତ ୩ଜଣଙ୍କୁ ଗିରଫ କରିଛି । ସେ ତିନିଜଣ ହେଲେ ଦେବାଶିଷ ମହାପାତ୍ର (୨୪), ସନ୍ତୋଷ ମହାକୁଡ ଓ ଚନ୍ଦନ ନାୟକ । ସମସ୍ତଙ୍କ ଘର ଭରତପୁର ଥାନା ଅଞ୍ଚଳରେ । ଗିରଫ ୩ଜଣଙ୍କ ନିକଟରୁ ଗୋଟିଏ ସେମି ଅଟୋମେଟିକ୍ ପିସ୍ତଲ, ଗୋଟିଏ ରାଉଣ୍ଡ୍ ଗୁଳି, ଅଟୋ ଓ ମୋଟରସାଇକେଲ ଜବତ ହୋଇଥିବା ପୋଲିସ କହିଛି । ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନରଙ୍କ ସହ ଅତିରିକ୍ତ କମିଶନର ନରସିଂହ ଭୋଳ ଓ ଡିସିପି ଜଗମୋହନ ମିନା ଉପସ୍ଥିତ ଥିଲେ । ତିନି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।




# ଏଏମ୍/ଏନ୍ଏସ୍ ଇଣ୍ଡିଆକୁ ଆଉଟ୍‌ଷ୍ଟାଣ୍ଡିଂ ଚାମ୍ପିୟନ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ୧୯ତମ ଏକ୍ସେଡ୍ ପରିବେଶ ପୁରସ୍କାର-୨୦୨୫ରେ ଇସ୍ପାତ କ୍ଷେତ୍ର ଅଧିନରେ ଜଳପରିଚାଳନା ବର୍ଗରେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ




(ଏଏମ୍/ଏନ୍ଏସ୍ ଇଣ୍ଡିଆ)ର ଓଡ଼ିଶା ଅପରେସନ୍ ସମ୍ମାନଜନକ ଚାମ୍ପିୟନ (ଆଉଟ୍‌ଷ୍ଟାଣ୍ଡିଂ) ପୁରସ୍କାର ହାସଲ କରିଛି । ଏହି ସ୍ୱୀକୃତି ସ୍ଥାୟୀ ଜଳପରିଚାଳନା ଅଭ୍ୟାସରେ କମ୍ପାନୀର ଆଦର୍ଶ ପ୍ରୟାସକୁ ପାଳନ କରେ, ଯାହା ପରିବେଶ ପରିଚାଳନା ଏବଂ କର୍ପୋରେଟ୍ ଦାୟିତ୍ୱରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥାଏ । ୨୦୦୭ ମସିହାରୁ ସାମାଜିକ ଏବଂ ପରିବେଶ ଗତ କାରଣ ଗୁଡ଼ିକୁ ଚାମ୍ପିୟନ କରୁଥିବା ଏକ ଅଗ୍ରଣୀ ଏନ୍‌ଜିଓ ସଷ୍ଟେନେବ୍‌ଲ ଡେଭଲପମେଣ୍ଟ ଇନିସିଏଟିଭ୍ (ଏକ୍ କାମ୍ ଦେଶ୍ କେ ନାମ୍‌ର ଏକ ୟୁନିଟ୍) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପୂର୍ବତନ ସଚିବ ତଥା ଭାରତୀୟ ଜାତୀୟ ଇଏସ୍‌ଜିମାନକ ଗଠନ ପାଇଁ ଜାତୀୟ କମିଟିର ଅଧ୍ୟକ୍ଷ ଡ. ଭାଷ୍କର ଚାଟାର୍ଜି, ଏକ୍ କାମ୍ ଦେସ୍ କେ ନାମ୍‌ର ଉପାଧ୍ୟକ୍ଷ ପ୍ରଣବୀ ଲୁଥ୍ରା, ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ପରିବେଶ ଏବଂ ସ୍ଥିରତା ମୁଖ୍ୟ ଶୁଭେନ୍ଦୁ କୁମାର ଦାସ, କମ୍ପାନୀରର ପାରାଦୀପ ପ୍ରଭାରୀ ଦେବଦତ୍ତ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ କମ୍ପାନୀର ଓଡ଼ିଶା ଅପରେସନ୍ ମୁଖ୍ୟ ସୁରେଶା ଜୀ କହିଥିଲେ ଯେ, ଏଏମ୍/ଏନ୍ଏସ୍ ଇଣ୍ଡିଆରେ ସ୍ଥିରତା କେବଳ ଏକ ଲକ୍ଷ୍ୟ ନୁହେଁ, ଏହା ଏକ ମାନସିକତା ଦୃଢ଼ପ୍ରତିବଦ୍ଧତା ଏହି ସମ୍ମାନ ଆମକୁ ନିରନ୍ତର ନବିନତା ଆଣିବା ଓ ପରିବେଶ ସୁରକ୍ଷା, ସମୁଦାୟ ସଶକ୍ତିକରଣ ପାଇଁ ସମାଧାନ ସଂଯୋଗରେ ପ୍ରେରିତ କରେ ।

## ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅର୍ଥ ବିଭାଗ ତରଫରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ୨୦୨୫ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା । ଅନ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ



ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସହିତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭରେ ୨୦୨୫ ଆଇ.ସି.ସି. ମହିଳା କ୍ରିକେଟ ବିଶ୍ୱକପ୍ ଫାଇନାଲରେ ବିଜୟୀ ହୋଇଥିବା ଭାରତର ମହିଳା କ୍ରିକେଟ ଟିମ୍‌କୁ ମୁଖ୍ୟ ଶାସନ ସଚିବ ଏବଂ ସଚିବମାନଙ୍କ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, କେବଳ କ୍ରିକେଟ ବା ଅନ୍ୟ ଖେଳ ନୁହେଁ , ଏବେ ଝିଅ ଏବଂ ମହିଳାମାନେ ସବୁ କ୍ଷେତ୍ରରେ ଦକ୍ଷତା ଓ ସାହସର ସହିତ ଆଗକୁ ବଢ଼ୁଛନ୍ତି । ସେମାନଙ୍କୁ ସୁଯୋଗ ଦେବା ଓ ପ୍ରୋତ୍ସାହିତ କରିବାକୁ ସେ ଏହି ମର୍ମରେ ସମସ୍ତ ବିଭାଗର ସଚିବଙ୍କୁ ପରାମର୍ଶ ଦେଇଥିଲେ । ଅର୍ଥ ବିଭାଗ ତରଫରୁ ରାଜ୍ୟର ଆର୍ଥିକ ପ୍ରଦର୍ଶନ ସଂପର୍କିତ ଉପସ୍ଥାପନାରୁ ଜଣାଯାଇଛି ଯେ, ଗତ ଅକ୍ଟୋବର ମାସ ସୁଦ୍ଧା ବଜେଟ୍ ବ୍ୟୟ ଅଟକଳର ମୋଟ ୩୮ ପ୍ରତିଶତ ଖର୍ଚ୍ଚ ହୋଇଛି ।

## ବାଲିଯାତ୍ରାରେ ଡିଓନ୍ ଗ୍ରୁପ୍ ର ସ୍ୱତନ୍ତ୍ର ପ୍ରୟାସ

# ଗୁଆ, ନଡ଼ିଆ ଓ ଦୀପ ରେ ପ୍ରସ୍ତୁତ ବାଲୁକା ବୋଇତ ଶିଳ୍ପ କଳା ବିଶ୍ୱ ରେକର୍ଡ଼

କଟକ, (ସବ୍ୟୁ) ଡିଓନ୍ ଗ୍ରୁପ୍ କେବଳ ଗୃହ ନିର୍ମାଣ ଆଦି କାର୍ଯ୍ୟରେ ନିଜକୁ ସିମୀତ ରଖିନି । ରାଜ୍ୟର ଐତିହ୍ୟ ଓ ପରମ୍ପରାକୁ ବିଶ୍ୱରେ ପହଞ୍ଚାଇବାକୁ ଐତିହାସିକ ବାଲିଯାତ୍ରାରେ କରିଛି ଭିନ୍ନ ଏକ ପ୍ରୟାସ । ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସହଯୋଗରେ,ଚଳିତ ବର୍ଷ ଐତିହାସିକ କଟକ ବାଲିଯାତ୍ରାରେ ତିଆରି କରିଛି ବିଶ୍ୱର ସବୁଠାରୁ ବଡ଼ ପାରମ୍ପରିକ ନୌ -ବାଣିଜ୍ୟ ବୋଇତ ଆକୃତିର ଆରେକା ଓ ବାଲୁକା ଶିଳ୍ପ । ବାଲି,ଗୁଆ, ନଡ଼ିଆ ଓ ମାଟି ଦୀପ ରେ ପ୍ରସ୍ତୁତ ବାଲୁକା କଳାକୃତି ତଳ ବାଲିଯାତ୍ରା ପଡିଆର ମୁଖ୍ୟ ପ୍ରବେଶ ପଥ ବୋଟ ଗେଟ୍ ନିକଟରେ ଆଜି ଅପରାହ୍ନରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସିନ୍ଧେ, ସିଏମସି କମିଶନର କିରଣଦିପ କୌର, ପୁର୍ବତନ ଜିଲ୍ଲାପାଳ ଭବାନୀଶଙ୍କର ଚଇନି ଉପସ୍ଥିତିରେ ଉଦଘାଟିତ ହୋଇଯାଇଛି । କଳା, ଐତିହ୍ୟ ଓ ପରମ୍ପରାର ଅଦ୍ଭୁତ ସମନ୍ୱୟ ଏହି ଏହି ବିଶାଳ ବାଲୁକା କଳାକୃତି ଚଳିତ ବର୍ଷର ବାଲିଯାତ୍ରାକୁ ଅଧିକ ସ୍ମରଣୀୟ କରିଛି । ୨୪୦ ଟନ୍ ବାଲି ବ୍ୟବହାର କରାଯାଇଥିବା ଏହି ବିଶାଳ ବୋଇତ ବାଲୁକା କଳାଟି ୫୦ ଫୁଟ୍ ଲମ୍ବା ଓ ୩୦ଫୁଟ ଓସାର ଥିବାବେଳେ ଏଥିରେ ୧୨,୦୦୦ ଗୁଆ, ୩୨୦ ନଡ଼ିଆ ଓ ୧୧୦୦ ମାଟି ଦୀପର ବ୍ୟବହୃତ ହୋଇଛି । ଯାହା ମାତ୍ର ୬ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ନିର୍ମିତ ହୋଇ ପାରିଛି । କଳାକୃତିଟି ୪ ନଭେମ୍ବର ୨୦୨୫ ରେ ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛି ।

## ଟାଟା ଷ୍ଟିଲ୍ ଲିମିଟେଡ୍ ର କଳିଙ୍ଗନଗର ସ୍ଥିତ

# ଫେରୋକ୍ରୋମ୍ ପ୍ଲାଣ୍ଟ ଅଧିଗ୍ରହଣ ପାଇଁ ଇମ୍ଫାର ଚୁକ୍ତି

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍, ଇମ୍ଫା ଟାଟା ଷ୍ଟିଲ୍ ଲିମିଟେଡ୍ ର କଳିଙ୍ଗନଗର ସ୍ଥିତ ଫେରୋକ୍ରୋମ୍ ପ୍ଲାଣ୍ଟ ଅଧିଗ୍ରହଣ ପାଇଁ ନିର୍ଣ୍ଣାୟକ ଚୁକ୍ତିନାମା



ସ୍ୱାକ୍ଷର ଘୋଷଣା କରିଛି । ୬୧୦ କୋଟି ଟଙ୍କାର ମୂଳ କ୍ରୟ ନିଷ୍ପତ୍ତି ପାଇଁ ସମ୍ପତ୍ତି ହସ୍ତାନ୍ତର ଚୁକ୍ତିବଳରେ ୯୯ ଏମ୍ ଭିଏ ଫର୍ଣ୍ଣେସ୍ କ୍ଷମତା ଅଧିଗ୍ରହଣ କରାଯାଉଛି ଯେଉଁଥିରେ କଳିଙ୍ଗନଗରଠାରେ ୧୧୫ ଏକର ଜମିରେ ବିଦ୍ୟମାନ ୬୬ ଏମ୍ ଭି ଏ (ବାର୍ଷିକ ଉତ୍ପାଦନ୧୦୦,୦୦୦ ଟନ୍) ଏବଂ ନିର୍ମାଣାଧୀନ ୩୩ ଏମ୍ ଭିଏ (ବାର୍ଷିକ ଉତ୍ପାଦନ୫୦,୦୦୦ ଟନ୍ ) ଅନ୍ତର୍ଭୁକ୍ତ ଅଛି , ଯାହା ଫଳରେ ୧୯୬୧ ମସିହାରେ ସ୍ଥାପିତ ହୋଇଥିବା ଇମ୍ଫା, ୦.୫ ନିୟୁତ ଟନ୍ ରୁ ଅଧିକ ମୋଟ କ୍ଷମତା ସହ ଦେଶର ସର୍ବବୃହତ ଏବଂ ବିଶ୍ୱ ସ୍ତରରେ ଷଷ୍ଠ ବୃହତ୍ତମ ଉତ୍ପାଦକ ହେବାର ମାନ୍ୟତା ପାଇବ ।

କଳିଙ୍ଗନଗରରେ ଅଧିଗ୍ରହଣ କରାଯାଉଥିବା ୧୧୫ ଏକର ପରିବ୍ୟାପ୍ତ ଜମିରେ, ବାର୍ଷିକ ୧୦୦,୦୦୦ ଟନ୍ ଉତ୍ପାଦନ କରିବାକୁ ସକ୍ଷମ ଚାରୋଟି ଫର୍ଣ୍ଣେସ୍ ରହିଛି ଯାହା ପଞ୍ଚମ ଫର୍ଣ୍ଣେସ୍ କାର୍ଯ୍ୟକ୍ଷମ ହେବା ପରେ ବାର୍ଷିକ ଆହୁରି ୧୫୦,୦୦୦ ଟନ୍ ବୃଦ୍ଧି ପାଇବ । କ୍ୟାପ୍ଟିଭ୍‌କ୍ରୋମ୍ ଖଣି ଏବଂ ଆଗାମୀ ଗ୍ରୀନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ସଂଯୋଗ ବଳରେ ଆର୍ଥିକ ସଞ୍ଚୟ ତଥା ସମନ୍ୱୟଶୀଳତା ତ୍ୱରାନ୍ୱିତ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ସର୍ତ୍ତାବଳୀରେ ସହମତି ଏବଂ ଆବଶ୍ୟକୀୟ ଅନୁମୋଦନରେ ସହିତ, ଅଧିଗ୍ରହଣର ୩ ମାସ ମଧ୍ୟରେ କ୍ରୟ ବିକ୍ରୟ ବୁଝାମଣାର ଅନୁପାଳନ ସମ୍ପନ୍ନ ହେବାର ସମ୍ଭାବନା ରହିଛି । ଏହି ଅଧିଗ୍ରହଣ ବିଷୟରେ ମତ ଦେଇ, ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି: “ମୁଁ ଏହି ପରିବର୍ତ୍ତନମୂଳକ ଅଧିଗ୍ରହଣ ଘୋଷଣା କରି ମୁଁ ଆନନ୍ଦିତ , ଯାହା ଆମର ସମ୍ପ୍ରସାରଣ ଯୋଜନାକୁ ଦ୍ରୁତତର କରିବ । ଯେତେବେଳେ ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁଁ ଫେରୋ କ୍ରୋମର ଚାହିଦା ବଢ଼ୁଛି, ଆମର ଗ୍ରୀନଫିଲ୍ଡ ସମ୍ପ୍ରସାରଣର ଅଗ୍ରଗତି ସହିତ, ଆମର ମୋଟ ସ୍ଥାପିତ କ୍ଷମତାକୁ ୦.୫ ନିୟୁତ ଟନ୍ ଅତିକ୍ରମ କରିବ ଯାହା ଆମକୁ ଘରୋଇ ବିକ୍ରୟ ଉପରେ ବିଶେଷ ଧ୍ୟାନ ଦେଇ ଆମର ମାର୍କେଟ ସେୟାରବୃଦ୍ଧି କରିବାକୁ ସକ୍ଷମ କରିବ ।

# ବ୍ୟବସାୟରେ ପାର୍ଟନର ସାଜି ଦେଢ଼କୋଟି ଟଙ୍କା ଠକେଇ : ଠକ ଗିରଫ

ଜଟଣୀ, (ସବ୍ୟୁ) : ବ୍ୟବସାୟରେ ମିଥ୍ୟା ପାର୍ଟନର ସାଜି ଦେଢ଼କୋଟି ଟଙ୍କା ଠକେଇ ଅଭିଯୋଗରେ ଅଭିଯୋଗକାରିଣୀ କ୍ରୀଷ୍ଟା ମୋଦିଙ୍କ ଅଭିଯୋଗ କ୍ରମେ ଜଟଣୀ ଥାନା ପୁଲିସ ୫୦୭/୨୫ ରେ ଏକ ମାମଲା ରୁଜିକରି ତଦନ୍ତ କରିବା ସହ ଝାରଖଣ୍ଡ ରାଜ୍ୟ ସିଂହଭୂମି ଅଞ୍ଚଳର ଅଭିଯୁକ୍ତ ସୁବ୍ରତ ବାରିକ(୩୧) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ଅନୁସାରେ ଅଭିଯୋଗକାରୀ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର କ୍ରୀଷ୍ଟା ମୋଦି, ଓଲା ଏବଂ ଉବେର ବ୍ୟବସାୟ କରୁଥିଲେ । ୨୦୨୩ ମସିହାରେ ଓଲା ପ୍ଲାଟଫର୍ମ ମାଧ୍ୟମରେ ତାଙ୍କର ଅଭିଯୁକ୍ତ ସୁବ୍ରତ ବାରିକଙ୍କ ସହ ପରିଚୟ ହୋଇଥିଲା । ସେମାନଙ୍କ ପରିଚୟ ବଢ଼ିବା ସହିତ, ସୁବ୍ରତ ବାରିକ ଅଭିଯୋଗକାରୀଙ୍କୁ ନିୟମିତ ଭାବରେ ଫୋନ୍ କରିବା ଆରମ୍ଭ କରିଥିଲେ, ତାଙ୍କୁ ବ୍ୟବସାୟିକ ଉଦ୍ୟମରେ ସାମିଲ କରିବାକୁ ଦାବି କରିଥିଲେ । ସୁବ୍ରତ ବାରିକ ନିଜକୁ ଜଣେ ସଫଳ ବ୍ୟବସାୟୀ ଭାବରେ ଅଭିଯୋଗକାରୀଙ୍କ ନିକଟରେ ପରିଚିତ କରିଥିଲେ ଏବଂ ଅଭିଯୋଗକାରୀଙ୍କୁ ମଦ ଦୋକାନ ଏବଂ ପେଟ୍ରୋଲ ପମ୍ପରେ



ଲାଭଜନକ ଡିଲ୍ ପାଇବାର ପ୍ରତିଶୃତି ଦେଇଥିଲେ । ଅଭିଯୁକ୍ତ ତାଙ୍କର ବ୍ୟବସାୟ ବିସ୍ତାର କରିବା ପାଇଁ ଅଭିଯୋଗକାରୀଙ୍କ ନିକଟରୁ ଆର୍ଥିକ ସହାୟତା ଲୋଡ଼ିଥିଲେ । ଅଭିଯୋଗକାରୀ କ୍ରୀଷ୍ଟା ଅଭିଯୁକ୍ତ ସୁବ୍ରତ ବାରିକଙ୍କ କଥାକୁ ବିଶ୍ୱାସ କରି ତାଙ୍କ ସହ ସହଭାଗୀତା କରିବାକୁ ରାଜି ହୋଇଯାଇଥିଲେ ଏବଂ ଟିକସ ପରାମର୍ଶଦାତା ଅରବିନ୍ଦ ସାହୁ ତଥା ଅନ୍ୟ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରେ ଅର୍ଥ ବ୍ୟବସ୍ଥା କରିଥିଲେ । ୧୨ ଡିସେମ୍ବର ୨୦୨୩ ରୁ ୨୩ ମାର୍ଚ୍ଚ ୨୦୨୫ ମଧ୍ୟରେ ଅଭିଯୋଗକାରୀ ଅରବିନ୍ଦ ସାହୁଙ୍କ ଠାରୁ ୧,୨୦,୦୪,୪୪୩ ଟଙ୍କା ଏବଂ ଅନ୍ୟମାନଙ୍କଠାରୁ ୨୯,୯୫,୫୫୭ ଟଙ୍କା ମିଶି ମୋଟ ୧,୫୦,୦୦,୦୦୦ ଟଙ୍କା ଆଣିଥିଲେ, ଯାହାକି ତାଙ୍କ ପିଏନବି କେଶୁରା ଶାଖା ଆକାଉଣ୍ଟରେ ଜମା କରାଯାଇଥିଲା । ଅଭିଯୁକ୍ତ ସୁବ୍ରତ ବାରିକଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ରୀଷ୍ଟା ମୋଦି ସୁବ୍ରତ ବାରିକଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆକାଉଣ୍ଟରେ ୬୧,୭୮,୪୫୨ ଟଙ୍କା, ସୁବ୍ରତ ବାରିକଙ୍କ ଦ୍ୱାରା ମନୋନୀତ ବିଭିନ୍ନ ସହଯୋଗୀଙ୍କୁ ୫୨,୮୩,୦୬୦ ଟଙ୍କା ଏବଂ ନଗଦ ୩୫,୩୮,୪୮୮ ଟଙ୍କା ହସ୍ତାନ୍ତର କରିଥିଲେ । ପରେ ଅଭିଯୋଗକାରୀ କ୍ରୀଷ୍ଟା ମୋଦି ନେଇଥିବା ଟଙ୍କା ପରିଶୋଧ ପାଇଁ କହିବାରୁ ଅଭିଯୁକ୍ତ ସୁବ୍ରତ ଟଙ୍କା ଫେରସ୍ତ ଲାଗି ବାରମ୍ବାର ଦିନ ପରେ ଦିନ ଗଡାଇ ଚାଲିଥିଲେ ଏବଂ କିସ୍ତିରେ ପରିଶୋଧ କରିବାର ମିଥ୍ୟା ପ୍ରତିଶୃତି ଦେଉଥିଲେ । ଅଭିଯୋଗକାରୀ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଲେ ଯେ ଅଭିଯୁକ୍ତ ସୁବ୍ରତ ନେଇଥିବା ଟଙ୍କାକୁ ତାଙ୍କ ପତ୍ନୀଙ୍କ ନାମରେ ଫିକ୍ସଡ୍ ଡିପୋଜିଟ୍ କରିଛନ୍ତି ଏବଂ ଏକ ହୋଟେଲ ପ୍ରୋଜେକ୍ଟ ପାଇଁ ବରଗଡ଼ ଜିଲ୍ଲାର ପୁଟୁକ ମୌଜାରେ ଏକ ବଡ଼ ଜମି କିଣିଛନ୍ତି ଏବଂ ପ୍ରଚୁର ପରିମାଣର ସୁନା ଅଳଙ୍କାର ମଧ୍ୟ କ୍ରୟ କରିଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ, ଅଭିଯୁକ୍ତ ସୁବ୍ରତ ବାରିକ ଟଙ୍କା ଫେରାଇବାରେ ବିଳମ୍ବ କରି ଚାଲିଥିଲେ ଏବଂ ଆଜି, କାଲି କହି ମେସେଜ ପଠାଇ ଦେଉଥିଲେ । ସଂଯୋଗ ବଶତଃ ଅଭିଯୋଗକାରୀଙ୍କର ଅଭିଯୁକ୍ତ ସୁବ୍ରତଙ୍କ ସହ ସାମ୍ନାସାମ୍ନି ହୋଇଥିବା ବେଳେ ସେ ଅଭିଯୁକ୍ତଙ୍କୁ ଟଙ୍କା ପରିଶୋଧ ଲାଗି କହିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିବା ସହ ଅପହରଣ ତଥା ହତ୍ୟା କରିବାର ଧମକ ଦେଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କାଳରେ ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ର ଆଧାରରେ ଚଢ଼ଉ କରିବା ସହ ଅଭିଯୁକ୍ତ ସୁବ୍ରତ ବାରିକଙ୍କୁ ଖୋଲାଦ୍ୱାର ନିକଟରେ ଥିବା ମେଟ୍ରୋ ଡୁପ୍ଲେକ୍ସ ମଧ୍ୟରୁ ଏକ ଘରୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ ସୁବ୍ରତ ନିଜ ଦୋଷ ସ୍ୱୀକାର କରିଥିଲା । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ୭ରେ ରାଜ୍ୟର ସବୁ ଶିକ୍ଷାନୁଷ୍ଠାନରେ “ବନ୍ଦେ ମାତରମ୍‘

# ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଗାଇବେ ଛାତ୍ରଛାତ୍ରୀ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୭ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ “ବନ୍ଦେ ମାତରମ୍‘ ଗାଇବେ । ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିଛି । “ବନ୍ଦେ ମାତରମ୍‘ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏଭଳି ନିଷ୍ପତ୍ତି ନିଆଯାଇଛି । ଆମର ଜାତୀୟ ଗୀତି ଭାବେ ସ୍ୱୀକୃତ “ବନ୍ଦେ ମାତରମ୍‘ ଗୀତଟିର ରଚୟିତା ହେଉଛନ୍ତି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ । ଏହି ଗୀତଟି ତାଙ୍କ ଲିଖିତ “ଆନନ୍ଦ ମଠ’ ପୁସ୍ତକରେ ସଂଯୋଜିତ ଥିଲା । ଏହି ପ୍ରସିଦ୍ଧ ଗୀତଟି ୧୮୭୫ ମସିହା ସେପେଟମ୍ବର ୭ ତାରିଖରେ ଲେଖା ଯାଇଥିଲା । ୧୮୮୨ ମସିହାରେ ଗୀତଟି ପ୍ରକାଶ ପାଇଥିଲା । ୧୯୫୦ ମସିହା ଜାନୁଆରି ୨୪ ତାରିଖରେ ଗୀତଟିକୁ ଜାତୀୟ ଗୀତି ଭାବେ ଚୟନ କରାଯାଇଥିଲା । “ବନ୍ଦେ ମାତରମ୍‘ ଗୀତର ଅର୍ଥ ହେଉଛି, “ସେ ମା’କୁ ମୁଁ ବନ୍ଦନା କରୁଛି ଯିଏ ମଧୁର ଜଳରେ ଭରା, ମଧୁର ଫଳରେ ଭରା ଏବଂ ଯାହାର ମଳୟ ଶୀତଳତା ପ୍ରଦାନ କରେ । ଶସ୍ୟରେ ଭରି ହୋଇ ଯାହାର ଭୂମିର ରଙ୍ଗ ସବୁଜ । ସେ ମା’କୁ ବନ୍ଦୁଛି । ଯାହାର ଧଳା ରଙ୍ଗର ଜ୍ୟୋସ୍ନା ରାତିକୁ ପୁଲକିତ କରେ । ଯାହାର ଭୂମି ଫୁଲ ଓ ସୁସଜ୍ଜିତ ଗଛରେ ସଜେଇ ହୋଇଛି । ଯିଏ ସଦା ହସୁଥାଏ, ଯିଏ ସଦା ମଧୁର ଭାଷା କହେ । ଯିଏ ସୁଖ ପ୍ରଦାନ କରେ, ବର ଦାନ ଦିଏ । ସେ ମାଆକୁ ମୁଁ ପ୍ରଣାମ କରୁଛି ।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୪ ଗିରଫ

ବଳଙ୍ଗା, (ସବ୍ୟୁ): ପୁରୀଜିଲ୍ଲା ବଳଙ୍ଗା ଥାନା ବାଲିଆ ଗ୍ରାମରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳକୁ ନେଇ ପୃଥକ ପୃଥକ ଭାବରେ ଦୁଇଟି ଅଭିଯୋଗ ହୋଇଛି । ଅଭିଯୋଗକୁ କେନ୍ଦ୍ର କରି ପୋଲିସ ୪ଜଣଙ୍କୁ ଗିରଫ କରିଛି । ଭାରତୀ ପାତ୍ର କରିଥିବା ଅଭିଯୋଗ ଅନୁଯାୟୀ ଗତ ୨ ତାରିଖ ରବିବାର ୮ଟାରେ ତାଙ୍କ ସ୍ୱାମୀ ବସନ୍ତ ପାତ୍ର ଘରେ ଖାଉଥିବା ସମୟରେ ତାଙ୍କ ଦେଢଶୁର ମହନ୍ତ ପାତ୍ର, ତାଙ୍କ ପପୁନା ପାତ୍ର, ଜ୍ୱାଇଁ ଦୀପୁନା ଗୁରୁ ଓ ଝିଅ ଆମ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଭାରତୀଙ୍କ ସ୍ୱାମୀଙ୍କୁ ବାଡିଆପିଟା କରିଥିଲେ ।ଏପରି କି ତାଙ୍କ ପୁଅ ପ୍ରକାଶ ପାତ୍ର(୧୧) କୁ ଟେକି ନେଇ ପାଖରେ ଥିବା କେନାଲ ଭିତରକୁ ଫୋ ପାଡି ଦେଇଥିଲେ । ଶାଶୁ ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟି ଯିବାରୁ ସ୍ୱାମୀ ପ୍ରତିବାଦ କରିବାରେ ମୋ ସ୍ୱାମୀକୁ ମଧ୍ୟ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକମାନେ ଆମକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ । ଅପରପକ୍ଷରେ ସୋନି ଗୁରୁ କରିଥିବା ଅଭିଯୋଗ ଅନୁଯାୟୀ ସେ ତାଙ୍କ ସ୍ୱାମୀ ସହିତ ବାପଘରକୁ ଆସିଥିବା ବେଳେ ସେଠାରେ ପହଞ୍ଚିବା ମାତ୍ରେ ବସନ୍ତ ପାତ୍ର ମତେ ଦେଖି ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମୋର ସ୍ୱାମୀକୁ ବସନ୍ତ ପାତ୍ରଙ୍କ ସ୍ତ୍ରୀ ଭାରତୀ ପାତ୍ର ଆସି କାମୁଡି ଦେବାରେ ସେ ପ୍ରତିବାଦ କରିବାରୁ ବସନ୍ତ ତାଙ୍କ ଚୁଟିକୁ ଧରି ବାଡିଆପିଟା କରିଥିଲା ।

# ଇଂ. କିଶୋର କୁମାର ଦାସଙ୍କ ଇଂରାଜୀ କବିତା ପୁସ୍ତକ ‘ପଜିଟିଭ ଫିଲିଙ୍ଗସ୍’ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଇଂରାଜୀ କବି କିଶୋର କୁମାର ଦାସଙ୍କ ଦ୍ୱାରା ରଚିତ ‘ପଜିଟିଭ ଫିଲିଙ୍ଗସ୍’ କବିତା ପୁସ୍ତକ ସୋମବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଉନ୍ମୋଚିତ ହୋଇଯାଇଛି । ଉନ୍ମୋଚନ କାର୍ଯ୍ୟକ୍ରମରେ ରେଭେନ୍ସା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ କୁମାର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ, ଓଡ଼ିଆ ଭାଷା ଗବେଷଣା କେନ୍ଦ୍ରର ପୂବତନ ନିର୍ଦ୍ଦେଶକ ଡ଼କ୍ଟର ବସନ୍ତ କୁମାର ପଣ୍ଡା ଏବଂ ପି.ଆଇ.ବି. ଭୁବନେଶ୍ୱରର ଅଧିକାରୀ ତଥା ବିଶିଷ୍ଟ ଆଧ୍ୟାତ୍ମିବାଦୀ ଲେଖକ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ଏବଂ ବିନୋଦ ବିହାରି ବିଷୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ ।




ଏହି ସଂକଳନରେ ସ୍ଥାନିତ କବିତାଗୁଡ଼ିକ ଉପରେ ଆଲୋଚନା କରି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଲେ ଯେ, ଆମର ବେଦ ଉପନିଷଦରେ ସକାରାତ୍ମକ ଭାବନାକୁ ଭିନ୍ନ ଶୈଳିରେ ଓ ଅର୍ଥରେ ନାନାଦି କ୍ଷେତ୍ରରେ ବାଖ୍ୟା କରାଯାଇଛି । ତାହା ସୁଖଦୁଃଖର ଅନୁଭବ ଠାରୁ ଚିଦାନନ୍ଦ ମାନସିକତା ପର୍ଯ୍ୟନ୍ତ ପରିବ୍ୟାପ୍ତ । ପ୍ରଫେସର ଅସୀମ ପାଢ଼ୀ କହିଲେ ଯେ ସଂକଳନରେ ସ୍ଥାନ ପାଇଥିବା କବିତାଗୁଡ଼ିକରେ କବି ଶ୍ରୀ ଦାସ ନିଜର ଅନୁଭବ ଓ ଉପଲବ୍ଧିକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଛନ୍ତି । ଏହାର ଉଦାହରଣ ଦେଇ ସେ କହିଥିଲେ ଯେ, କବି ଜଣେ ସାଧାରଣ ବ୍ୟକ୍ତି ଭାବରେ ଜୀବନ ବଂଚିବା ଓ ତାହାର ସ୍ୱାଦକୁ ଅନୁଭବ କରିବାର ଅବତାରଣା କରିଛନ୍ତି । କବି ସାହିତ୍ୟ ସାଧନାରୁ ବାହାରି ସମାଜ ତଥା ଜୀବନରେ ଅନୁଭବ କରୁଥିବା ସମସ୍ୟା ଓ ତା’ର ସମାଧାନ ଦିଗରେ ଆଲୋକପାତ କରିଛନ୍ତି । ଅନ୍ୟତମ ସମୀକ୍ଷକ ଡ଼ଃ ପ୍ରଦୀପ କୁମାର ଚୌଧୁରୀ କହିଥିଲେ କବିତା ଜଣେ ସୃଜନ ସ୍ରଷ୍ଟାର ଅନ୍ତରରୁ ନିଃସୃତ ହୋଉଥିବା ବିଶୁଦ୍ଧଭାବନା । ଉଭୟ ସ୍ରଷ୍ଟା ଓ ପାଠକ ତଥା ସମାଜକୁ ଶୁଦ୍ଧ କରିବାରେ ସହାୟକ ହୋଇଥାଏ । କାର୍ଯ୍ୟକ୍ରମର ଅନ୍ୟ ଅଲୋଚକ ଭାବେ ନିଜର ବକ୍ତବ୍ୟ ରଖି ଡ଼. ବସନ୍ତ କୁମାର ପଣ୍ଡା ଭାରତୀୟ ଦର୍ଶନର ନ୍ୟାୟ ଓ ମୀମାଂସା ଏବଂ ଭଗବତଗୀତାର ଅବତାରଣା କରିଥିଲେ । ମଣିଷ ଏକ ଶୁଦ୍ଧ ଓ ଆନନ୍ଦମୟ ଜୀବନ ବଂଚିବାର ପକ୍ରିୟାରେ ତା’ର ସମସ୍ତ ଶ୍ରମ ଓ ସାଧନ ଉପଯୋଗ କରିଥାଏ । ତେଣୁ ଆଜିର କୋଳାହଳମୟ ଦୁନିଆରେ ସମସ୍ତେ ଚେନାଏ ସକାରାତ୍ମକ ଭାବନା ଓ ଆନନ୍ଦ ପାଇଁ ପ୍ରୟାସରତ ବୋଲି ମତ ପୋଷଣ କରିଥିଲେ । ପ୍ରାରମ୍ଭରେ କବି ଶ୍ରୀ ଦାସ ନିଜ ସୃଜନ ଜୀବନ ପାଇଁ ପାଇଥିବା ପ୍ରେରଣା ଏବଂ ପ୍ରକୃତି ପ୍ରତି ନିଜ ମନର ଆକର୍ଷଣକୁ ବେଶ୍ ସାବଲୀଳ ଭାବେ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ତୁଷାର ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକଙ୍କ ପରଲୋକ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମ ନନପଡା ସାହି ଗେଟ ବଜାର ଅବସରପ୍ରାପ୍ତ ରେଳ କର୍ମଚାରୀ ବରିଷ୍ଠ ନାଗରିକ ରାମଚନ୍ଦ୍ର ପ୍ରଧାନ(୮୯)ଙ୍କର ସୋମବାର ବିଳମ୍ବିତ ରାତି ସାଢ଼େ ଗୋଟାଏ ସମୟରେ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟିଛି । ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଏକ ଶୋକାକୁଳ ପରିବେଶରେ ତାଙ୍କ ମର ଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନରେ ନିଆ ଯାଇଥିଲା । ଜ୍ୟେଷ୍ଠପୁତ୍ର ଭାଗିରଥି ପ୍ରଧାନ ମୁଖାଗ୍ନି ଦେଇଥିଲେ ।ମୁଖାଗ୍ନି ସମୟରେ ଅନ୍ୟ ପୁତ୍ର ସୁଶାନ୍ତ କୁମାର ପ୍ରଧାନ, ମନୋଜ କୁମାର ପ୍ରଧାନ ଓ ସୁକାନ୍ତ କୁମାର ପ୍ରଧାନ ସହଯୋଗ କରିଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସମେତ ପରିବାର ବର୍ଗ ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଉତ୍କଳ ପ୍ରାଦେଶିକ ଭକ୍ତସମ୍ମିଳନୀର ପଦ୍ମରାଗ ଜୟନ୍ତୀର ଅଭ୍ୟର୍ଥନା କମିଟି ଗଠନ

ଭୁବନେଶ୍ୱର (ସବ୍ୟୁ) : ସଦଗୁରୁ ସ୍ୱାମୀ ନିଗମାନନ୍ଦଙ୍କ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଙ୍ଘ, ପୁରୀ ଙ୍କ ତତ୍ୱାବଧାନରେ ପ୍ରତିବର୍ଷ ଅନୁଷ୍ଠିତ ହୁଏ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ । ଏହି ସମ୍ମିଳନୀର



ପଦ୍ମରାଗ ଜୟନ୍ତୀ ୨୦୨୬, ଅର୍ଥାତ ଆସନ୍ତା ବର୍ଷ ପୁରୀଠାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ସଙ୍ଘର ଉଦେଶ୍ୟ ସନାତନ ସତଶିକ୍ଷା ବିସ୍ତାର, ଶିବ ଜ୍ଞାନେ ଜୀବ ସେବା । ମାଧ୍ୟମ ହେଉଛି ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା ଓ ଭାବ ବିନିମୟ । ଏଥିପାଇଁ ଅନୁଷ୍ଠିତ ହୁଏ ଭକ୍ତ ସମ୍ମିଳନୀ । ସମ୍ମିଳନୀର ଉଦେଶ୍ୟ ସଫଳ ପାଇଁ ଗଜପତି ମହାରାଜଙ୍କ ପରାମର୍ଶରେ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ପୁରୀର ତାଳ ବଣିଆ ଠାରେ ଆଗାମୀ ୨୦୨୬ ମସିହା ମାଘ ପୂର୍ଣ୍ଣିମା ସମୟ ଅର୍ଥାତ ଜାନୁୟାରୀ ମାସ ୩୦ ତାରିଖ ଅଧିବାସ ଅନୁଷ୍ଠିତ ହେବ । ଜାନୁଆରୀ ମାସ ୩୧ ରୁ ଫେବୃଆରୀ ୨ ତାରିଖ ତିନିଦିନ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ସାଧୁ ସନ୍ଥ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମିଳନୀରେ ଦେଶ ତଥା ଦେଶ ବାହାରୁ ପ୍ରାୟ ୨୦ ହଜାର ଭକ୍ତ ଯୋଗ ଦେବାର ଆକଳନ କରାଯାଇଛି । ଭକ୍ତ ମାନଙ୍କର ରହିବା ଓ ପ୍ରସାଦ ପାଇବାର ବ୍ୟବସ୍ଥା ସଂଘ ପକ୍ଷରୁ କରାଯାଇଥାଏ । ସମ୍ମିଳନୀର ସମସ୍ତ ଆୟୋଜନ ପାଇଁ ସରକାରୀ ସହାୟତା ପାଇଁ ସ୍ଥାନୀୟ ପ୍ରଶାସନର ସହଯୋଗ ଏକାନ୍ତ କାମ୍ୟ ବୋଲି କର୍ମକର୍ତ୍ତାଙ୍କ ତରଫରୁ ସଙ୍ଘର ସଭାପତି ସନ୍ତୋଷ କୁମାର ମହାନ୍ତି ନିବେଦନ କରିଛନ୍ତି । ଏହି ସମ୍ମିଳନୀର ସଫଳ ରୂପାୟନ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି । ଏହି ଅବସରରେ ସଙ୍ଘର କେନ୍ଦ୍ରୀୟ କାର୍ଯ୍ୟାଳୟ ପୁରୀ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅନ୍ତର୍ଜାତୀୟ ପ୍ରଜ୍ଞାନ ମିଶନର ପ୍ରତିଷ୍ଠାତା ପ୍ରଜ୍ଞାନାନନ୍ଦ ମହାରାଜଙ୍କୁ ଅଭ୍ୟର୍ଥନା କମିଟି ସଭାପତି ଭାବରେ ମନୋନୀତ କରାଯାଇଛି । କମିଟିରେ ପୁରୀ ର ମଠ ଓ ମନ୍ଦିର ମାନଙ୍କର ମହନ୍ତ ମାନଙ୍କ ସହ ବହୁ ଗୁଣି ଜ୍ଞାନୀ ବ୍ୟକ୍ତି ସାମିଲ ଅଛନ୍ତି ।

# ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା - ୨୦୨୫ ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ଭଞ୍ଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ମେଳାକୁ ଉଦଘାଟନ କରିବା ସହ ମେଳାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ପୂଜା ସମ୍ପାଦକ ରସିକାନନ୍ଦ ମିଶ୍ର, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରିତମ ପଣ୍ଡା ଉପସ୍ଥିତ ଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ରାଜଗାଙ୍ଗପୁରର ରେନବୋ କଳାକେନ୍ଦ୍ର ପ୍ରଥମେ ନବଦୁର୍ଗା ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆକର୍ଷଣୀୟ ନୃତ୍ୟ ପରିବେଶଣ କରିଥିଲେ। କୁନିକୁନି କଳାକାର ମାନଙ୍କ ଓଡ଼ିଶୀ, ସମ୍ବଲପୁରୀ, ଝୁମର ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅଭିଷେକ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ଏବଂ ରାଜ୍ୟ ପ୍ରାୟ ୩ଶହରୁ ଉର୍ଦ୍ଧ ଷ୍ଟଲ ପ୍ରଦର୍ଶିତ ହୋଇଛି ବୋଲି ଷ୍ଟଲ ସମ୍ପାଦକ ସପନ ପଣ୍ଡାଙ୍କ ସୂତ୍ରରୁ ପ୍ରକାଶ।

# ଚାଲିଗଲା ଯୁବକଙ୍କ ଜୀବନ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ କୁଲାଡ ଉପର ବାଗଦେବୀ ମନ୍ଦିର ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ କୁଲାଡର ଶଙ୍କର ମହାରଣା (୪୦) ମୃତ୍ୟୁବରଣ କରିଛନ୍ତି । ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି । ଏଥିସହ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇ ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ, ଶଙ୍କର ସନ୍ଧ୍ୟାରେ ବାଇକରେ ଭଞ୍ଜନଗରରୁ ଗ୍ରାମ ଅଭିମୁଖେ ଫେରୁଥିଲେ । ଘର ଠାରୁ ମାତ୍ର ୫୦୦ ମିଟର ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା । ଫଳରେ ଗ୍ରାମବାସୀ ଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ନେଇଥିଲେ । ସେଠାରେ ଡାକ୍ତର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ ।




# ମହିଳାଙ୍କ ଘରୁ ସୁନା ଗହଣା ଚୋରି

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ପ୍ରେମନଗରରେ ରହୁଥିବା ଜନୈକା ମହିଳା ତୃପ୍ତିରାଣୀଙ୍କ ତାଲାବନ୍ଦ ଘରେ ଲୁଟିଆମାନେ କଳାକାନା ବୁଲାଇଛନ୍ତି । ଆଲମୀରା ଭାଙ୍ଗି ୮ ଭରି ଓଜନର ସୁନା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଯାଇଛନ୍ତି । ଏନେଇ ଗୃହକର୍ତ୍ତା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ୫୪୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

ପ୍ରେମନଗର ୭ମ ଲାଇନରେ ରହୁଥିବା ତୃପ୍ତିରାଣୀ ଗତ ୨ତାରିଖ ପୂର୍ବାହ୍ନରେ କୌଣସି କାମରେ ବାହାରକୁ ଯାଇଥିଲେ । ଅପରାହ୍ନ ଦୁଇଟା ବେଳେ ସେ ଘରକୁ ଫେରି ଦେଖିବା ବେଳେ ଗ୍ରୀଲ ତାଲା ଭଙ୍ଗା ଯାଇଥିଲା । ଘର ଭିତରକୁ ଯାଇ ସେ ଦେଖିବା ବେଳେ ଆଲମୀରାରେ ଥିବା ସମସ୍ତ ଆସବାବପତ୍ର ଘର ଭିତରେ ବିଛାଇ ହୋଇ ପଡିଥିବା ବେଳେ ଲକରରେ ଥିବା ୮୦ ଗ୍ରାମର ସୁନା ଅଳଙ୍କାର ଓ ନଗଦ ୧୫ ହଜାର ଟଙ୍କା ଗାୟବ ଥିଲା । ସେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଅଂଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି ।













# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରର ସୂଚନା

ବାରିପଦା, (ସବ୍ୟୁ) : ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାରେ ଚଳିତ ବର୍ଷ ନଭେମ୍ବର ମାସ ୧୨ତାରିଖରୁ ଆଗାମୀ ଡିସେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ୧୪ ଗୋଟି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହେବାକୁ ଯାଉଛି । ଭୀମ ଭୋଇ ସାମର୍ଥ୍ୟ ଶିବିର ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଶକ୍ତିକରଣ ଶିବିର ବା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ଭିନ୍ନକ୍ଷମ ଥିବା ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ କରିବା । ଏହି ଶିବିର ଗୁଡ଼ିକରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ମାନଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ । ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ଦସ୍ତାବିଜ (ଡକ୍ୟୁମେଣ୍ଟ) ଏବଂ ସୂଚନା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା । ଉକ୍ତ ଶିବିର ଗୁଡିକରେ ଡାକ୍ତରମାନଙ୍କ ଦ୍ୱାରା ଅକ୍ଷମତାର ପ୍ରତିଶତ ମୂଲ୍ୟାଙ୍କନ କରାଯାଇଥାଏ, ତଦ୍‌ନୁସାରେ ହିତାଧିକାରୀ ମାନଙ୍କୁ ସେମାନଙ୍କ ପ୍ରମାଣପତ୍ର ପ୍ରଦାନ କରାଯାଏ । ଏତଦ୍ ବ୍ୟତୀତ ଭିନ୍ନକ୍ଷମ ମାନଙ୍କ ପାଇଁ ଜାତୀୟ କ୍ୟାରିୟର ସେବା କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଇଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ଅନ୍ୟାନ୍ୟ ପରାମର୍ଶ ପ୍ରଦାନ କରାଯାଇଥାଏ ଏବଂ ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ବସ୍ ପାସ୍ ମଧ୍ୟ ଯୋଗାଇ ଦିଆଯାଇଥାଏ । ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଶିବିର କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ନଭେମ୍ବର ମାସର ୧୨ତାରିଖ ବିଶୋଇ ବ୍ଲକ କାର୍ଯ୍ୟାଳୟ ପରିସରରେ, ୧୮ତାରିଖରେ ସରକାରୀ ଉଚ୍ଚ ବିଦ୍ୟାଳୟ, କରଞ୍ଜିଆଠାରେ, ୨୧ତାରିଖ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା ଠାରେ,୨୫ତାରିଖ ମୋରଡା ବ୍ଲକ କାର୍ଯ୍ୟାଳୟ ପରିସରରେ, ୨୮ତାରିଖ ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ, ୨୯ତାରିଖ ଡିଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ।























## ପୌର ପରିଷଦ କାର୍ଯ୍ୟାଳୟ : ଜୟପୁର
## OFFICE OF THE MUNICIPAL COUNCIL : JEYPORE

Letter No. 3758 JM — Date : 30 August 2025

**ନିବେଦନ**

- ରାସ୍ତା କିମ୍ବା ନାଳ ନର୍ଦ୍ଦମାରେ ଘରର ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଏହାକୁ ସଂଗ୍ରହ କରିବା ପାଇଁ ଆପଣଙ୍କ ଘର ନିକଟକୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ପକାନ୍ତୁ ।
- ଟ୍ରାଫିକ ନିୟମ ପାଳନ କରନ୍ତୁ । ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ ।
- ପରିଷଦର ଦେୟ ଯଥା : ଗୃହ ଟିକସ, ଦୋକାନ ଭଡା, ଲାଇସେନ୍ସ ଫି ତଥା ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
- ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବସ୍ତୁ ବର୍ଜନ କରନ୍ତୁ ।
- ରାସ୍ତା କଡରେ ବ୍ୟବସାୟ କରନ୍ତୁ ନାହିଁ । ବ୍ୟବସାୟ କରିବା ପାଇଁ ପୌରସଂସ୍ଥା ଦ୍ୱାରା ନିର୍ଦ୍ଦିଷ୍ଟ କରିଥିବା ସ୍ଥାନ ତଥା ପ୍ରଥମ ଓ ଦ୍ୱିତୀୟ ଦୈନିକ ବଜାରରେ ବ୍ୟବସାୟ କରନ୍ତୁ ।

| ବି. ସୁନୀତା | ଏ. ସସ୍ୟା ରେଡ୍ଡୀ, ଭାପ୍ରସେ | ନରେନ୍ଦ୍ର କୁମାର ମହାନ୍ତି |
|---|---|---|
| ଉପାଧକ୍ଷା | କାର୍ଯ୍ୟନିର୍ବାହୀ ଅଧିକାରୀ | ଅଧକ୍ଷ |
| ଜୟପୁର ପୌରପରିଷଦ | ଜୟପୁର ପୌରପରିଷଦ | ଜୟପୁର ପୌରପରିଷଦ |

# ମହିଳାଙ୍କ ଆତ୍ମହତ୍ୟା

କୁଆଁପାଳ ,(ସବ୍ୟୁ) :ମାହାଙ୍ଗା ଥାନା ଅନ୍ତର୍ଗତ ଗୋକନ ପଂଚାୟତ ଗୋକନ ଗ୍ରାମର କାଂଚନ ଲତା ସେଠୀ (୫୬) ଗତକାଲି ଆତ୍ମହତ୍ୟା କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ , କାଂଚନ ମାନସିକ ଅବସାଦଗ୍ରସ୍ତ ଥିଲେ। ସେ ତାଙ୍କ ପୁଅ ସହ ନିଜ ବାପ ଘର ଗ୍ରାମ ଗୋକନରେ ରହୁଥିଲେ। ପୁଅ ଘରେ ନ ଥିବା ସମୟରେ ଗତକାଲି ରାତିରେ କାଂଚନ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ମାହାଙ୍ଗା ପୋଲିସ ଏଏସଆଇ ବିମ୍ବାଧର ମଲିକ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ଥାନା କେସ ନଂ ୨୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଥିଲେ। କାଂଚନ ଏହି ଥାନା ଅନ୍ତର୍ଗତ କୁହୁଣ୍ଡା ପଂଚାୟତ କଲ୍ୟାଣପୁର ଗ୍ରାମରେ ରଘୁନାଥ ସେଠୀଙ୍କୁ ବିବାହ କରିଥିଲେ। ତେବେ ରଘୁନାଥ ଗ୍ରାମରେ ରହୁ ନଥିବାରୁ କାଂଚନ ବାଧ୍ୟ ହୋଇ ଗୋକନରେ ରହୁଥିବା ଜଣାଯାଇଛି।

# ସାମୁଦ୍ରିକ କଇଁଛକୁ ସୁରକ୍ଷା ଯୋଗାଇ ଦେବାକୁ ହେବ

ରାଜନଗର ,(ସବ୍ୟୁ) :ବିରଳ ଅଲିଭରିଡଲେ ସାମୁଦ୍ରିକ କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ହେବ। ଅନ୍ୟ ବନ୍ୟଜନ୍ତୁଙ୍କ ପରି କଇଁଛ ବଂଶ ବିଲୁପ୍ତ ନହୁଅନ୍ତୁ। ଆମେ କଇଁଛକୁ ବଂଚାଇଲେ ସେ ଆମକୁ ବଂଚାଇବ ଓ ଇକୋ ସିଷ୍ଟମ ସମତୁଲ ରହିବ। ମତ୍ସ୍ୟଜୀବୀ ମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଆମ ସହ ଆଲୋଚନା କରନ୍ତୁ ବୋଲି ମଙ୍ଗଳବାର ଶାସନପେଟା ଠାରେ ଅନୁଷ୍ଠିତ କଇଁଛ ସୁରକ୍ଷା ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଏଫଓ ଭରଦରାଜ ଗାଓଁଙ୍କର କହିଛନ୍ତି। ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ରାଜନଗର ପକ୍ଷରୁ ଶାସନପେଟା ଠାରେ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏସିଏଫ ମାନସ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରିଣୀ ଶତାବ୍ଦୀ ସୁଭଦ୍ରା ପ୍ରିୟଦର୍ଶିନୀ , ମହାକାଳପଡା ସାମୁଦ୍ରିକ ଥାନା ଆଇଆଇସି କିଶୋର କୁମାର ତରାଇ , ସାମ୍ବାଦିକ ଭାସ୍କର ରାଉତରାୟ ,ପରିବେଶବିତ ହେମନ୍ତ କୁମାର ରାଉତ , ସାମ୍ବାଦିକ ଦୋଳଗୋବିନ୍ଦ ଜେନା, କଳ୍ପତରୁ ସାମଲ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅଲିଭରିଡଲେଙ୍କ ସୁରକ୍ଷା କେବଳ ବନବିଭାଗ ଯୋଗାଇବା ସମ୍ଭବ ନୁହେଁ ଏଥିପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ମତ୍ସ୍ୟଜିବୀମାନେ ସହଯୋଗ କରୁଥିବାରୁ ଅତିଥି କଇଁଛଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ଖରନାସୀ ବୋଟ ଆସୋସିଏ

ସନର ସଭାପତି ଭକ୍ତ ଚରଣ ମହଳିକ , ମା'ରାମଚଣ୍ଡୀ ଡଙ୍ଗା ମାଲିକ ସଂଘର ସଂପାଦକ ତୁଷାରକାନ୍ତ ସର୍ଦ୍ଦାର ପ୍ରମୁଖ ଯୋଗଦେଇ ପାରମ୍ପରିକ ମତ୍ସ୍ୟଜିବୀମାନେ କଇଁଛ ସୁରକ୍ଷା କରୁଥିବା ବେଳେ ବଡବଡ ଟ୍ରଲର ଗୁଡିକ କଇଁଛ ମାରୁଛନ୍ତି। ତେଣୁ ବନବିଭାଗ ପକ୍ଷରୁ ଟୋଲ ଫ୍ରି ନମ୍ବର ଦିଆଯାଉ। ମତ୍ସ୍ୟଜିବୀମାନେ କୌଣସି ଅସୁବିଧାର ସମ୍ମୁଖହୀନ ହେଲେ କିମ୍ବା ଟ୍ରଲର ଗୁଡିକ ପଶି ମାଛ ମାରିଲେ ବନ ବିଭାଗକୁ ଖବର ଦେବେ ବୋଲି କହିଥିଲେ। ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏସିଏଫ ଗଗନ ବିହାରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ୨୦ଜଣଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ ପ୍ରଦାନ

ଯାଜପୁର,(ସବ୍ୟୁ) : ମା ଜଞ୍ଜାଳି ପୀଠ ରମ୍ଭା ବରି ଯାଜପୁର ଠାରେ ଶ୍ରୀ ଜଗନ୍ନାଥଙ୍କ କଥାମୃତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବାରୁ ୨୦ ଜଣ ଜଗନ୍ନାଥ ପ୍ରେମୀଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପବିତ୍ର କାର୍ତ୍ତିକ ମାସ ଅବସରରେ ମା' ଜଞ୍ଜାଳି ପୀଠ ରମ୍ଭା ବରୀ ଯାଜପୁର ରେ ଶ୍ରୀଜଗନ୍ନାଥ କଥାମୃତ, ଭଜନ ଓ ଶହସ୍ର ନାମ ଜଗନ୍ନାଥ ପରିବାର ଟ୍ରଷ୍ଟ ର ସହଯୋଗ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକଲବ୍ୟର ମହାନ ତ୍ୟାଗ କାହାଣୀକୁ ଟ୍ୟୁବ ରେ ଲୋକାର୍ପଣ କରାଯାଇଛି। ଡ଼ ନାରାୟଣ ମହାପାତ୍ର ଓ କପିଳେନ୍ଦ୍ର ଦାସଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବକ୍ତା ଡ଼ ପ୍ରଶାନ୍ତ ରଥ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଷୟରେ ତାଙ୍କର ଆଶ୍ରୀବଚନ ପ୍ରଦାନ କରିଥିଲେ। ପ୍ରଥମେ ଭଗବାନ ପରିବାର ଟ୍ରଷ୍ଟ ସହଯୋଗରେ ଶ୍ରୀ ଜଗନ୍ନାଥ ଶହସ୍ର ନାମ ମହାଲକ୍ଷ୍ମୀ ଅଷ୍ଟକମ ବୋଲା ଯାଇ ଭଜନ



ଦାଶ, ତ୍ରିଲୋଚନ ନାୟକ, ଅକ୍ଷୟ ସାହୁ , ବଂଶୀଧର ନାୟକ, ବିଜୟ ପଣ୍ଡା, ଶରତ ମହାପାତ୍ର ,ଭାରତୀ ଭୂଷଣ ପଟ୍ଟନାୟକ, ଶ୍ରୀନିବାସ ରାଓ, ଚୈତନ୍ୟ ନାୟକ ଓ ଜଗନ୍ନାଥ କରାଯାଇଥିଲା। ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ସେହି ଅଞ୍ଚଳ ଜଗନ୍ନାଥ ପ୍ରେମୀମାନଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବାରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହିପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡିଶା ର ପ୍ରତ୍ୟେକ ଅଞ୍ଚଳରେ ଧୀରେ ଧୀରେ କରାଯାଇ ଜଗନ୍ନାଥ ପ୍ରେମୀମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ରମ୍ଭା ଗ୍ରାମର ଅଧିବାସୀ ମାନେ ଯୋଗ ଦେଇ ଥିଲେ ଶେଷରେ ଜୟଦେବଙ୍କ ଗୀତ ଗୋବିନ୍ଦ ଗାନ କରାଯାଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

# ଆଲୋକଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

ବ୍ୟାସନଗର,(ଜିପ୍ର): କମ୍ରେଡ ଆଲୋକ ମହାନ୍ତିଙ୍କ ଜନ୍ମ ଦିନ ଅବସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାଲାସେମିଆ ପିଲାଙ୍କ ରକ୍ତ ଅଭାବକୁ ଦୂର କରିବା ପାଇଁ କ୍ଲବ୍ ଦିୟୁଥ୍ ମାସ ସହଯୋଗରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ଲଡ ବ୍ୟାଙ୍କ୍ ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ରକ୍ତ ଦାନ ଶିବିରରେ ୨୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରମିକ




ନେତା ମାୟାଧର ନାୟକ, ଆଇନଜୀବୀ ବିବେକା ନନ୍ଦ ମହାନ୍ତି, ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ଉଦୟ ଖଣ୍ଡେଇ, ଅଭୟ ପତି, ସୁବାସ ଧଳ, ଶିକ୍ଷାବିତ୍ ଆଲେକଜାଣ୍ଡାର ଦାସ, ସମାଜସେବୀ ମହାମାୟା ପ୍ରତାପ ସ୍ୱାଇଁ, ଡକଟର ପ୍ରସନ୍ନଜିତ କର, ଗୌତମ ସାହୁ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁନା ମାସ୍କରା, ସାରସ ଦାସ, ବିକ୍ରମ ବିଶ୍ୱାଳ, ସଞ୍ଜୟ ବାରିକ, ଗୋବର୍ଦ୍ଧନ ସ୍ୱାଇଁ ଅତିଥି ମାନଙ୍କ ସହିତ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ଶ୍ରୀ ମହାନ୍ତିଙ୍କୁ ଅଭିବାଦନ ଜଣାଇଥିଲେ। କାର୍ଯ୍ୟକ୍ରମକୁ କ୍ଲବର ସଭାପତି ପ୍ରକାଶ କୁମାର ଜେନା, ସମ୍ପାଦକ ରାଜେଶ ରାଉତ, ମନୋଜ ଦାସ, ରଘୁନାଥ ପାତ୍ର, ସନ୍ତୋଷ ରାଉତ, ମୁନ୍ନା ଖାଁ ସହଯୋଗ କରିଥିଲେ ।

# ରାସନ କାର୍ଡ ଧାରୀଙ୍କ ଇ-କେୱାଇସି ପୂରଣ ପାଇଁ ସମୀକ୍ଷା ବୈଠକ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ରାସନ କାର୍ଡଧାରୀଙ୍କ ଇ-କେୱାଇସି ଅପଡେଟ୍ କରିବା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅକ୍ଟୋବର ଶେଷ ସୁଦ୍ଧା ସମୟସୀମା ଧାର୍ଯ୍ୟ କରାଯାଇ ଥିଲେ ମଧ୍ୟ ଜନ ସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏହାକୁ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଘୁଂଚାଇ ଦେଇଛି"। ତେବେ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଂଚଳ ରେ ଥିବା ରାସନ କାର୍ଡଧାରୀ ମାନଙ୍କ ମଧ୍ୟରୁ କେନ୍ଦ୍ରାପଡା, ଡେରାବିଶ, ଗରଦପୁର, ମାର୍ଶାଘାଇ, ମହାକାଳପଡା ୫ଟି ବ୍ଲକ ଓ ୨ଟି ପୌରାଂଚଳ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ରେ ଶତକଡା ୯୬ ପ୍ରତିଶତ ଇ-କେୱାଇସି ହୋଇଥିବା ବେଳେ ଆଳି, କନିକା, ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଏହା ୯୨ ପ୍ରତିଶତ ହୋଇଥିବାରୁ ଜିଲ୍ଲାପାଳ ରାସନ ଡିଲର ମାନଙ୍କୁ ଡାକି ଯଥାଶିଘ୍ର ଇ-କେୱାଇସି ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛି"। ଆଜିର ଏହି ବୈଠକରେ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରୀତମ କୁମାର ଦାସ, ପ୍ରଦିପ କୁମାର ଦାସ, ଏସିଏସଓ ପୁନମ ଜେନା, ଦେବଶ୍ରୀ ମାଝିଙ୍କ ସମେତ ସମସ୍ତ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସ ପକ୍ଷରୁ ୪ଟି ସ୍ଥାନରେ ସାଇବର ସୁରକ୍ଷା ସଚେତନତା

ମହାକାଳପଡ଼ା ,(ସବ୍ୟୁ ):ଓଡିଶା ପୋଲିସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ସାଇବର ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ସାଇବର ସୁରକ୍ଷା ରଥକୁ ରାଜଗଡ ପଞ୍ଚାୟତ କଳ୍ପତରୁ ପ୍ରଶିକ୍ଷଣ କେନ୍ଦ୍ର ପରିଷରରେ ସ୍ୱାଗତ କରାଯିବା ସହିତ ସାଇବର ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସେହିପରି ମଧ୍ୟାହ୍ନ ରେ ସଦର ମହାକାଳପଡ଼ା ଠାରେ ଓ ଅପରାହ୍ନ ରେ ବଳିପାଳ ପଂଚାୟତ କଳପଡ଼ା ଠାରେ ଓ ସନ୍ଧ୍ୟାରେ ବିଜୟନଗର ପଂଚାୟତ ହାଟ ପଡିଆରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଥାନରେ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଉପସ୍ଥିତ ରହିଥିବା ସ୍ଥଳେ ସହଯୋଗୀ ଭାବେ ଆ ଡିସନାଲ ଇନ୍ସପେକଟର ବିଶ୍ୱଜିତ ଭୋଇ, ଏଏସଆଇ ଦାଶରଥି ମହାରଣା, ସବଇନ୍ସପେକଟର ତପସ୍ୱିନୀ ବିଶ୍ୱାଳ ଓ ଅନ୍ୟ ଅଧସ୍ତନ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏତଦବ୍ୟତୀତ ରାଜଗଡ଼ ସରପଞ୍ଚ ମମତା ସାମଲ ଓ ସମିତି ସଭ୍ୟା ଆଦି ଉପସ୍ଥିତ ରହି ସଚେତନତା ବାର୍ତ୍ତା ପ୍ରଚାର କରିଛନ୍ତି। ଜନପ୍ରତିନିଧି, ସାଧାରଣ ଜନତାଙ୍କ ସହିତ ଛାତ୍ର ଛାତ୍ରୀ, ଏସଏଚଜି ମହିଳା ଓ ସମାଜ ସେବୀ ଆଦି ଅଂଶ ଗ୍ରହଣ କରି ପ୍ରଶିକ୍ଷିତ ହୋଇଥିବାର ଜଣାପଡିଛି। ରାଜଗଡ଼ ଠାରେ ସରପଞ୍ଚ ମମତା ସାମଲ ଓ ସମିତି ସଭ୍ୟା ସ୍ୱର୍ଣ୍ଣ ପ୍ରଭା ବେହେରା, ମହାକାଳପଡ଼ା ଠାରେ ସରପଞ୍ଚ ରତିକାନ୍ତ ପଣ୍ଡା, ବଳିପାଳ ରେ ସରପଞ୍ଚ ପ୍ରଶାନ୍ତ ପଲ୍ଲାଇ ଓ ସମିତି ସଭ୍ୟ ବ୍ରଜ ରାଉତ ଓ ବିଜୟ ନଗର ଠାରେ ସରପଞ୍ଚ ରୂପସିନୀ ସାହୁ ଓ ସମିତିସଭ୍ୟା ସହଯୋଗୀ ଭାବେ ଉପସ୍ଥିତ ଥିଲେ। ପ୍ରଥମେ ଥାନା ତରଫରୁ ସାଇବର ଠକ ମାନେ କିଭଳି କାର୍ଯ୍ୟ କରୁଛନ୍ତି ଓ କିଭଳି ସାଧାରଣ ଲୋକଙ୍କ ନିକଟରେ ସରଳ ବିଶ୍ୱାସ ଜନ୍ମାଇ ସହଜରେ କୋଟି କୋଟି ଟଙ୍କା ଠକୁଛନ୍ତି ସେ ନେଇ ସଚେତନତା କରାଯାଇଥିଲା। ସଭା ପରେ ଉପସ୍ଥିତ ମହିଳା, ପୁରୁଷ ଯୁବକ, ଯୁବତୀ ଓ ଛାତ୍ର 'ଛାତ୍ରୀ ମାନଙ୍କ ମଧ୍ୟରେ ସାଇବର ସୁରକ୍ଷା ଜନିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଦ୍ୱାରା ପ୍ରଶିକ୍ଷିତ ଜ୍ଞାନର ପୁନଃରୁଦ୍ଧାର କରାଯାଇଥିଲା। ପ୍ରତ୍ୟେକ ଉତ୍ତର ଦାତା ମାନଙ୍କୁ ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଦିନକୁ ଦିନ ସାଇବର ଜନିତ ଠକେଇରୁ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟକୁ ସୁରକ୍ଷା ଦେବାରେ ସହାୟ ହେବାର ବାର୍ତ୍ତା ପ୍ରେରଣ କରାଯାଇଥିଲା।

# ବୃଦ୍ଧାଶ୍ରମରେ ନିଆରା ଢଙ୍ଗରେ ନାତିର ଜନ୍ମଦିନ ପାଳିଲେ ମନୋଜ ସାର

ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଂଚାୟତ ଏଲମାପୁର ସ୍ଥିତ ଦୁଃଖିଶ୍ୟାମବୃଦ୍ଧାଶ୍ରମରେ ଆଜି ଏକ ନିଆରା ଜନ୍ମଦିନ ପାଳିତ ହୋଇଯାଇଛି। ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡକଟର ମନୋଜ ମିଶ୍ର ତାଙ୍କ ନାତି ମାନଭିକଙ୍କ ଦଶମ ବାର୍ଷିକ ଜନ୍ମଦିନବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ଗହଣରେ ପାଳନ କରିଥିଲେ। ସକାଳୁ ଡକଟର ମିଶ୍ର ତାଙ୍କର ବନ୍ଧୁ ଡକଟର ଚିତ୍ତରଞ୍ଜନ ବେହେରା ଓ ଛାତ୍ର ବିରଞ୍ଚି ନାରାୟଣ କରଙ୍କ ସହିତ ବୃଦ୍ଧାଶ୍ରମରେ ପହଞ୍ଚି ଅନ୍ତେବାସୀ ମାନଙ୍କ ପାଇଁ ଜଳଖିଆର ବ୍ୟବସ୍ଥା କରିଥିଲେ। ପରେ ଅନ୍ତେବାସୀ ମାନେ ସମସ୍ତେ ମିଳିତ ଭାବରେ ଦୀପ ପ୍ରଜ୍ୱଳନ ପୂର୍ବକ ମାନଭିକଙ୍କ ମଙ୍ଗଳ କାମନା କରିଥିଲେ। ଡକଟର ମିଶ୍ର ଆଶ୍ରମରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରି ନିଜେ ସମସ୍ତଙ୍କ ସହିତ ମିଶି ଭୋଜନ କରିଥିଲେ। ଏହି ଜନ୍ମଦିନ କାର୍ଯ୍ୟକ୍ରମ ମଧ୍ୟରେ ସୌରୀ ପଂଚାୟତ ଯାହାଙ୍ଗିରାବାଦର ଦିନମଜୁରିଆ ଦିଲ୍ଲୀପ ପଣ୍ଡା ବୃଦ୍ଧାଶ୍ରମରେ ପହଞ୍ଚି ଅନ୍ତେବାସୀ ମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଦିଲ୍ଲୀପ ପଣ୍ଡାଙ୍କ ଏହି ମହାନତା ପାଇଁ ଡକଟର ମିଶ୍ର ଓ ଡକଟର ବେହେରା ତାଙ୍କୁ ସାଧୁବାଦ ଜଣାଇବା ସହିତ ସେବା ମନବୃତ୍ତି ଥିବା ମଣିଷଙ୍କ ପାଇଁ ଅର୍ଥ କେବେ ବାଧକ ସାଜିବ ନାହିଁ ବୋଲି କହିଥିଲେ। ଦିଲ୍ଲୀପ ପଣ୍ଡାଙ୍କ ଭଳି ଆଜିର ମାନବ ସମାଜ ଅସହାୟ ମାନଙ୍କୁ ସହଯୋଗର ହାତ ବଢ଼ାଇବାକୁ ମିଡ଼ିଆ ମାଧ୍ୟମରେ ନିବେଦନ କରିଛନ୍ତି।

# ଗୋକର୍ଣ୍ଣେଶ୍ୱର ପୀଠରେ ଭକ୍ତଙ୍କ ଗଜା ଭୋଗ ଲାଗି

ଧର୍ମଶାଳା,(ସବ୍ୟୁ) :ଗତ ଏକ ମାସ ଧରି କାର୍ତିକମାସ ବା ଧର୍ମ ମାସ ଚାଲିଥିବା ବେଳେ ଏବେ ମାସର ଶେଷ ପର୍ଯ୍ୟାୟ ପଂଚୁକରେ ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ଭିଡ ଲାଗିରହିଛି। ତେବେ ଆଜି ବଡ଼ ଓଷା ହୋଇଥିବା ବେଳେ ବିଭିନ୍ନ ଶୈବପୀଠରେ ଅସମ୍ଭାଳ ଭିଡ ପରିଲିଖିତ ହୋଇଛି। ଏହିକ୍ରମରେ ଧର୍ମଶାଳାର ପ୍ରସିଦ୍ଧ ଶୈବ ପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା । ତେବେ ଆଜିର ଏହି ପବିତ୍ର ଦିନରେ ଭକ୍ତ ମାନେ ମହାଦେବଙ୍କୁ ଦର୍ଶନ କରି ଗଜ ଭୋଗ ଲାଗି କରିବା



ସହ ଦୀପ ଜାଳୁଥିବା ଦେଖିବାକୁ ମିଳିଛି । ଆଜି ଭୋର ସମୟରୁ ପହଡ଼ ଖୋଲାଯାଇ ପ୍ରଭୁଙ୍କୁ ସ୍ନାନ କରାଯିବା ସହ ବଡ ସିଂହାର ବେଶ, ଧୂପ, ବାଲ୍ୟ ଭୋଗ, ମଙ୍ଗଳ ଆଳତି ଆଦି ବିଧି ମୁତାବକ ପୂଜାର୍ଚନା କରାଯାଇଥିଲା। ମନ୍ଦିରରେ ବାବା ଗୋକର୍ଣ୍ଣେଶ୍ୱରଙ୍କୁ ଦର୍ଶନ ଲାଗି ବହୁ ଦୁରଦୁରାନ୍ତରୁ ଭକ୍ତମାନେ ଛୁଟି ଆସିଥିବା ଦେଖିବାକୁ ମିଳିଛି। ଭକ୍ତମାନଙ୍କ ଭିଡକୁ ଦେଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପରିସରରେ ପୁଲିସ ମୁତୟନ କରାଯାଇଥିଲା।

## ମହେଶ୍ୱରପୁର ଓ ବରୁଆଁ ପଂଚାୟତରେ

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଯାଜପୁରସଦର,(ସବ୍ୟୁ) :ଯାଜପୁର ବ୍ଲକ ଅ"ର୍ଗତ ମହେଶ୍ୱରପୁର ଓ ବରୁଆଁ ପଂଚାୟତରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ବିଜେଡିର ବରିଷ୍ଠ ନେତା ବ୍ରଜକିଶୋର ପାଢୀଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁରର ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ ଯୋଗ ଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣି ଏହାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଯାଜପୁର ବିଧାୟକଙ୍କ ପ୍ରତିନିଧି ପ୍ରକାଶ ତ୍ରିପାଠୀ ପୁର୍ବ ସରକାରଙ୍କ ସଫଳତା ଓ ବର୍ତମାନ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଯାଜପୁର ବ୍ଲକ ଯୁବ ବିଜେଡି ସଭାପତି ଅଜୟ କୁମାର ମହା"ଙ୍କ ଅଧକ୍ଷତାରେ ଅଣୁଷ୍ଠିତ ସଭାରେ ସମିତି ସଭ୍ୟ ରଶ୍ମୀ ରଂଜନ ମହାନ୍ତି ବର୍ତମାନ ସରକାରର ବିଫଳତା କୁ ସମାଲୋଚନା କରିଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳକୁ ଅଧିକ ସକ୍ରୀୟ ଓ ଶକ୍ତିଶାଳୀ କରି ପ୍ରଣବ ପ୍ରକାଶ ଦାସଙ୍କ ହାତମୁଠାକୁ ଟାଣ କରିବା ପାଇଁ ଲୋକମାନଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରେଶ ବିଶ୍ୱାଳ,ସରପଂଚ ସୁଜିତ୍ ରାୟ,ପ୍ରଦୀପ ନାୟକ,ଜିଲା ପରିଷଦ ସଭ୍ୟା ସୁନିତା ରାଉତ୍,ସମିତି ସଭ୍ୟା ସ୍ମୃତିରେଖା ସାମଲ,ଦିନବନ୍ଧୁ ମଲ୍ଲିକ,ବିଜୟ ଦଳାଇ,ଗୌରାଙ୍ଗ ସାମଲ, ଅମିତ୍ ରାଉତ୍ ପ୍ରମୁଖ ଉପସ୍ଥିତ ଥିବା ବେଳେ ବରୁଆଁ ଠାରେ ସରପଂଚ ଅନାହାର ବାନୋ ,ବରିଷ୍ଠ ନେତା ରସୁଲ୍ ବକ୍ସ,ସେଖ୍ ଗୁଲାମ୍ ଅଲ୍ଲୀ,ନନ୍ଦକିଶୋର ସାହୁ, ଫିରୋଜ ବାଦଶାହ,ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସଭାରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ ଦେଖାଯାଇଥିଲା।

# ଜେ ପି ଫେସନ ମାର୍ଟ ଉଦ୍‌ଘାଟିତ

ରାଜକନିକା, (ସବ୍ରୁ) : ପ୍ରଥମାଷ୍ଟମୀ ଓ ପୂଜା ମାହୋଲ ଅବସରରେ ରାଜକନିକାର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ କଣ୍ଟପଡା ବଜାର ଠାରେ ଜେ ପି ଫେସନ ମାର୍ଟ ନାମରେ ଏକ ରେଡ଼ିମେଟ ପୋଷାକ ଶୋରୁମ ଉଦଘାଟିତ ହୋଇଯାଇଛି । ପି ଲଞ୍ଜି ବ୍ରାଣ୍ଡର ସହଯୋଗ ରେ ଖୋଇଥିବା ଏହି ଶୋ ରୁମକୁ ଅତିଥି ଭାବେ ଚଳଚିତ୍ର ଜଗତର ଚୁଲବୁଲି ନାୟିକା ଭୂମିକା, ଅନ୍ୟତମ ଲୋକପ୍ରିୟ ଅଭିନେତା ଦୀପକ, ଓ ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ ଏହି ରେଡ଼ିମେଟ ପୋଷାକ ଶୋରୁମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ, ପି ଲଞ୍ଜି ବ୍ରାଣ୍ଡର ନିଜ କାରଖାନାରୁ ପ୍ରସ୍ତୁତ ହୋଇ ସମସ୍ତ ପ୍ରକାର ରେଡ଼ିମେଟ ଗାର୍ମେଣ୍ଟ ଏଠାରେ ସୁଲଭ ମୂଲ୍ୟରେ ମିଳେ, ଏହାର ସୁଯୋଗ ନେବାକୁ ଗ୍ରାହକ ମାନଙ୍କୁ ଜେ ପି ଫେସନ ମାର୍ଟ ପକ୍ଷରୁ ନିବେଦନ କରାଯାଇଛି । ଏ ଭଳି ଏକ ପୋଷାକ ଶୋରୁମ ରାଜକନିକା ଅଞ୍ଚଳ ରେ ଖୋଲି ଥିବାରୁ ଗ୍ରାହକ ମାନଙ୍କ ମନରେ ଖୁସି ପ୍ରକଟ ପାଇଛି ।

# ନାଏବ ସରପଞ୍ଚ ପଦବୀ ପୂରଣ ଦାବି

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ବ୍ଲକ ଅ"ର୍ଗତ ଧୂମାତ ପଂଚାୟତରେ ନାଏବ ସରପଂଚ ଅନାସ୍ଥାରେ ହାରି ଯାଇ ଥିବାରୁ ସେ ପଦବୀ ଏପର୍ଯ୍ୟ" ପୂରଣ ହୋଇ ପାରୁନାହିଁ । ଯାହା ଫଳରେ ପଂଚାୟତ ର ଅନେକ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ୱାର୍ଡ ସଭ୍ୟ/ ସଭ୍ୟା ଜିଲ୍ଲାପାଳଙ୍କୁ ଭେଟି ନାଏବ ସରପଂଚ ପଦବୀ ପୁରଣ କରିବା ନିମନ୍ତେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଦୀନବନ୍ଧୁ ଲିକ, ସକୁନ୍ତଳା ଦାସ, କଳ୍ପନା ମଲିକ, ମଦନ ମଲିକ, ଆରତୀ ଜେନା, ନରେଶ ଚନ୍ଦ୍ର ନାୟକ, ସଂଯୁକ୍ତା ବେହେରା, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜେନାପୁର ଥାନା ଅଞ୍ଚଳରେ ବଢୁଛି ଅପରାଧ

## • ମାମଲା ପଞ୍ଜିକରଣରେ ସୀମିତ ପୋଲିସ

ଚଡେଇଧରା/ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଖଣିଖାଦାନ ଭରା ସ୍ୱର୍ଣ୍ଣକାତର ଅଞ୍ଚଳ ଭାବେ ଜଣାସୁଣା ଜେନାପୁର ଥାନା ଇଲାକାରେ ଦିନକୁ ଦିନ ଅପରାଧ ବଢିଚାଲିଛି। ଚୋରୀ,ଡକାୟତି,ଦାଦାଗିରି,ଖଣି ଲୁଟ,ମୋରମ ଓ ବାଲି ଚୋରୀ,ନିଶା କାରବାର,ଗଣ୍ଡଗୋଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲେ ମଧ୍ୟ ପୋଲିସ ଏହାକୁ ରୋକିବା ପାଇଁ ଠୋସ ପଦକ୍ଷେପ ନେଇପାରୁ ନାହା ଯାହାକୁ ନେଇ ଏହି ଅଞ୍ଚଳରେ ଅଶାନ୍ତି ବୃଦ୍ଧି ପାଉଛି। ଅନେକ ଜଘନ୍ୟ ମାମଲା ଘଟୁ ଥିଲେ ମଧ୍ୟ ସବୁ ଅଭିଯୋଗକୁ ନେଇ କେଶ ପଞ୍ଜିକରଣ କରିଦେଇ ପୋଲିସ ଚୁପ ବସୁଥିବା ଅଭିଯୋଗ ହୋଇଛି। ମାମଲା ପଞ୍ଜିକରଣ କରିଦେଇ ନିଜର ଦୋଷ ଛଡେଇ ଦେଇ ପୋଲିସ ଝାଡିଝୁଡି ହୋଇ ଯେତେ ବସିଲେ ମଧ୍ୟ ଅପାରଗତା ଦାଣ୍ଡରେ ପଡି ହାଟରେ ଗଢ଼ୁଛି। ମାଳ ମାଳ ମାମଲା ଥାନାରେ ପଡିରହିଥିଲେ ମଧ୍ୟ ତାହାର ଉପଯୁକ୍ତ ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ହେଉନାହିଁ।ଜେନାପୁର ଥାନା ଏକ ସମ୍ବେଦନଶୀଳ ଥାନା ଭାବରେ ଜିଲ୍ଲାରେସ୍ୱତନ୍ତ୍ରପରିଚୟ ରହିଛି। ଏଠାରେ ଗୋଟିଏ ପରେ ଗୋଟିଏ ଚୋରୀ,କଳାପଥର,ବାଲି ଓ ମୋରମ ଚୋରୀର ଲମ୍ବା ତାଲିକା ଥାନାରେ ଗଢ଼ୁଛି। ଏହି ସପ୍ତାହ ମଧ୍ୟରେ ୫୩ନମ୍ବର ଜାତୀୟ ରାଜପଥ ମହିଷରା ପଞ୍ଚାୟତର ବରଡା ଛକରେ ରହିଥିବା ମଧୁପୁରଗଡ଼ ଗ୍ରାମର ଅଜୟ ସାହୁଙ୍କ ମା ତାରିଣୀ ଟ୍ରେଡିଂରୁ ଲକ୍ଷାଧିକ ଟଙ୍କାର ଘୁଟକା,ପାନ ମସଲା ଗୋଦାମ ସଟର ଭାଙ୍ଗି ଦୁର୍ବୃତ୍ତ ମାନେ ଲୁଟିନେଲେ। ଚୋରୀକୁ ପାଞ୍ଚ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଚୋରକୁ ଧରିବାରେ ବିଫଳ ହୋଇଛି। କବାଟବନ୍ଧ ଷ୍ଟେଟବ୍ୟାଙ୍କ ନିକଟରେ ସ୍ୱଷ୍ଟ ଦିବା ଲୋକରେ ହୋଇଥିବା ଡକାୟତି ଘଟଣାକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଦ୍ୟାବଧି ଅପରାଧୀଙ୍କ ଟେର ପାଇ ପାରୁ ନାହିଁ! ସେହିପରି ଚଢ଼େଇଧରାର ଏକ ପେଟ୍ରୋଲ ପମ୍ପ କର୍ମଚାରୀ ଟଙ୍କା ଜମା କରିବାକୁ କବାଟବନ୍ଧ ଷ୍ଟେଟ ବ୍ୟାଙ୍କକୁ ଆସୁଥିବା ବେଳେ ଦଳଗାଁ ନିକଟରେ ତାଙ୍କ ଠାରୁ ୫ଲକ୍ଷ ୧୪ ହଜାର ୬୪୦ ଟଙ୍କା ଲୁଟ ହୋଇଥିଲା। ସେହିପରି ଗତ ୧୦/୧୦/୨୦୨୪ ରେ ଗଡ଼ମଧୁପୁର - କାନପୁର ରାସ୍ତାରେ ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀଙ୍କୁ ଲଙ୍କା ଗୁଣ୍ଡପକାଇ ଓ ଛୁରୀ ଦେଖାଇ ୨୫ ହଜାର ଟଙ୍କା ଓ ମୋବାଇଲ ଛଡ଼େଇ ନେଇ ଯାଇଥିଲେ। ଲୁଟ ଘଟଣା କୁ ୯ ମାସ ବିତିଥିଲେ ମଧ୍ୟ ପୋଲିସ ଅଦ୍ୟାବଧି ଅପରାଧୀଙ୍କ ପାଖରେ ପହଞ୍ଚି ପାରୁ ନାହିଁ ଚାଷୀ ମାନଙ୍କ ଜମିର ଉଠା ସେଚ ପେଏଣ୍ଟରୁ ସିରିଜ ବିଦ୍ୟୁତ ତାର ଏବଂ ମୋଟର ଚୋରି ନେଇ ଗତ ୧୧/୪/୨୫ ରେ ୧୦/୫/୨୫ ରେ ୨୭/୬/୨୫ ରେ ୨/୭/୨୫ ରେ ୪ ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ଏହି ଘଟଣା ଉପରେ ପୋଲିସ ମୁଣ୍ଡ ପୁରାଉନଥିବା କାରଣରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଇତିମଧ୍ୟରେ ଅନେକ ମନ୍ଦିରରୁ ଚୋରି ଘଟଣାକୁ ପୋଲିସ ଅତି ହାଲକା ଭାବେ ଗ୍ରହଣ କରି ତଦନ୍ତ ଆଳରେ ମାମଲାକୁ ପକାଇ ରଖିଥିବା ଅଭିଯୋଗ ହୋଇଛି। ସୋରାଇଶ୍ୱର ମନ୍ଦିର, ରାଇଛନ୍ଦା ପଞ୍ଚାୟତ ରାମେଶ୍ୱର ମନ୍ଦିରରୁ ଚୋରି ଘଟତାର ତଦନ୍ତ ଶୀତଳ ଭଣ୍ଡାରରେ ରହିଛି। ଗତ ୩/୭/୨୦୨୫ ରେ ମର୍ଜିତାପୁର ହିଙ୍ଗୁଳା ଛକ ନିକଟରେ ଥିବା ୪ଟି ଦୋକାନରୁ ଏକକାଳୀନ ଚୋରି,ଅଣ୍ଟିଆ ଗ୍ରାମରୁ ଦୁଇଟି ଘରୁ ଚୋରୀ, ଗତ ଜୁନ ମାସ ୧୦ ତାରିଖରେ ଦିନ ଦି ପ୍ରହରେ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ବଜାର ନିକଟରେ ଅପରାଧୀଙ୍କ ମୋଟର ସାଇକେଲରୁ ବୋମା ବିସ୍ଫୋରଣ ଘଟଣାର କୌଣସି ସୂରାକ ପୋଲିସ ପାଉନାହିଁ ଗତ ବର୍ଷକ ମଧ୍ୟରେ କୋଟିକୋଟି ଟଙ୍କାର ଖଣିଚୋରୀ ନେଇ ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ପକ୍ଷରୁ ୫/୬ଟି ଏତଲା ଦାୟର ହୋଇଥିଲା ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଘଟଣାରେ ପୋଲିସ ନିରବଦ୍ରଷ୍ଟା ସାଜିଛି। ଏହାକୁ ନେଇ ପୋଲସର କାର୍ଯ୍ୟ କଳାପ ଉପରେ ସାଧାରଣରେ ଆଲୋଚନା ହେଉଥିଲା ବେଳେ ଉକ୍ତ ଥାନା ଅଞ୍ଚଳରେ ଦୈନନ୍ଦିନ ଘଟୁଥିବା ରାସ୍ତା ଦୁର୍ଘଟଣା ଜନିତ ମୃତ୍ୟୁ ଓ ଗାଡି ଜବତ ଘଟଣାରେ ପୋଲିସର ଭୂମିକା ସଂନ୍ଦେହ ସୃଷ୍ଟି କରିଛି!। ଏହିସବୁ ଘଟଣାରେ ଜବତ ଅଧିକାଂଶ ଗାଡି ଓ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ ନକରି ପୋଲିସ ଥାନାରୁ ନୋଟିସ ଦେଇ ଛାଡି ଦେବାରେ ମଧ୍ୟ ଏହିଥାନା ରେକର୍ଡ କରିଥିବା ,ଯାହା ଜିଲ୍ଲାର ଅନ୍ୟ ଥାନା ଗୁଡିକରେ ଦେଖିବାକୁ ମିଳୁନାହା ପୋଲିସର ଏତାଦୃଶ କାର୍ଯ୍ୟ ନେଇ ବାରମ୍ବାର ଥାନା ଘେରାଉ, ଧରଣା ଓ ଜନ ଆନ୍ଦୋଳନ ହେଉଥିବା ଦେଖାଯାଉଛି। ଏତେସବୁ ପରେ ବି ଏଠାରେ କାର୍ଯ୍ୟରତ ଅଧିକାରୀ ମାନଙ୍କ ଚେତାପସୁ ନାହିଁ ସ୍ଥାନୀୟ ଅଞ୍ଚଳରେ ଉତ୍ତମ ପୋଲିସ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି ।

# ଶିକ୍ଷା ସାମାଜିକ ବିକାଶର ପ୍ରମୁଖ ସୋପାନ

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତି ଦାସ କାର୍ଯ୍ୟରୁ ଅବସର ନେଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଅବସରକାଳୀନ ସଭାରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଦାସଙ୍କ ଶିକ୍ଷାଦାନ ପଦ୍ଧତି ଓ ଛାତ୍ରବତ୍ସଳତା ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟରୁ ଅବସର ଏକ ମାନସିକ ବ୍ୟାଧି ନୁହେଁ ବୋଲି ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରିତା ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ସେଠି,ସିଆରସିସି ଚିନ୍ମୟ କୁମାର ରଥ, ବରିଷ୍ଠ ଶିକ୍ଷକ ଅଜୟ କୁମାର ବରାଳ ଓ ବିଜୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବଦାୟୀ ଶିକ୍ଷୟିତ୍ରୀ ଦାସ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବାସହ ଶିକ୍ଷା ସାମାଜିକ ବିକାଶର ପ୍ରମୁଖ ସୋପାନ ବୋଲି ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ତୁଷାର କୁମାର ନାୟକ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀ ଦାସଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସହକର୍ମୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁଚିତ୍ରା ସିଂହ ଧନ୍ୟବାଦ ଦେଇଥିଲେ।

# ୪୩ ବର୍ଷରେ ପହଞ୍ଚିଲା ଲାଲବାଗ ଛକ ଲକ୍ଷ୍ମୀନାରାୟଣ ପୂଜା

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଅଧିନସ୍ଥ ଖାନନଗର ଗ୍ରାମ ପଂଚାୟତ ଅନ୍ତର୍ଗତ ଲାଲବାଗ ଛକ ଠାରେ ଅନୁଷ୍ଠିତ ଲକ୍ଷ୍ମୀନାରାୟଣ ପୂଜା ଚଳିତ ବର୍ଷ ୪୩ ବର୍ଷରେ ପଦାର୍ପଣ କରିଛି। ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ଉତ୍ସବ କାର୍ତିକ ପୂର୍ଣ୍ଣମୀ ଦିନ ସମାପ୍ତ ହୋଇଥାଏ। ଅନୁଷ୍ଠାନର କର୍ତ୍ତା ଦାଇବରେ ଘନଶ୍ୟାମ ଦାସ ଓ ମାଳତୀ ଦାସ ସମ୍ପାଦନା କରୁଥିବା ବେଳେ ପୂଜକ ଭାବେ ପୁରୋହିତ ଧୀରେନ୍ଦ୍ର ପଣ୍ଡା ଏବଂ ପୁସ୍ତକ ଆଚାର୍ଯ୍ୟ ଭୀମସେନ ପଣ୍ଡା କାର୍ଯ୍ୟ ତୁଲାଉଅଛନ୍ତି। ଏହି ପୂଜା କାର୍ଯ୍ୟରେ ଲାଲବାଗ ଛକ କମିଟି, ଲାଲବାଗ ଗ୍ରାମ, ନୂଆପାଟଣା,କୁଲସାହି, ଖାନନଗର ଆଦି ଗ୍ରାମବାସୀ ଓ ସମସ୍ତ ଯୁବ ଗୋଷ୍ଠୀ ମାନେ ସହଯୋଗ କରିଥାନ୍ତି। ଏହି ଅବସରରେ ପାଞ୍ଚ ଦିନ ଧରି ଯଜ୍ଞ ହେବା ସହ ୨ ଦିନ ପ୍ରବଚନ, ଦୁଇଦିନ ପାଲା ଏବଂ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।



# ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ



ପିପିଲି ,(ସବ୍ୟୁ): ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ବାଲିଗାଁଠାରେ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠରେ ମହାସମାରୋହରେ ପାଳିତ ହୋଇଯାଇଅଛି। ପ୍ରାତଃ ୬ଘରୁ ଭକ୍ତଙ୍କ ସମାଧି ପୀଠରେ ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ତଥା ନିକଟର୍ବୀ ଅଞ୍ଚଳର ବହୁଧର୍ମ ପରାୟଣ ବ୍ୟକ୍ତିମାନେ ପୁଷ୍ପ ମାଲ୍ୟାର୍ପଣ, ବେଦ, ଗୀତା ପାଠ ଓ ଭକ୍ତ ଦାସିଆ ସଂର୍କୀନ ମଣ୍ଡଳୀର ସଦସ୍ୟମାନେ ନଗରସଂର୍କୀନ, ଅଖଣ୍ଡ ମହାମନ୍ତ ଜପ ସହିତ ପୀଠସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆଳତୀ, ସକାଳ ଧୂପ, ମଧ୍ୟାହ୍ନ ଧୂପ ସହିତପାର୍ଶ୍ୱ ଦେବାଦେବୀଙ୍କ ସମସ୍ତ ପୂଜାକର୍ମ ସଂପାଦିତ ହୋଇଥିଲା।ସ୍ମୃତି କମିଟି ଦ୍ୱାରା ଆୟୋଜିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରି ଶ୍ରୀଜଗନ୍ନାଥ ସଂସ୍କୃତିରେ ଭକ୍ତ ଦାସିଆଙ୍କ ଅବଦାନ ବିଭିନ୍ନ ଉପାଖ୍ୟାନ ଦେଇ ସ୍ମୃତିଚାରଣ କରିଥିଲେ। ଭୁବନେଶ୍ୱରର କେୟାର ହସ୍ପିଟାଲର ବିଶିଷ୍ଟହୃଦରୋଗ ବିଶେଷଜ୍ଞ ଡାକ୍ତର ବିପିନି ବିହାରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରାକ୍ତନ କୂଳପତି ଡଃ ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟ ବକ୍ତାଭାବେ ଭକ୍ତଙ୍କ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା କିଟ୍ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚିରଞ୍ଜୀନ ମିଶ୍ର ଓ ଡେଲାଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସମାନ୍ତରାୟ ଏବଂ ୱାଲ୍‌ଲେଟ ଫର୍ ଓଏଲଥ୍ ଏମଡ଼ି ତ୍ରିନାଥ ଲେଙ୍କା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେସାଂସ୍କୃତିକ ସଂପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଧାତ୍ମିକ ତ୍ରୟୋମାସିକ ପତ୍ରିକା ଭାବକୁ ନିକଟର ୧୦ମବର୍ଷର ୪ର୍ଥ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

ଏହି ଅବସରରେ ବହୁ ଶିଶୁ କଣ୍ଠଶିଳ୍ପୀମାନେ ଏକତ୍ରିତ ହୋଇ ଭଜନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରୀ ଡ୍ୟାନସ ଆକାଡେମୀର ପରିଚାଳନା ନିର୍ଦ୍ଦେଶକ ଡଃ ନାରାୟଣ ପାଣ୍ଡେ ଓ ତାଙ୍କର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ୬ରୁ ୪ଦିନ ପାଇଁ ଓଡ଼ିଶା ଆସିବେ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର

ବାରଙ୍ଗ,(ସବ୍ୟୁ): ବିଶ୍ୱ ମାନବବାଦୀ, ଆଧାତ୍ମିକ ଗୁରୁ ଏବଂ 'ଆର୍ଟ ଅଫ ଲିଭିଂ' ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ଆଜୀବନ ଅଧ୍ୟକ୍ଷ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଆସନ୍ତା ନଭେମ୍ବର ୬ ରୁ ୯ ତାରିଖ ପର୍ଯ୍ୟନ୍ତ ଚାରି ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ।

ଏହି ଗସ୍ତ କାଳରେ ଓଡ଼ିଶା ସରକାର ତାଙ୍କୁ ରାଜ୍ୟ ଅତିଥିର ମାନ୍ୟତା ପ୍ରଦାନ କରିଛନ୍ତି । ତାଙ୍କର ଓଡ଼ିଶା ରହଣୀ ସମୟରେ ଗୁରୁଦେବ ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ସାମିଲ ହେବା ସହ ଅନ୍ୟାନ୍ୟ ବହୁ କାର୍ଯ୍ୟକ୍ରମରେ ଯୋଗଦେବେ । ନଭେମ୍ବର ୮ ତାରିଖ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରହି ହଜାର ହଜାର ବିଦ୍ୟାର୍ଥୀଙ୍କୁ ପ୍ରେରଣା ଯୋଗାଇବେ । ଏହି ଅବସରରେ ଭାରତ ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ମୁଖ୍ୟ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ୬ ତାରିଖ ଗୁରୁବାର ଦିନ ଝାରସୁଗୁଡ଼ାରେ ଏକ ମହା ସତସଂଗ କାର୍ଯ୍ୟକ୍ରମରେ ଯୋଗଦାନ ସହ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଓଡ଼ିଶା ଗସ୍ତ ଆରମ୍ଭ ହେବ । ତାଙ୍କ ରହଣୀ କାଳରେ ସେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିବାକୁ ଥିବା ଏସିଆ ମହାଦେଶର ସର୍ବପ୍ରଥମ 'ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନଭେନସନ'କୁ ଉଦଘାଟନ କରିବା ସହ ଓଡ଼ିଶା ରାଜ୍ୟ ଲୋକସେବା ଭବନରେ ଆୟୋଜିତ ବ୍ୟୁରୋକ୍ରାଟ ସମ୍ମିଳନୀ ବିକଶିତ ଓଡ଼ିଶା ୨୦୪୭-ଏଥିକ୍ସ ଇନ ଗଭର୍ଣ୍ଣାନ୍ସକୁ ମଧ୍ୟ ସମ୍ବୋଧିତ କରିବେ । ଏଥିସହିତ ଗୁରୁଦେବ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ 'ନବୋନ୍ମେଷ' ଶୀର୍ଷକରେ ଏକ ପ୍ରଦର୍ଶନୀର ଉଦଘାଟନ କରିବେ। ଶିକ୍ଷାବିତ ବୁଦ୍ଧିଜୀବୀ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଓ ଶିକ୍ଷା ଜଗତର ଶୀର୍ଷ ନେତୃତ୍ୱମାନଙ୍କ ପାଇଁ ଉଦ୍ଦିଷ୍ଟ କନକ୍ଲେଭ 'ସଂକଳ୍ପ',ଇନଷ୍ଟିଚ୍ୟୁଟ ଅଫ ରିସ୍କ ମ୍ୟାନେଜମେଣ୍ଟ ସହ ମିଳିତ ଭାବରେ ଗଠିତ ଶ୍ରୀ ଶ୍ରୀ ସେଣ୍ଟର ଫର୍ ଏଣ୍ଟରପ୍ରାଇଜ ରିସ୍କ ମ୍ୟାନେଜମେଣ୍ଟକୁ ରବି ଶଙ୍କର ଉଦଘାଟନ କରିବେ । ଏହାବ୍ୟତୀତ ବିଭିନ୍ନ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ସହ ଚୁକ୍ତି ସସ୍ୱାକ୍ଷର (ଏମଓୟୁ) କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଏଗୁଡ଼ିକୁ ସମ୍ବୋଧିତ କରିବେ ।

ଆସନ୍ତା ୭ ତାରିଖ ସନ୍ଧ୍ୟାରେ ର ସର୍ବସାଧାରଣଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ମଧ ଏକ ଭବ୍ୟ ମହା ସତସଂଗର ଆୟୋଜନ କରାଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ, ଅଧ୍ୟାପକ ଓ କର୍ମଚାରୀମାନେ ମଧ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସାନିଧ ପ୍ରାପ୍ତ ହୋଇ ଆଧାତ୍ମିକ ଶକ୍ତି, ପ୍ରେରଣା ଏବଂ ଆନ୍ତରିକ ସାନ୍ତ୍ୱନାର ଅନୁଭୂତି ସାଉଁଟିବେ ବୋଲି ବିଶ୍ୱବିଦ୍ୟାଳୟ ଲିଡରଶିପ ଟିମ ପକ୍ଷରୁ ସୂଚନା ଦିଆଯାଇଛି ।



କଣ୍ଟିଲୋ : ପଞ୍ଚୁକ ତୃତୀୟ ଦିନରେ ନୀଳମାଧବଙ୍କ କାଞ୍ଚି ଅଭିଯାନ ବେଶ

# ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ସାକ୍ଷୀଗୋପାଳ ,(ସବ୍ୟୁ): ମଙ୍ଗଳବାର କାର୍ତ୍ତିକ ମାସ ଚତୁର୍ଦ୍ଦଶୀ ତିଥି । ଏହି ଅବସରରେ ଗଜପତି ମହାରାଜ, ପୁରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମର ଚତୁର୍ଥ ଖଣ୍ଡିରେ ଅବସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ଦେବଙ୍କ ପୀଠରେ ବଡ଼ଓଷା ପାରମ୍ପରିକ ରୀତିନୀତି ଅନୁଯାଇ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଠାକୁରଙ୍କ ଦର୍ଶନ ପୂଜାର୍ଚ୍ଚନା ପାଇଁ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା।ପୂର୍ବ ରାତ୍ରରୁ ଦେବ ନୀତି ଆରମ୍ଭ କରାଯାଇ ମଙ୍ଗଳ ଆଳତି, ଅବକାଶ, ବାଲଭୋଗ ନୀତି ଅନୁଷ୍ଠିତ ହୋଇଥିଲା । ସକାଳ ୬ଟାରୁ ଭକ୍ତ ମାନଙ୍କ ନିମନ୍ତେ ମନ୍ଦିରରେ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା । ବାରିକେଟ ମଧରେ ଧାଡିରେ ଯାଇ ଶ୍ରଦ୍ଧାଳୁମାନେ ଠାକୁରଙ୍କର ଦର୍ଶନକରି ପୂଜାର୍ଚ୍ଚନା କରିଥିଲେ। ସାକ୍ଷୀଗୋପାଳ ଓ ଏହା ଆଖପାଖ ଅଞ୍ଚଳର ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା। ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପୋଲିସ କର୍ମଚାରୀଙ୍କ ସହ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଉପସ୍ଥିତ ରହିଥିଲେ।

# ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସୁଛି ସିମେଣ୍ଟ ଅତଡା

ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ଗୋଷ୍ଠିକେନ୍ଦ୍ର ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟାଳୟ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଅତଡା ଖସୁଛି । ଫଳରେ ରୋଗୀ,ସଂପର୍କୀୟ ଓ କାର୍ଯ୍ୟାଳୟରେ ବସି କାମ କରୁଥିବା କର୍ମଚାରୀ ମାନେ ଭୟଭୀତ ହୋଇପଡିଛନ୍ତି । ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମମୃତ୍ୟୁ ପଂଜିକରଣ,ହିସାବ ବିଭାଗ ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ ଗୋଟିଏ ବହୁ ପୁରୁଣା ବିଲ୍ଡିଂରେ ଚାଲିଛି । ଉକ୍ତ କୋଠାର ଛାତରୁ ବଡ ବଡ ସିମେଣ୍ଟ ଅତଡା ତଳକୁ ଖସୁଛି । ଘରର ମରାମତି କରାଯାଉନଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଥିବା କୁହାଯାଉଛି । ଜନ୍ମ ମୃତ୍ୟୁ ପଂଜିକରଣ,ହିସାବ ବିଭାଗ ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବିଭିନ୍ନ କାମ ନେଇ ଆସୁଥିବା ରୋଗୀ,ସଂପର୍କୀୟ ଅତଡା ଖସିବା ଦେଖି ଭୟରେ ବାହାରେ ବୁଲୁଛନ୍ତି । କାମ ସରିଲେ ଭିତରକୁ ଯାଇ ସେମାନେ ନିଜ ନିଜର ତଥ୍ୟ ଧରି ସଙ୍ଗେ ସଙ୍ଗେ ବାହାରକୁ ପଳାଉଛନ୍ତି । ବିପଦସଂକୁଳ ଉକ୍ତ ଘରେ ବସି କାମ କରୁଥିବା କର୍ମଚାରୀ କେବଳ ଭଗବାନ ଭରଷା ବୋଲି କହୁଛନ୍ତି । ଏଥିପ୍ରତି ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ଦୃଷ୍ଟିଦେବାକୁ ଦାବୀ ହେଉଛି ।

# ବାଲିଯାତ୍ରା ଉପଲକ୍ଷେ ବଡମ୍ବାରେ ପୁସ୍ତକ ସଂଗ୍ରହ ଅଭିଯାନ ତ୍ୱରାନ୍ୱିତ

ବଡମ୍ବା, (ସବ୍ୟୁ): ଐତିହାସିକ କଟକ ବାଲିଯାତ୍ରାର ଅବସରରେ ଜନ ସାଧାରଙ୍କୁ ପୁସ୍ତକ ବଣ୍ଟନର ଆଗ୍ରହ ନେଇ କଟକର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଆହ୍ୱାନରେ ବଡମ୍ବା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ,ମହାବିଦ୍ୟାଳୟ ଓ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଠାରୁ ବହୁ ଉପାଦେୟ ପୁସ୍ତକ ସଂଗ୍ରହ କରାଯାଉଛି । ଏହି ପରିପେକ୍ଷୀରେ ବଡମ୍ବା ସଦର ମହକୁମା ଅନ୍ତର୍ଗତ ଶତାୟୁ ବିଦ୍ୟାଳୟ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ,ବଡମ୍ବାର ପ୍ରାକ୍ତନ ପ୍ରଧାନ ଶିକ୍ଷକ,ବିଶିଷ୍ଟ ଶିକ୍ଷାବିତ ତଥା ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃତୀ ଶିକ୍ଷକ ଚନ୍ଦ୍ର ଶେଖର ମହାନ୍ତି ଯିଏ ଏକାଧାରାରେ ଜଣେ କବି, ସାହିତ୍ୟିକ,ମଞ୍ଚ ପରିଚାଳକଙ୍କ ଦ୍ୱାରା ୪୦ ଖଣ୍ଡ ସ୍ୱ ରଚିତ ପୁସ୍ତକ ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କୁ ପ୍ରଦାନ କରିଅଛନ୍ତି । ଏଥିସହ ୧୬ ଟି ସାଧନ କେନ୍ଦ୍ର ଅନ୍ତର୍ଗତ ପ୍ରାୟ ୧୩୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ସହ ବହୁ ବଦାନ୍ୟ ବ୍ୟକ୍ତି ମଧ କିଛି କିଛି ପୁସ୍ତକ ପ୍ରଦାନ କରିଅଛନ୍ତି । ଉକ୍ତ ପୁସ୍ତକ ସଂଗ୍ରହ କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀଙ୍କ ସହ କଟକ ଜିଲ୍ଲା ଓଷ୍ଟା ସଂଘ ସଭାପତି କଳିଙ୍ଗ କେଶରୀ ପ୍ରଧାନ, ଅଲ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ବେହେରା, ସାନବାରସିଂହ ନୋଡାଲ ଉ.ପ୍ରା ବିଦ୍ୟାଳୟ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ପ୍ରତାପ ସିଂହ ଉପସ୍ଥିତ ଥିଲେ ।ଓ ଉକ୍ତ ପୁସ୍ତକ ସଂଗ୍ରହ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ,ବରିଷ୍ଠ ନାଗରିକ ଓ ସାଧାରଣ ଜନତା ପ୍ରଶଂସା କରିବା ସହିତ ଜିଲ୍ଲାପାଳ କଟକଙ୍କ ମହତ କାମକୁ ସାଧୁବାଦ ପ୍ରଦାନ କରିଅଛନ୍ତି ।

# କଣ୍ଟିଲୋକୁ ଏନ୍‌ଏସି ନକଲେ ଆନ୍ଦୋଳନ : ଭାରତୀୟ ବିକାଶ ପରିଷଦ




ଖଣ୍ଡପଡ଼ା,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ନୀଳମାଧବ କ୍ଷେତ୍ର କଣ୍ଟିଲୋକୁ ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି)ମାନ୍ୟତା ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋର ସମସ୍ତ ଯୋଗ୍ୟତା ଥାଇମଧ ଅଦ୍ୟାବଧି ଏନଏସି ଓ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଦଶପଲ୍ଲା ଏନଏସି ର ସମସ୍ତ ଯୋଗ୍ୟତା ଥାଇମଧ ଅଦ୍ୟାବଧି ମ୍ୟୁନିସିପାଲଟି ମାନ୍ୟତା ପ୍ରଦାନରେ ବିଳମ୍ବ ଘଟଣା ସରକାରଙ୍କ ବିଫଳତା ସହ ନୟାଗଡ଼ ଜିଲ୍ଲାକୁ ବୈମାତୃକ ମନୋଭାବ ପୋଷଣର ପରିଚୟ ସୃଷ୍ଟି କରିଛି।ଗତ ସରକାରର ଅନ୍ତିମ ସମୟରେ କଣ୍ଟିଲୋକୁ ଏନଏସି ଘୋଷଣା କରାଯାଇଥିବା ବେଳେ ଅଦ୍ୟାବଧି ଏହା କାର୍ଯ୍ୟକାରୀ କରାଯାଇନଥିବା ଯୋଗୁଁ ଅଞ୍ଚଳରେ ଅଶାନ୍ତିର ବାତାବରଣ ଖେଳିଯାଇଛି ବୋଲି କହିଥିଲେ । ଏଥି ସହ ସେ ମଧ୍ୟ ବିଜେପି ସରକାର ବିଗତ ଦିନରେ ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ ଏନଏସି ଓ ମ୍ୟୁନିସିପାଲଟିର ମାନ୍ୟତା ପ୍ରଦାନ କରିଥିବା ସମୟରେ ଭୌଗୋଳିକ, ସାମାଜିକ, ଐତିହାସିକ ଓ ଯୋଗାଯୋଗ ସହ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ ଦୃଷ୍ଟିରୁ କଣ୍ଟିଲୋକୁ ଏନଏସି ମାନ୍ୟତା ଓ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦଶପଲ୍ଲାକୁ ମ୍ୟୁନିସିପାଲଟି ମାନ୍ୟତା ପ୍ରଦାନରେ ଅବହେଳା କରିଛନ୍ତି। ଫଳରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏସଂପର୍କରେ ମୁଖ୍ୟମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ମୂଖ୍ୟ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ,ରାଜସ କମିଶନର ଓ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିବା ସଂପର୍କରେ ଶ୍ରୀ ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିଲେ। ୭ଦିନ ମଧରେ ସରକାର ଏସଂପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଭାରତୀୟ ବିକାଶ ପରିଷଦ ଆନ୍ଦୋଳନକୁ ଓହ୍ଲାଇ ସହ କୋର୍ଟର ଆଶ୍ରୟ ନେବ ବାଲି ପ୍ରକାଶ କରିଥିଲେ। ଅନୁଷ୍ଠାନର ରାଜ୍ୟ ଉପସଭାପତି ନିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ମହିଳା ସଭାନେତ୍ରୀ କନକ ପ୍ରଧାନ ସହଯୋଗ କରିଥିବା ଜଣାଯାଇଛି। ।

# ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ

କଣାସ, (ସବ୍ୟୁ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପୁରୀ ଜିଲ୍ଲା କଣାସ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି ।ଏହି ଶପଥ ପାଠରେ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ସହଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା,ପ୍ରଫୁଲ୍ଲ କୁମାର ବେହେରା ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଶପଥ ପାଠ କରିଥିଲେ ।

# ବୈଦେଶ୍ୱର ତ୍ରିକୂଟ ତୀର୍ଥ ମହୋତ୍ସବ -୨୦୨୫ ଉଦ୍‌ଘାଟିତ



ବାଙ୍କୀ ,(ସବ୍ୟୁ): ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ମହାନଦୀ କୂଳରେ ତ୍ରିକୂଟ ଧାମ ବାବା ବୈଦେନାଥ ଦେବଙ୍କ ପୀଠରେ ବୈଦେଶ୍ୱର୍ ମାଟିର କଳା, ସାହିତ୍ୟ, ସଂସ୍କୃତି ଐତିହ ତଥା ପୌରାଣିକ ପୃଷ୍ଠଭୂମୀକୁ ଜନ ମାନସରେ ପୁନ ସଞ୍ଚାରିତ କରିବାର୍ ନୂତନ ପରିକଳ୍ପନା ନେଇ ଶ୍ରୀ ଶ୍ରୀ ବୈଦେନାଥ ଦେବ ଯୁବ ପରିଷଦ ସଭ୍ୟଙ୍କ ଦାରା ଆୟୋଜିତ ତ୍ରିକୂଟ ମହୋତ୍ସବ ୨୦୨୫ ଶୁଭ ଉଦଘାଟିତ ହୋଇଯାଇଛି। ପବିତ୍ର ବଡଓଷା ଦିବସ ସଂଧ୍ୟାରେ ମୁଖ୍ୟ ଅତିଥି ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ଉତ୍ସବକୁ ଉଦଘାଟନ କରିଥିଲେ।

ବୈଦେଶ୍ୱର୍ ସରପଞ୍ଚ ସୁରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରଥମେ କବି ରବି ନାରାୟଣ ମଙ୍ଗରାଜ ତ୍ରିକୂଟ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ଉମାକାନ୍ତ ବେହେରା ଅତିଥି ପରିଚୟ ପତ୍ର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼କ୍ଟର ପବିତ୍ର କୁମାର ସୁବୁଦ୍ଧି, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତି, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଶିତୁ ପ୍ରକାଶ ରଥ, ୩୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମିତା ସାହୁ ଯୋଗ ଦେଇ ନୌବାଣିଜ୍ୟ କ୍ଷେତ୍ର ବୈଦେଶ୍ୱର୍‌ର ସମ୍ପର୍କ ରେ ଆଲୋକପାତ କରିଥିଲେ। ପରେ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲା ଓକିଲ ସଂଘ ସମୂହ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଦଶପଲ୍ଲା ,(ସବ୍ୟୁ): ଜିଲ୍ଲା ଓକିଲ ସଙ୍ଘ ସମୂହ ସଭାପତି, ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ଓକିଲ ସଙ୍ଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଦଶପଲ୍ଲା ସତସଙ୍ଗ ବିହାର ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବାର କାଉନସିଲ ସଭ୍ୟ ତଥା ଲୋକପ୍ରିୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ନିର୍ମମ ହତ୍ୟା ପ୍ରତିବାଦରେ ନିନ୍ଦା ପ୍ରସ୍ତାବ ନିଆଯାଇ ସାମ୍ପ୍ରତି ରାଜ୍ୟରେ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ସାମୁହିକ ଭାବେ ଓକିଲ ସଙ୍ଘ ନେତୃତ୍ୱ ନେବାପାଇଁ ସର୍ବସମ୍ମତ ପ୍ରସ୍ତାବ ଆଲୋଚନା ହୋଇଥିଲା । ନିଖିଳ ଉତ୍କଳ ଆଇନଜୀବୀ ସଙ୍ଘ ପାଖରୁ ପ୍ରସ୍ତାବିତ ଡିସେମ୍ବର ଶେଷ ସପ୍ତାହ ରେ ରାଜ୍ୟ ସ୍ତରୀୟ ଆଇନଜୀବୀ ସମ୍ମିଳନୀ ସମସ୍ତ ଓକିଲ ସଙ୍ଘ କାର୍ଯ୍ୟକର୍ତ୍ତା ସହମତି ପ୍ରକାଶ କରିଥିଲେ ।ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କ ପାଇଁ ମୋକଦ୍ଦମା ନଲଢ଼ିବା ପାଇଁ ବ୍ରହ୍ମପୁର ଓକିଲ ସଙ୍ଘକୁ ଆହ୍ୱାନ ଦିଆଯାଇଥିଲା । ଏହି ବୈଠକରେ ଦଶପଲ୍ଲା ଓକିଲ ସଙ୍ଘ ସଭାପତି ସୁଶାନ୍ତ କୁମାର ପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଖଣ୍ଡପଡା ଓକିଲ ସଙ୍ଘ ସଭାପତି ସଂଗ୍ରାମ କେଶରୀ ମିଶ୍ର, ସମ୍ପାଦକ ବିକ୍ରମ ଦେଓ, ରଣପୁର ଓକିଲ ସଙ୍ଘ ସଭାପତି ଶତ୍ରୁଘ୍ନ ପାଇକେରାୟ, ନୟାଗଡ଼ ଜିଲ୍ଲା ଓକିଲ ସଙ୍ଘ ସମ୍ପାଦକ ସ୍ୱଦେଶ ମିଶ୍ର, ଉପସଭାପତି ସନ୍ତୋଷ କୁମାର ରାଉତରାୟ ଙ୍କ ସମେତ ବିଭିନ୍ନ ସଂଘର କାର୍ଯ୍ୟକାରୀ କମିଟି ସଭ୍ୟ ମାନେ ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ

ସାକ୍ଷୀଗୋପାଳ,(ସବ୍ୟୁ): ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବାର୍ଷିକ ଉତ୍ସବ। ପାଳନ ହୋଇଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥୀ ରୁପେ ସାକ୍ଷୀଗୋପାଳ ଡାକ୍ତରଖାନାର ମେଡିକାଲ ଅଫିସର ଡ଼ାକ୍ତର ପ୍ରୀତମ ବାଗ ଯୋଗଦେଇଥିଲେ। ୩୦୦ରୁ ଉର୍ଦ୍ଧ ଈଶ୍ୱରୀୟ ବିଦ୍ୟାର୍ଥୀମାନଙ୍କୁ ଆଧାତ୍ମିକ ମାର୍ଗରେ ଚାଲିଲେ ନିଜର ଜୀବନରେ ଚିରନ୍ତନ ସୁଖ ଓ ଶାନ୍ତିକୁ ଅନୁଭବ କରି ଲକ୍ଷସ୍ଥଳରେଅତି ସହଜରେ ପହଁଚି ପାରିବେ ବୋଲି ତାଙ୍କ ବକ୍ତବ୍ୟରେ ସୁଚାଇଥଲେ । ଏହି ଉତ୍ସବରେ ବ୍ରହ୍ମା କୁମାରୀଜ ଯୋଗସାଧନ କେନ୍ଦ୍ର ଉପଖଣ୍ଡ ର ମୁଖ୍ୟ ସଂପାଦିକା ରାଜଯୋଗିନୀ ବ୍ରହ୍ମା କୁମାରୀ ପ୍ରତିମା ପରମପିତା ଶିବ ପରମାତ୍ମାଙ୍କର ଈଶରୀୟ ମହାବାକ୍ୟ ଓ ବରଦାନକୁ ବିସ୍ତୃତ ଭାବେ ପଠନ ସହ ସବୁ ଈଶ୍ୱରୀୟ ବିଦ୍ୟାର୍ଥୀ ମାନଙ୍କୁ ବୁଝାଇଥିଲେ।ଏଥିରେ ସାକ୍ଷୀଗୋପାଳ କେନ୍ଦ୍ରର ସଂଚାଳିକା ରାଜଯୋଗିନୀ ବି.କେ ସଂଯୁକ୍ତା । ସହଯୋଗ କରିଥିଲେ। ନିମନ୍ତ୍ରୀତ ଅତିଥି ରୁପେ ସମାଜ ସେବୀ କୈଳାସ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ଯୋଗଦେଇଥିଲେ । ସାକ୍ଷିଗୋପାଳରେ ଅନୁଷ୍ଠିତ ହୋଇଥିବା ପବିତ୍ର ଅଁଳା ନବମୀ ନବମୀ ଓ ବଡ଼ ଏକାଦଶୀ ଅବସରରେ ଆଧାତ୍ମିକ ଚିତ୍ର ପ୍ରଦର୍ଶନୀ ଖୋଲାଯାଇ ଆଗନ୍ତୁକ ଭକ୍ତମାନଙ୍କୁ ଚିତ୍ରମାଧ୍ୟମରେ ବୁଝାଇଲେ । ଏହାକୁ ଉଦଘାଟନ କରିଥଲେ ସାକ୍ଷିଗୋପାଳ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବି କେ ସଂଯୁକ୍ତା । ସାକ୍ଷିଗୋପାଳ ଉପ-ସେବାକେନ୍ଦ୍ରର ବ୍ରହ୍ମା କୁମାର ଓ ବ୍ରହ୍ମା କୁମାରୀ ଭାଇ ଭଉଣୀ ଙ୍କ ଦାରା ଏହି ସବୁ କାର୍ଯ୍ୟକ୍ରମ ସୁଚାରୁ ରୁପେ ପରିଚାଳନା କରାଯାଇଥିଲା ।।

# ବିଭିନ୍ନ ଶୈବ୍ୟପୀଠରେ ବଡ଼ଓଷା ପାଳିତ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଶୈବପୀଠରେ ବଡଓଷା ପର୍ବ ପାଳିତ ହୋଇଯାଇଛି ।ଶାନ୍ତି ଶୃଙ୍ଖଳା ମଧରେ ଭକ୍ତମାନେ ବଡ଼ ଓଷା ପାଳନ କରିଥିଲେ । ଚଳିତ ବର୍ଷ ସବୁ ଶୈବପୀଠ ଭକ୍ତ ମାନଙ୍କ ଗହଳି ଦେଖିବାକୁ ମିଳିଥିଲା । କଣାସ ବ୍ଲକର ଗଡ଼ସାହି,ଜଙ୍କିଆ,ବିଜିପୁର,ନଡୁଆପୁର,ଦୋକନ୍ଦା, ଗୋଲରା,ମାଳିସାହି,ଗ କପିଳେଶ୍ୱର ବେଣାଗାଁ,ବୈଦ୍ୟନାଥ ପାଟଣା , ଅଡ଼ାଲ ଓ ରକ୍ତପଟା ଭଳି ଅନେକ ଗ୍ରାମର ଶିବ ମନ୍ଦିରରେ ପୂଜକମାନେ ସକାଳ ସାନ୍ନ ସାରି ଠାକୁରଙ୍କ ନୀତିକାନ୍ତି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା ।ଶ୍ରଦ୍ଧାଳୁମାନେ ଲମ୍ବଧା ଆସି ଠାକୁରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।କାର୍ତ୍ତିକ ବର୍ତ୍ତଧାରୀମାନେ ଓ ଭକ୍ତମାନେ ହରିବୋଲ ନାମ ସଂକୀର୍ତ୍ତନ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।

# ଶ୍ରୀରାଧା ଉତ୍ସବରେ କଳାକାର ସମ୍ମାନିତ

ସାକ୍ଷୀଗୋପାଳ ,(ସବ୍ୟୁ) : ପବିତ୍ର ଅଁଳାନବମୀ ଓ ବଡ଼ ଏକାଦଶୀ ପର୍ବକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସତ୍ୟବାଦୀ ସେବା ଟ୍ରଷ୍ଟ ତରଫରୁ ସତ୍ୟବାଦୀ ସୁନାମ ଧନ୍ୟ କଳାକାରଙ୍କ ତୂଳୀ ମୁନରେ ରଙ୍ଗ ବେରଙ୍ଗ ଝୋଟି ଚିତା ମନ୍ଦିର ବାହାର ବେଢ଼ା ଓ ଭିତର ବେଢ଼ା ମଧରେ ଅଙ୍କିତ ହୋଇଥିଲା ।ଓ ଏହି ଝୋଟି ଓ ଚିତା ସବୁ ଭକ୍ତମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସତ୍ୟବାଦୀ ମୁକ୍ତାକାଶ ରଙ୍ଗ ମଞ୍ଚ ଉପରେ ଅନୁଷ୍ଠିତ ଶ୍ରୀରାଧା ଉତ୍ସବର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା,ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଙ୍କ ଗହଣ ରେ ଓ ସେବା ଟ୍ରଷ୍ଟ ର ସମ୍ପାଦକ ଆଇନଜୀବୀ ସୁଶାନ୍ତ କୁମାର ରଥଙ୍କ ଉପସ୍ଥିତି ରେ କଳାକାର ସୁକାନ୍ତ ଭୋଇ,ତ୍ରିନାଥ ଭୋଇ,ସୁବାସ କୁମାର ସାହୁ,କୃଷ୍ଣଚନ୍ଦ୍ର ଭୋଇ,ସୁରେଶ କୁମାର ଦାସ, ସୁରେଶ କୁମାର ପ୍ରଧାନ, ସୁଶାନ୍ତ କୁମାର ବେତାଳ,ପ୍ରକାଶ କୁମାର ଦାସ, ପ୍ରମୋଦ କୁମାର ଜେନା,ପୀତବାସ ଦାସ,ସତ୍ୟ ସେଠି,ଶିବ ପ୍ରସାଦ ବାରିକ,ଚନ୍ଦନ ସ୍ୱାଇଁ,ରଞ୍ଜିତ ଜେନା,ବିଶ୍ୱଜିତ୍ ମହାପାତ୍ର ପ୍ରମୁଖଙ୍କୁ ମାନପତ୍ର ଓ ଶ୍ରୀମଦ ଭଗବ୍ ଗୀତା ଦିଆଯାଇ ସମ୍ମାନିତ କରାଯାଇଥିଲା ।

# ଅନନ୍ତ ବଳିଆ ସେବାଶ୍ରମରେ ମରଣୋତ୍ତର ସମ୍ବର୍ଦ୍ଧନା ଉତ୍ସବ



ଫୁଲନଖରା ,(ସବ୍ୟୁ): କଟକ ସଦର ନିର୍ବାଚନ ମଣ୍ଡଳୀ ୫୮ ନଂ ୱାର୍ଡ ନୂଆଗଡ ସ୍ଥିତ ଅନନ୍ତ ବଳିଆ ସେବାଶ୍ରମରେ ମରଣତ୍ତର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍କଳର ବରପୁତ୍ରଙ୍କ ସମ୍ବର୍ଦ୍ଧନା ସମର୍ପଣ ଉତ୍ସବରେ ଉତ୍କଳର ବାରପୁତ୍ରଙ୍କ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ଉତ୍ତରାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

ଏହି ମହୋତ୍ସବରେ ଜୟୀ ରାଜଗୁରୁଙ୍କ ଦାୟାଦ ଡ. ଜଗଧାରୀ ମିଶ୍ର, ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିନିଧି ବିଜନ କୁମାର ପଣ୍ଡା, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଛାୟାକାନ୍ତ ଦାସ, ମଧୁସୂଦନ ଦାସଙ୍କ ସନ୍ଧ୍ୟାରାଣୀ ମଲ୍ଲିକ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରଫେସର ଡାକ୍ତର ସିଦ୍ଧାର୍ଥ ଦାସ, ନାରାୟଣ ବୀରବର ସାମନ୍ତଙ୍କ ଡ. ବୀଣା ସାମନ୍ତ, ଡାକ୍ତର ଜ୍ୟୋସ୍ନା ଦେଈଙ୍କ ପ୍ରଫେସର ଶ୍ୟାମା କାନୁନଗୋ, ମା' ସାରଳା ଦେବୀଙ୍କ ନିବେଦିତା ମହାପାତ୍ର, ସହିଦ ବାଜି ରାଉତଙ୍କ କୁଳମଣି ରାଉତ, ଆଚାର୍ଯ୍ୟ ହରିହରଙ୍କ ଚିତ୍ତରଞ୍ଜନ ଦାସ, ପ୍ରଚାରକ ଅନନ୍ତ ମିଶ୍ରଙ୍କ ନାତି ରଞ୍ଜନ ମିଶ୍ର, ଐତିହାସିକ କୃପାସିନ୍ଧୁ ମିଶ୍ରଙ୍କ ଜାନକୀନାଥ ମିଶ୍ର, ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ଅଣ ନାତି ପ୍ରଫୁଲ୍ଲ କୁମାର ବାହୁବଳେନ୍ଦ୍ର, ରାଜେନ୍ଦ୍ର ପ୍ରସାଦ ସିଂଙ୍କ ଧର୍ମପତ୍ନୀ ନଳିନୀପ୍ରଭା ସିଂ, ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ନାତି ସୌର୍ଯ୍ୟସୁନ୍ଦର ଦାସ, ଚାଖି ଖୁଣ୍ଟିଆ ଚନ୍ଦନ ହଜୁରୀଙ୍କ ନାତି କୃଷ୍ଣଚନ୍ଦ୍ର ହଜୁରା, କଟକ ମଣି ସାହୁଙ୍କ ନାତି ରାକେଶ କୁମାର ସାହୁ, ବାଇମୁଣ୍ଡିଙ୍କ ଦେବଦତ୍ତ ବିଶାଳ, ସଂଗ୍ରାମୀ ପ୍ରିୟନାଥ ଦେଙ୍କ ନାତି ପ୍ରଣବ କୁମାର ଦେ ଆଦି ୨୨ ଜଣ ସଂଗ୍ରାମୀଙ୍କ ଉତ୍ତରଦାୟାଦଙ୍କୁ ସମ୍ମାନିତ କରାଯାଇଛି । ଏଥିସହିତ ଅଞ୍ଚଳର ପତିହରା ମା'ମାନଙ୍କୁ ସମ୍ବଦ୍ଧିତ କରାଯାଇଥିଲା। ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ବାବା ବଳିଆଙ୍କୁ ସମ୍ବଦ୍ଧନା ପ୍ରଦାନ କରାଯାଇଥିଲା । ବାବାଜୀ ପ୍ରଣାବାନନ୍ଦ ଦାସ ସଭା ସଂଯୋଜନା କରିଥିବା ବେଳେ ଆଧାତ୍ମିକ ସ୍ତମ୍ଭକାର ଶ୍ରୀସନ୍ୟାସୀ ଜୀ ଧନ୍ୟବାଦ ଅର୍ପଣ କରିଥିଲେ।ଅନନ୍ତ ବଳିଆ ବୈଦିକ ଗୁରୁକୁଳମ ବେଦବିଦ୍ୟାର୍ଥୀ ବୃନ୍ଦ ବେଦ ପାଠ କରିଥିଲେ । ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ଆଇନଜୀବୀ ସୌରାବନ୍ଧୁ ମହାପାତ୍ରଙ୍କ ଦ୍ୱାରା ବେଦପାଠୀମାନଙ୍କୁ ବେଦ ପୁସ୍ତକ ପ୍ରଦାନ କରାଯାଇଥିଲା । ପରେ ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଥିଲା ।

କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ପୀତବାସ ମହାପାତ୍ର, ଡ. ଶରତ ରଥ, ଡା. ଅରବିନ୍ଦ ନନ୍ଦ, ଶିଶିର ରାଉତରାୟ, ଶ୍ରୀକାନ୍ତ ରାଉତରାୟ, ପ୍ରଶାନ୍ତ ମହାପାତ୍ର, ପ୍ରଦୀପ ସାହୁ, ତ୍ରିଲୋଚନ ପଣ୍ଡା, ଚତୁର୍ଭୁଜ ମହାପାତ୍ର,ବାଉରୀବନ୍ଧୁ ସାହୁ, ବିକ୍ରମ ଶତପଥୀ, ବିଜନ ପଣ୍ଡା,ଦୁର୍ଗା ଚରଣ ନାୟକଙ୍କ ସମେତ ଆଶ୍ରମର ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ। ଏହି ଅବସରରେ ଶତାଧିକ ଜନ ସାଧାରଣ ଉପସ୍ଥିତ ରହି ଆଜିର ସମାଜରେ ବାବା ବଳିଆ ଏକ ଆଦର୍ଶ ବୋଲି ମତ ପ୍ରକାଶ କରିଥିଲେ।

# ପୁସ୍ତକ 'ଏବେ ବି ଜଳୁଛି ପ୍ରଦୀପ ହୋଇ' ଲୋକାର୍ପିତ




ନୟାଗଡ଼, (ସବ୍ୟୁ): ନୟାଗଡ଼ ସହରର ବରିଷ୍ଠ ସାମ୍ବାଦିକ, କଳା ସାହିତ୍ୟ ଓ ସଂସ୍କୃତିପ୍ରେମୀ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଜୀବନ ଓ ସଂପୃକ୍ତି ଆଧାରିକ ପୁସ୍ତକ 'ଏବେ ବି ଜଳୁଛି ପ୍ରଦୀପ ହୋଇ' ନୟାଗଡ଼ରେ ଲୋକାର୍ପଣ ହୋଇଛି। ଲେଖକ ଏଥିରେ ନିଜ ଜୀବନର ବିଭିନ୍ନ ଅନୁଭୂତି ଓ ସଂପୃକ୍ତି ସଂପର୍କରେ ବର୍ଣ୍ଣନା କରିଛନ୍ତି ।

ପୁସ୍ତକ ଲୋକାର୍ପଣ ସମାରୋହରେ ସମାଜ ସେବୀ ପ୍ରମୋଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମୀକ୍ଷକ ରୂପେ ଡ. ବିଜୟ କୁମାର ଚୌଧୁରୀ, ଏବଂ ଡ. ଦେବବ୍ରତ ମହାନ୍ତି ପୁସ୍ତକର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ। ଲେଖକ ପ୍ରଦୀପ୍ତ କୁମାର ପଟ୍ଟନାକ, ଭଉଣୀ ଅପସପ୍ରାପ୍ତ ଅଧ୍ୟାପିକା ଜ୍ୟୋର୍ତିମୟୀ ଦାସ ପୁସ୍ତକର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଲେଖକଙ୍କ ଜୀବନର ସମସ୍ତ ସଫଳତା ଏବଂ ପୁସ୍ତକ ରଚନା ପଛରେ ପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକଙ୍କ ପ୍ରଶଂସନୀୟ ଅବଦାନ ରହିଛି। ସମାରୋହରେ ଏମ ଆଉରଙ୍ଗଜେବ, ଗୋକୁଳ କୁମାର ଷଡ଼ଙ୍ଗୀ, ନିର୍ମଳ ଚନ୍ଦ୍ର ସୁରଦେ ଓ ପ୍ରମୁଖ ଲେଖକଙ୍କ ସରଳ ତଥା ସାଧନ ନୀଷ୍ଠ ଜୀବନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବହୁ ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀ ଯୋଗ ଦେଇ ଲେଖକଙ୍କ ପ୍ରତି ଗଭୀର ସମ୍ମାନ ପ୍ରକଟ କରିଥିଲେ। କବି ଗୋପିନାଥ ସେଠୀ ସଭା ସଂଯୋଜନା କରିଥିଲେ। ଲେଖକଙ୍କ ପୁତ୍ର ସୁଜିତ ପଟ୍ଟନାୟକ ଅତିଥି ସ୍ୱାଗତ ଏବଂ କନ୍ୟା ପାଭଲୋଭା ପଟ୍ଟନାକୟ ଧନ୍ୟବାଦ ପ୍ରଦାନ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧/୨)

**ଅର୍ଜ୍ଜୁନ-ବିଷାଦଯୋଗଃ**

ସଞ୍ଜୟ ଉବାଚ

**ଧର୍ମ୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।**
**ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ॥ ୧ ॥**
**ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯ୍ୟୋଧନସ୍ତଦା ।**
**ଆଚାର୍ଯ୍ୟମୁପସଂଗମ୍ୟ ରାଜା ବଚନମବ୍ରବୀତ୍ ॥ ୨ ॥**

ସଞ୍ଜୟ ଉବାଚ- ରାଜା ଦୁର୍ଯ୍ୟୋଧନଃ ତୁ ପାଣ୍ଡବାନୀକଂ (ପାଣ୍ଡବାନଂ ସୈନ୍ୟଂ) ବ୍ୟୂଢ଼ଂ (ବ୍ୟୂହରଚନାୟାଂ ଅବସ୍ଥିତଂ) ଦୃଷ୍ଟ୍ୱା (ଅବଲୋକ୍ୟ) ତୁ ତଦା (ତସ୍ୟାଂ ସଂଗ୍ରାମୋଦ୍ୟୋଗାବାସ୍ଥାୟାଂ) ଆଚାର୍ଯ୍ୟଂ (ଗୁରୁଂ ଦ୍ରୋଣଂ) ଉପସଂଗମ୍ୟ (ତଦୀୟ ସମୀପଂ ବିନୟେନ ଗତ୍ୱା) ବଚନଂ (ଇଦଂ ବାକ୍ୟଂ) ଅବ୍ରବୀତ୍ (ଅକଥୟତ୍) ॥ ୨ ॥

# ଜୈବ ଅର୍ଥନୀତି କ୍ଷେତ୍ରରେ ଭାରତ

ଜୈବ ଅର୍ଥନୀତି (Bioeconomy)କ୍ଷେତ୍ରରେ ଭାରତ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ଏକ ଶୁଭ ସୂଚନା । ଏହି ଜୈବ ଅର୍ଥନୀତିର ଗତିଶୀଳତା ନୂତନ ଭାରତକୁ ଗଢ଼ି ତୋଳିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ । 'ଭାରତ ଜୈବ ଅର୍ଥନୀତି ରିପୋର୍ଟ ୨୦୨୫'କୁ ଉନ୍ମୋଚନ କରିଛନ୍ତି, କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ । ବିଗତ ଦଶ ବର୍ଷ ମଧ୍ୟରେ ୧୦ ବିଲିଅନ (ହଜାରେ କୋଟି ଡଲାର)ରୁ ଏହାର ଅଭିବୃଦ୍ଧି ଘଟି ତାହା ୨୦୨୪ ମସିହାରେ ୧୬୫ ଦଶମିକ ୭ ବିଲିଅନ୍‌ରେ ପହଞ୍ଚି ପାରିଛି । ଆସନ୍ତା ୨୦୩୦ ବେଳକୁ ଏହା ୩୦୦ ବିଲିଅନ୍ ଡଲାରରେ ଉପନୀତ ହେବ ବୋଲି ନିତି ଆୟୋଗ ଆକଳନ କରିଛନ୍ତି । ଖାଦ୍ୟ ସୁରକ୍ଷା ଦିଗରେ ଏବଂ କୃଷି ସ୍ତରୀୟ ମାର୍ଗରେ ଭାରତ ଅଗ୍ରସର ହୋଇ ପାରିବ ବୋଲି ଆଶା କରାଯାଉଛି । ଭାରତର ଜିଡିପି ହାର (ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ)ରେ ଏହାକୁ ୪ ଦଶମିକ ୨୫ ପ୍ରତିଶତ ଅଭିବୃଦ୍ଧି ବୋଲି କୁହାଯାଇ ପାରିବ ।

କୃଷି ପ୍ରଧାନ ଭାରତବର୍ଷ ଆଗାମୀ ୨୦୪୭ରେ ଆଉ ବିକାଶଶୀଳ ଭାରତ ହୋଇ ନଥିବ ଏବଂ ଏହା ବିକଶିତ ଭାରତରେ ଉପନୀତ ହୋଇଥିବ । ତେଣୁ କୃଷି ହିଁ ବିକଶିତ ଭାରତର ମାନଦଣ୍ଡ ହେବ ବୋଲି ମନେ ହେଉଛି । ଜୈବ ଅର୍ଥନୀତି ପାଇଁ କୃଷିର ରୂପାନ୍ତରୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଯେତେବେଳେ ସମଗ୍ର ବିଶ୍ୱ ବିଚଳିତ, ସେତେବେଳେ ଏହି ଜୈବ ଅର୍ଥନୀତି ପଦ୍ଧତିରେ ହରିତ ଗୃହ ଗ୍ୟାସ ନିର୍ଗମନକୁ ନିୟନ୍ତ୍ରିତ କରାଯାଇ ପାରିବ । ଭାରତରେ ଯେଉଁ ଜୈବ ପ୍ରଯୁକ୍ତି ବିଦ୍ୟା (ବାଇଓ ଟେକ୍ନୋଲୋଜି) ମୁଣ୍ଡ ଟେକି ଉଠିଥିଲା, ଜୈବ ଅର୍ଥନୀତି ହେଉଛି ତାହାରି ରୂପାନ୍ତରୀକରଣ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

କିଛି ବର୍ଷ ପୂର୍ବେ ବାଇଓଟେକ୍ନୋଲୋଜି (ଜୈବ ପ୍ରଯୁକ୍ତି ବିଦ୍ୟା) ଭାରତରେ ପ୍ରସାର ଲାଭ କରିଥିଲା । ଏପରିକି ଇଞ୍ଜିନିୟରିଂ ଡିଗ୍ରୀ ପାଠ୍ୟକ୍ରମ ସହିତ ସଂଯୁକ୍ତ କରାଯାଇ ଏହି ଜୈବ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାରେ ମଧ୍ୟ ବାଇଓଟେକ୍ନୋଲୋଜି ଇଞ୍ଜିନିଅରିଂ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଗଲା । ମାତ୍ର ଯେଉଁ ବିଦ୍ୟାର୍ଥୀମାନେ ଇଞ୍ଜିନିଅରିଂ ଡିଗ୍ରୀ ହାସଲ କଲେ, ସେମାନେ ନିଯୁକ୍ତିର ସୁଯୋଗ ପାଇଲେ ନାହିଁ । ରାଜ୍ୟରେ ବାଇଓଟେକ୍ ପାର୍କ ହେବ ବୋଲି ପ୍ରଚାର ଚାଲିଲା । କିନ୍ତୁ ସେ ସବୁ ଫଳପ୍ରଦ ହୋଇ ପାରିଲା ନାହିଁ । ଔଷଧ ଓ କୃଷି ଶିଳ୍ପ କ୍ଷେତ୍ରରେ ଏହି ଜୈବ ପ୍ରଯୁକ୍ତି ବିଦ୍ୟାର ଡିଗ୍ରୀ ଇଞ୍ଜିନିଅରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ବିଗତ ସରକାରଙ୍କର ଅପାରଗତାରୁ ଏହା ସମ୍ଭବ ହେଲା ନାହିଁ । କେନ୍ଦ୍ରରେ ବିଗତ କଂଗ୍ରେସ ସରକାର ଏକ ବାଇଓଟେକ୍ନୋଲୋଜି ବିଭାଗ ଓ ନୀତି ମଧ୍ୟ କରିଥିଲେ । ସେ ବିଭାଗଟି ଏବେ ଏକ ପ୍ରକାର ନିଷ୍କ୍ରିୟ ଅବସ୍ଥାକୁ ଚାଲି ଆସିଛି । ସର୍ବ ଭାରତୀୟ ବୈଷୟିକ କାଉନସିଲ ମଧ୍ୟ ଭାରତର ସିଭିଲ ସର୍ଭିସରେ ବାଇଓଟେକ୍ନୋଲୋଜି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଅର୍ନ୍ତଭୁକ୍ତ କରି ନାହାନ୍ତି । ଆମର ଅଦରକାରୀ ବାଇଗବା ଗଛରୁ ବାଇଓଡିଜେଲ ମଧ୍ୟ ଜଙ୍ଗଲ ବିଭାଗ ପ୍ରସ୍ତୁତ କରି ଯାନବାହାନ ପ୍ରଭୃତି ପାଇଁ ଡିଜେଲ ଯୋଗାଇ ଆସୁଥିଲା । କାହିଁକି କେଜାଣି ସରକାରଙ୍କର ସେହି ପରିଯୋଜନା ଅଧାପନ୍ତରିଆ ହୋଇ ପଡ଼ି ରହିବା ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ସମ୍ଭବତଃ ବ୍ୟୟବହୁଳତା କାରଣରୁ ସେହି ପରିଯୋଜନାକୁ ବନ୍ଦ କରି ଦିଆଯାଇଛି ।

ସେ ଯାହା ହେଉ, ଆମ ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ହେଲେ ଆମର କୃଷି ଓ କୃଷି ଅର୍ଥନୀତିକୁ ମଧ୍ୟ ସଜାଡିବା ପାଇଁ ହେବ । କମ୍ପ୍ୟୁଟର ପଦ୍ଧତିରେ ଉତ୍ପାଦନ ଓ ଖାଦ୍ୟ ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ଦେବାକୁ ହେବ । ରାସାୟନିକ ସାର ଯୋଗୁଁ ପନିପରିବା ଓ ଖାଦ୍ୟଶସ୍ୟ ହିଁ ଆମ ଶରୀରକୁ ସୁରକ୍ଷିତ ରଖି ପାରୁ ନାହିଁ । ଯାବତୀୟ ରୋଗରେ ପଡ଼ି ସାଧାରଣ ମଣିଷଟିଏ ମଧ୍ୟ ନିଷ୍କ୍ରିୟ ହୋଇ ଯାଉଛି ବା ପ୍ରାଣ ହରାଉଛି । ଜଣେ ମଣିଷ ନିରୋଗ ରହିବା ପାଇଁ ଜୈବିକ ଚାଷ (Organic Farming)ରୁ ଉତ୍ପାଦିତ ଶସ୍ୟ ଓ ପନିପରିବା ଉପରେ ନିର୍ଭର କରିବାକୁ ପଡ଼ିବ । ସେତେବେଳେ ଯାଇ ଜୈବ ଅର୍ଥନୀତି ଆମର ସଫଳ ହୋଇ ପାରିବ ବୋଲି ଆଶା କରାଯାଉଛି ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ

# ଅତୀତର ସ୍ମୃତି-ଭବିଷ୍ୟତର ନକ୍ସା



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଖାଲି ସନାତନୀ ଧର୍ମ ବିଶ୍ୱାସର ଏକ ପ୍ରମୁଖ ଦିବସଟିଏ ନୁହେଁ । ମହାନ ଓଡ଼ିଆ ସଭ୍ୟତା, ସଂସ୍କୃତି ତଥା ଆର୍ଥିକ ପ୍ରଗତିର ମୁକ ସାକ୍ଷୀ ଭଳି ଦିନଟିଏ। ଆଜି ଦିନ ଅତୀତର ସ୍ମୃତିକୁ ତାଜା କରୁଛି । ବଡି ଭୋରୁତ ଆପଣମାନେ ସାମିଲ ହୋଇଥିବେ ଡଙ୍ଗା ଭସା ଓ ବୋଇତ ବନ୍ଦାଣ ପରି କାର୍ଯ୍ୟକ୍ରମରେ । ଆମର ସାଧବପୁଅ ସାତ ଦରିଆ ତେର ନଇ ଡେଇଁ ବିଦେଶରେ ବେପାର ବଣିଜ କରି ଓଡ଼ିଶାକୁ ଧନଧାନ୍ୟରେ ପରିପୂର୍ଣ୍ଣ କରିଥିବା ସ୍ମୃତିର ଦିନ ଆଜି । ଏହି ପବିତ୍ର ଦିନରେ ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ଅତୀତର ନିଅଁ ଉପରେ ଠିଆ ହୋଇ ଅଭିନନ୍ଦନ ଜଣାଉଛି । ପୁଣି ଓଡ଼ିଶାର ହୃତ ଗୌରବ ଫେରାଇ ଆଣିବା ପାଇଁ ଓଡ଼ିଆ ଜାତିର ସଂକଳ୍ପକୁ ଦୋହରାଉଛି। ମୋର ସ୍ପଷ୍ଟ ମନେ ଅଛି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପ୍ରଥମ ପାଳି ଶାସନରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱରରେ ଜନସଭା କରୁଥାନ୍ତି । ଓଡ଼ିଶାର ଯଶର୍କିତ୍ତୀ ଚାରଣ କରି ସେ ମହାକବି କାଳିଦାସଙ୍କ ମହାକାବ୍ୟ କୁମାର ସମ୍ଭବମର ଅବତାରଣା କରିଥିଲେ । ତାଙ୍କ ମହାକାବ୍ୟରେ ମହାକବି କାଳି ଦାସ କଳିଙ୍ଗର ସମ୍ରାଟଙ୍କୁ ମହୋଦଧି ପତି, ଅର୍ଥାତ୍ ସମୁଦ୍ରର ରାଜା ଭାବରେ ବର୍ଣ୍ଣନା କରିଥିବା ଜନସମୁଦ୍ର ଆଗରେ ଅବତାରଣା କରିଥିଲେ । ବିଜେପିର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବରେ ଏହି ବିଶାଳ ଜନସଭାରେ ସାମିଲ ହେବାର ସୌଭାଗ୍ୟ ମୋର ଥିଲା । କଳିଙ୍ଗର ରାଜା-ମହାକବି କାଳିଦାସ-ମହୋଦଧି ପତି ଶବ୍ଦରେ ସମବେତ ବିଶାଳ ଜନ ସମୁଦ୍ରରେ ସତେ ଯେମିତି ବଡ଼ ଜୁଆର ଆସିବାର ସ୍ମୃତି ଆଜିବି ମୋ ମନରେ ତାଜା ଅଛି। ଓଡ଼ିଶାର ଗୌରବମୟ ପରମ୍ପରା ଓ ଆର୍ଥିକ ପ୍ରଗତିର କାହାଣୀ ଆହୁରି ଅଧିକରୁ ଅଧିକ ଜାଣିବା ପାଇଁ ମୋ ମନରେ ଉତ୍ସୁକତା ଜାଗିଥିଲା। ଲୋକଙ୍କ ହୃଦୟର କଥା କହିଲେ କେମିତି ଲୋକଙ୍କ ମନକୁ ବିଜୁଳି ବେଗରେ ଛୁଇଁପାରେ ସେଦିନ ମୁଁ ମର୍ମେମର୍ମେ ଅନୁଭବ କରିଥିଲି। ଆଜି ଦିନରେ ମୁଁ ଓଡ଼ିଶାର ବନ୍ଦର ନଗରୀ ପାରାଦ୍ୱୀପ ଠାରେ ଐତିହାସିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ତଥା କଟକର ଐତିହାସିକ ବାଲିଯାତ୍ରା କାର୍ଯ୍ୟକ୍ରମ ମାନଙ୍କରେ ଯୋଗ ଦେବାର ଅଛି । ଏହି ଐତିହାସିକ କାର୍ଯ୍ୟକ୍ରମ ମାନଙ୍କରେ ଯୋଗ ଦେବା ପାଇଁ ଜଣେ ସାଧାରଣ ଓଡ଼ିଆ ଭାବରେ ମୁଁ ବେଶ ଗର୍ବିତ। ମୁଖ୍ୟମନ୍ତ୍ରୀ ଭାବରେ ଆପଣମାନେ ଓଡ଼ିଶା ବିକାଶର ମଙ୍ଗ ଧରାଇଛନ୍ତି । ସାରା ବିଶ୍ୱରେ ଅର୍ଥନୈତିକ ସ୍ଥିତିରେ ଏବେ ଏକ ପ୍ରକାର ଅନିଶ୍ଚିତତା ଦେଖା ଦେଇଛି। ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ବିବାଦ ଓ ଯୁଦ୍ଧ ସ୍ଥିତି ବିଶ୍ୱର ଅର୍ଥନୀତିକୁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡୁଛି । ଏସବୁ ଭିତରେ ଦେଶର ଜନପ୍ରିୟ ନେତା ତଥା ଗରୀବ କଲ୍ୟାଣର ସୂତ୍ରଧର ନରେନ୍ଦ୍ର ମୋଦୀ ଦେଶକୁ ଆଜି ଦିନରେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି କରାଇବାରେ ସଫଳ ହୋଇଛନ୍ତି । ଆଉ ବର୍ଷ କେଇଟା ଭିତରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ, ଏହା ବିଶ୍ୱର ବିଭିନ୍ନ ଆର୍ଥିକ ମାମଲାର ବିଶେଷଜ୍ଞ ମାନଙ୍କର ସହମତି । ସମୁଦ୍ର ପଥରେ ବିଦେଶ ଯାତ୍ରା କରି ବେପାର ବଣିଜ କରିବା ଓଡ଼ିଆଙ୍କ ଡିଏନ୍‌ଏରେ ରହିଛି । ସାରା ଦେଶ ମୋଦିଜୀଙ୍କ ନେତୃତ୍ୱରେ ଯେତେବେଳେ ଦ୍ରୁତ ଆର୍ଥିକ ପ୍ରଗତି କରୁଛି ଆମେ ଓଡ଼ିଆ ମାନଙ୍କୁ ଆମର ଅତୀତର ପୃଷ୍ଠଭୂମି ଉପରେ ଆର୍ଥିକ ପ୍ରଗତିର ରାସ୍ତା ଖୋଜିବାର ସମୟ ଆସିଛି। ମୁଁ ରାଜ୍ୟ ସରକାରଙ୍କର ମୁଖିଆ ଭାବରେ କାର୍ତ୍ତିକ ପୂର୍ଣ୍ଣିମା ସହ ଓଡ଼ିଆଙ୍କ ଭାବଗତ ସମ୍ପର୍କର କଥା ତ କହିବି । ତା ସହ ଆମର ନଦୀ ଓ ସମୁଦ୍ର ଆଧାରରେ ପୁଣି ଓଡ଼ିଶାକୁ କେମିତି ଆର୍ଥିକ ପ୍ରଗତିର ଶୀର୍ଷକୁ ନେଇ ପାରିବା ତାର ପରିକଳ୍ପନା ଓ ବିଜେପିର ନୂଆ ସରକାର ଆସିବା ପରେ ନିଆଯାଇଥିବା ନୂଆ ପଦକ୍ଷେପ ଓ କ୍ରିୟାନ୍ୱୟନ ସମ୍ପର୍କରେ ମଧ୍ୟ ମୋର ପ୍ରିୟ ରାଜ୍ୟବାସୀ ବିଶେଷ ଭାବରେ ଯୁବପୀଢ଼ିଙ୍କ ସହ ଭାବର ଆଦାନ ପ୍ରଦାନ କରିବି। ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ ମତ, ବିକାଶ ଭିବିରା ସତଭି । ବିକାଶ ଆସୁ ମାତ୍ର ଆମର ଐତିହ୍ୟ ଓ ପରମ୍ପରାକୁ ମଧ୍ୟ ତା ସହ ଆମେ ପ୍ରଫୁଲ୍ଲିତ, ପ୍ରସ୍ଫୁଟିତ କରି ରଖିବାକୁ ପଡ଼ିବ। ମୋଦିଜୀଙ୍କ ମାର୍ଗଦର୍ଶନରେ ଓଡ଼ିଶାର ନକ୍ସା ପ୍ରସ୍ତୁତ । ସେ ବିଷୟରେ କହିବି ମାତ୍ର ସାଧବ ପୁଅଙ୍କ ବିଦେଶ ଯାତ୍ରା ଉପରେ ଆଉ ଦୁଇପଦ କହି ମୁଁ ଆମ ସରକାର ଯୋଜନା ବିଷୟରେ ଉଲ୍ଲେଖ କରିବି । ଇତିହାସକାରମାନେ ତଥ୍ୟ ବାହାର କରିଛନ୍ତି, ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ କଳିଙ୍ଗର ଜଣେ ରାଜକୁମାର ସିଂହଳରେ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହା ବୌଦ୍ଧପୋଥିରୁ ମିଳିଥିବା ତଥ୍ୟ ବୋଲି ବିଶେଷଜ୍ଞଙ୍କର ମତ। ଲଢ଼େଇ କରି ନୁହେଁ ଲୋକଙ୍କ ସ୍ନେହ ଓ ଶ୍ରଦ୍ଧାରେ ସେ ସେଠି ଶାସନ କର ଥିଲେ। ସମ୍ରାଟ ଅଶୋକଙ୍କ ପୁଅ ମହେନ୍ଦ୍ର ଏବଂ ଝିଅ ସଙ୍ଗମିତ୍ରା ଓଡ଼ିଶାର ତାମ୍ରଲିପ୍ତ ବନ୍ଦରରୁ ବିଦେଶକୁ ବୌଦ୍ଧମତ ପ୍ରଚାର କରିବାକୁ ବାହାରିଥିବା ଇତିହାସକାରଙ୍କ ତଥ୍ୟ।

ଓଡ଼ିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରାର ଛାପ ଆଜିବି ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନରେ ବିଦ୍ୟମାନ। ଇଣ୍ଡୋନେସିଆର ଏକ ସ୍ଥାନର ନାମ କୌଳିଙ୍ଗମ । ଇତିହାସ କହେ ଗୋଟିଏ ସମୟରେ ବଙ୍ଗୋପସାଗରର ନାମ କଳିଙ୍ଗସାଗର ଥିଲା। କଳିଙ୍ଗା-ସାହାସିକା ଏହା ଥିଲା ଓଡ଼ିଶାର ମୂଳ ଅଧିବାସୀଙ୍କର ଅନ୍ତରାଷ୍ଟ୍ରୀୟ ପରିଚୟ। ଆମ ବିରାସତକୁ ଆଧାର କରି ବିକାଶର ରାସ୍ତାରେ ଆଗେଇବା ପାଇଁ ମୋ ସରକାର ବଦ୍ଧ ପରିକର। ଆମର ପୁରୁଣା ଦିନମାନଙ୍କରେ ଓଡ଼ିଶା ବନ୍ଦର ଆଧାରିତ ଅର୍ଥନୀତିରେ ସାରା ବିଶ୍ୱରେ ଅଗ୍ରଣୀ ଥିଲା। ମାଣିକପାଟଣା, ତାମ୍ରଲିପ୍ତ, ପାଲୁର ଆଦି ଆମ ଇତିହାସର ସତ୍ୟ। ଗତ କିଛି ଦିନ ତଳେ ମୁଁ ମୁମ୍ବାଇ ଠାରେ 'ଇଣ୍ଡିଆ ମେରିଟାଇମ ଉଇକ' କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶାକୁ ବନ୍ଦର ଆଧାରିତ ଅର୍ଥନୀତିରେ ଖାଲି ଆମ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱରେ ଏକ ଶକ୍ତିଶାଳୀ ଭୂଖଣ୍ଡ ଭାବରେ ଗଢ଼ି ତୋଳିବା ପାଇଁ ପ୍ରସଙ୍ଗ ଉଲ୍ଲେଖ କରିଥିଲି । ଆଜିର ଏହି ପବିତ୍ର ଦିନରେ ମୋ ସରକାରଙ୍କର ପ୍ରତିବଦ୍ଧତାକୁ ଆପଣଙ୍କ ସମ୍ମାରେ ପ୍ରକାଶ ପୁଣି କରୁଛି। ଆମର ବର୍ତ୍ତମାନ ଓ ଆଗକୁ କ୍ରିୟାନ୍ୱିତ ହେବାକୁ ଥିବା ବନ୍ଦର ସମୂହ ଆମର ଅର୍ଥନୀତିରେ ଇଞ୍ଜିନ ଭଳି କାମ କରିବ। ଆଗାମୀ ଅଢ଼େଇ ଦଶନ୍ଧି ଧରି ଆମ ବନ୍ଦର ଆମ ଯୁବପିଢ଼ିଙ୍କ ପାଇଁ ରୋଜଗାର, ସ୍ୱରୋଜଗାର ତଥା ବଡ଼ ମାତ୍ରାରେ ଉଦ୍ୟମୀ କରିବାର ରାସ୍ତା ଖୋଲିବ। ପୂର୍ବ ଭାରତର ଉପକୂଳରେ ଓଡ଼ିଶାର ରଣନୈତିକ ଅବସ୍ଥିତିର ଫାଇଦା ନେବାର ବେଳ ଆସିଛି। ଉଚିତ ନୀତି ଓ ସଠିକ ମାର୍ଗରେ ଡବଲ ଇଞ୍ଜିନ ସରକାରର ଯୋଜନାବଦ୍ଧ କାର୍ଯ୍ୟକ୍ରମ ଓଡ଼ିଶାରୁ ବୈଶ୍ୱିକ ଶକ୍ତିମାନଙ୍କ ସହ ଲଢ଼ି ଆମ ରାଜ୍ୟ ଏବଂ ଦେଶ ପାଇଁ ସମୁଦ୍ର ଆଧାରିତ ଅର୍ଥନୀତିରେ ବଡ଼ ସମ୍ଭାବନା ସୃଷ୍ଟି କରିବାକୁ ଯାଉଛି ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେବାକୁ ଚାହୁଁଛି । ପାରାଦ୍ୱୀପ, ଧାମରା ଓ ଗୋପାଳପୁର ଏହି ତିନୋଟି ବନ୍ଦର ଆମର କାର୍ଯ୍ୟକ୍ଷମ । ଏହା ସହ ଅସ୍ତରଙ୍ଗ, ଜଟାଧାରୀ ମୁହାଁଣ, ସୁବର୍ଣ୍ଣରେଖା ଓ ବାହୁଦା ଠାରେ ନୂଆବନ୍ଦର ନିର୍ମାଣର କ୍ଷେତ୍ର ପ୍ରସ୍ତୁତି ସରିଛି । ଆମର ରାଜ୍ୟର ବନ୍ଦର ମାନଙ୍କର ମାଲ ନିୟନ୍ତ୍ରଣ କ୍ଷମତାକୁ ୫୦୦ ନିୟୁତ ଟନ୍‌କୁ ବୃଦ୍ଧି କରିବା ପାଇଁ କଠିନ ପରିଶ୍ରମ କରୁଛୁ। ଏହି ବନ୍ଦର ସହ ତିନୋଟି ସିପଆଙ୍କର ପଏଣ୍ଟ ମଧ୍ୟ ଓଡ଼ିଶାର ସାମୁଦ୍ରିକ ଅର୍ଥନୀତିର ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହେବ। ଏହା ସହ ଆମର ଧର୍ମର ସହର ପୁରୀ ଠାରେ କ୍ରୁଜ ଟର୍ମିନାଲ ପ୍ରତିଷ୍ଠା ହେବାକୁ ଯାଉଛି। ଏହା ରାଜ୍ୟର ଅର୍ଥନୀତିକୁ ନୂଆ ଦିଶା ଦେଖାଇବା ସହ ଦେଶ ବିଦେଶ ସମୂହ ସହ ବାଣିଜ୍ୟିକ ସମ୍ପର୍କରେ ନୂତନ ଦିଗନ୍ତ ଆଣିଦେବ । ବଡ଼ ବନ୍ଦର ସହ ରାଜ୍ୟର ବଡ଼ ସୁଦୀର୍ଘ ଉପକୂଳରେ ଆଉ୧୪ଟି କ୍ଷୁଦ୍ରବନ୍ଦର ନିର୍ମାଣର ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପରେଖ ଦିଆଯାଉଛି । ଓଡ଼ିଶା ସମୁଦ୍ରକୁ ଆଧାର କରି ବନ୍ଦର ଆଧାରିତ ଅର୍ଥନୀତିରେ ଖାଲି ଆଗେଇବ ନାହିଁ । ବରଂ ଆମର ଦୀର୍ଘ ୫୭୫ କିଲୋମିଟର ସୁଦୀର୍ଘ ବେଳାଭୂମି ଆମ ରାଜ୍ୟକୁ ଦେଶର ନୀଳ ଅର୍ଥନୀତିର ପ୍ରାଣକେନ୍ଦ୍ର କରିବାର ସମ୍ଭାବନା ରଖିଛି । ବନ୍ଦର ଆଧାରିତ ଶିଳ୍ପାୟନ ଓ ଏହି ପ୍ରକ୍ରିୟାରେ ନୂଆ ଓଡ଼ିଶାର ନୂଆ ପୀଢ଼ି ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ମୋ ସରକାର ତରଫରୁ ମୁଁ ଆପଣଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଉଛି। ସମୁଦ୍ର ଆଧାରିତ ରପ୍ତାନୀ ତଥା ଉପକୂଳ ପର୍ଯ୍ୟଟନର ନୂଆ ସମ୍ଭାବନା ଆମେ ଖୋଜୁଛୁ । ୨୦୪୭ରେ ଦେଶ ସ୍ୱାଧିନତାର ୧୦୦ବର୍ଷ ପୂର୍ତ୍ତୀ ସମୟରେ ଦେଶକୁ ବିକଶିତ ଅର୍ଥନୀତି କରିବା ମୋଦିଜୀଙ୍କ ପଣ । ଆମେ ଆମ ସ୍ୱତନ୍ତ୍ର ଭାଷା ଭିତ୍ତିକ ପ୍ରଦେଶ ଗଠନ ୧୦୦ ବର୍ଷ ୨୦୩୬ସୁଦ୍ଧା ବିକଶିତ ଓଡ଼ିଶା ଗଢ଼ିବାର ସ୍ୱପ୍ନ ଦେଖିଛୁ । ମୁଁ ନିଶ୍ଚିତ ଜନଭାଗିଦାରୀରେ ଆମ ରାଜ୍ୟ ଓଡ଼ିଶା ୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତ ନିର୍ମାଣରେ ବଡ଼ ଭୂମିକା ଗ୍ରହଣ କରିବ । ଆମର ବିକାଶର ଅବଧାରଣାର ମୂଳମନ୍ତ୍ର ସାଧାରଣ ଗରିବ ଲୋକଙ୍କ ପାଖରେ ବିକାଶକୁ ସଠିକ ମାତ୍ରାରେ ପହଁଞ୍ଚାଇବା। ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ ହେଉ ବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କର ଅନ୍ତୋଦୟ । ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ସବୁ ଜନବିକାଶ ଯୋଜନାର ଅନ୍ତଃସ୍ୱର। ଆମେ ଓଡ଼ିଆମାନେ ଶତାବ୍ଦୀ ଶତାବ୍ଦୀ ଧରି ପୀଢ଼ି ପରେ ପୀଢ଼ି ଡଙ୍ଗା ଭସାଇ ଆମର ବିରାସତ, ସଭ୍ୟତା ଓ ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି । ଏବେ ଡବଲ ଇଞ୍ଜିନ ସରକାର ନୂଆ ଉତ୍ସାହ ନୂଆ ଆଗ୍ରହ ସହ ଓଡ଼ିଶାର ବିରାସତକୁ ବିଶ୍ୱାସରେ ପରିଣତ କରିବାକୁ ବଦ୍ଧପରିକର । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ଆମର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇବା ସହ ବିକଶିତ ଓଡ଼ିଶା ଗଢ଼ିବାରେ ଆପଣଙ୍କର ସହଯୋଗ କାମନା କରୁଛି ।

**- ବନ୍ଦେ ଉତ୍କଳ ଜନନୀ -**

# ବୋଇତ ବନ୍ଦାଣ ଓ ଆମ ନୌବାଣିଜ୍ୟ ପରମ୍ପରା



**ଡକ୍ଟର ବାସନ୍ତୀ ମହାନ୍ତି**

ଉତ୍କଳକୁ ବେଢ଼ି ରହିଥିବା ମହାସାଗରକୁ ପ୍ରାଚୀନ କାଳରେ 'ଉତ୍କଳ ସାଗର' କୁହାଯାଉଥିଲା ବୋଲି ମହାଯାନ ବୌଦ୍ଧ ଗ୍ରନ୍ଥରେ ଉଲ୍ଲେଖ ରହିଛି । ଉତ୍କଳର ନୌବାଣିଜ୍ୟ ପରମ୍ପରା ଯେ ପ୍ରାକ୍ ବୌଦ୍ଧକାଳରୁ ରହିଆସିଛି ତାହା ବୌଦ୍ଧ ଜାତକ ଓ ଅନ୍ୟାନ୍ୟ ଗ୍ରନ୍ଥ ମାନଙ୍କରୁ ମିଳେ । ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବାଲି, କୋଚିନ୍ ସିଂହଳ ଇଣ୍ଡୋନେସିଆ ଆଦି ସ୍ଥାନରେ ଏବେ ସୁଦ୍ଧା କଳିଙ୍ଗ ପୁଅର ପଦଚିହ୍ନ ରହିଛି । ସେମାନଙ୍କର ଖାଦ୍ୟ, ବସ୍ତ୍ର, କଳା, ସ୍ଥାପତ୍ୟ, ପୂଜା କର୍ମ ଓ ଦେବଦେବୀଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଫିଲିଫାଇନ୍ସରେ କଳିଙ୍ଗ ଆସାୟାଓ ନାମକ ଏକ ପ୍ରଦେଶ ରହିଛି । ବ୍ରହ୍ମଦେଶରେ କଳିଙ୍ଗ ବନ ଓ ଶ୍ରୀକ୍ଷେତ୍ର ନାମକ ଦୁଇଟି ସ୍ଥାନ ରହିଛି । କିଲିଂ ନାମକ ଏକ ଜାତି ବାଲି ଦୀପରେ ବାସ କରନ୍ତି । ଏମିତି ଅନେକ ଉଦାହରଣ ରହିଛି । କିନ୍ତୁ ସବୁଠାରୁ ବିଡ଼ମ୍ବନାର ବିଷୟ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂପର୍କରେ ଓଡ଼ିଶାରେ ବିଧିବଦ୍ଧ ଇତିହାସ ଲେଖାଯାଇ ନାହିଁ । ଏତେବଡ଼ ସମୃଦ୍ଧ ପରମ୍ପରା କେବଳ କାହାଣୀ କିମ୍ବଦନ୍ତୀ, ବ୍ରତ କଥା, ଲୋକକଥା ମାନଙ୍କରେ ରହିଛି । ଗବେଷକମାନଙ୍କ ପାଇଁ ଏହି ଉପାଦାନମାନଙ୍କ ମଧ୍ୟରୁ ତଥ୍ୟ ବାହାର କରି ନିଷ୍କର୍ଷରେ ପହଞ୍ଚିବାକୁ ହେଉଛି ।

ସିଂହଳ ଦୀପ ସଂପର୍କରେ ମଧ୍ୟ ସେଇଭଳି କୁହାଯାଏ ଯେ, ଉତ୍କଳର ଜଣେ ଅବାଧ ଅତ୍ୟାଚାରୀ ଉଦଣ୍ଡ ରାଜପୁତ୍ର ବିଜୟ ସିଂହଙ୍କୁ ରାଜଦଣ୍ଡ ସ୍ୱରୂପ ସାତ ଶହ ଲୋକଙ୍କୁ ଧରି ବୋଇତରେ ବସାଇ ଏକ ନିକାଞ୍ଚନ ଦୀପକୁ ପଠାଇ ଦିଆଯାଇଥିଲା। ସେଠାରେ ସେ ସ୍ଥାନୀୟ ଲୋକଙ୍କୁ ପରାସ୍ତ କରି ସେମାନଙ୍କର ରାଜା ହୋଇଥିଲେ । ଦୀପର ନାମ ସିଂହଳ ଦେଇଥିଲେ ।

ଉତ୍କଳର ଉପକୂଳବର୍ତ୍ତୀ ଅଞ୍ଚଳରେ ଛୋଟବଡ଼ ଅନେକ ବନ୍ଦର ଥିଲା । ଏହି ବନ୍ଦରଗୁଡିକ ଥିଲା ନୌବାଣିଜ୍ୟ ପାଇଁ ପେଣ୍ଠ ସ୍ଥଳ । ସେମାନଙ୍କ ମଧ୍ୟରେ ତାମ୍ରଲିପ୍ତି,ଚେଲିତୋଳ (ତିର୍ତ୍ତୋଲ?) ମାଣିକ ପାଟଣା, ହରିହରପୁର, ପାଲୁର, ପିଥୁଣ୍ଡ, ମନସୁର କୋଟା ପିପିଲି ବାଲେଶ୍ୱର । ଧାମରା, ଚାନ୍ଦବାଲି, ସୁବର୍ଣ୍ଣରେଖା, ପୁରୀ, ଗଞ୍ଜାମ, ସୋନପୁର ବିରୁହା, କଳିଙ୍ଗ ପତନନ୍ ଆଦି ପ୍ରଧାନ ।

ଓଡ଼ିଶାର ମସଲା, ମୂଲ୍ୟବାନ ପଥର, ହୀରା, ଆସବାବ ପତ୍ର, ହାତୀଦାନ୍ତ, ନଡ଼ିଆ, ଆୟୁର୍ବେଦିକ ଔଷଧ ପତ୍ର ଆଦି ନେଇଯାଇଥିଲେ ଏବଂ ଯେଉଁ ଦୀପରୁ ଯାହା ଭଲ ଭଲ ଜିନିଷ ମିଳୁଥିଲା ତାହା ଧରି ଆସୁଥିଲେ । ଖୁଲଣା ସୁନ୍ଦରୀ ପୁସ୍ତକରେ ବୋଇତରେ ବେପାର ପାଇଁ ନେଇ ଯାଉଥିବା ଦ୍ରବ୍ୟମାନଙ୍କ ସଂପର୍କରେ ଉଲ୍ଲେଖ ରହିଛି-ରାଜା ଧନେଶ୍ୱର ସମୁଦ୍ରରେ ବୋଇତ ମେଲିବା ଆଗରୁ ଏହି ଦ୍ରବ୍ୟମାନ ଯୋଗାଡ଼ କଲେ - କବିଙ୍କ ଭାଷାରେ, 'ଅନେକ ଦ୍ରବ୍ୟ ତା ଭିତରେ ଭରି ଶୁଣ୍ଠି ପିପ୍‌ପଳି ଯେ ପାନ ମହୁରୀ, ଗଙ୍ଗାର କର୍ପୁର କସ୍ତୁରୀ ଝୁଣା,ଜାଇଫଳ, ବଡ଼ ଜିରା, ଟାଙ୍ଗଣା, ହେଙ୍ଗୁ, ସଉଁଫ, ଲବଙ୍ଗ, ଜୁଆଣୀ, ଗୁଜୁରାତି, ଅଳେଇଚକୁ ଘେନି । ନୀଳବଡ଼ି ହରିତାଳ ହିଙ୍ଗୁଳ ମୁଦାର ଶଙ୍ଖ ପୁଣି ମନଃଶୀଳ, ମେଥି, ରସୁଣ ଯେ ଜିରା ମରିଚ, କଳାଲୁଣ, ଲୋଧୁ ଭାଲିଆ ବଚ । ଖଇର ଆପୁ ମେଣ୍ଢାଶିଙ୍ଗ ପାରା, ନାଗେଶ୍ୱର ତେଜ ପତ୍ର ମହୁରା, ଅଷ୍ଟରନ୍ ଆଦି ଯେତେକ ଦ୍ରବ୍ୟ, ବୋଇତ ଭିତରେ ରଖିଲା ସର୍ବ ।'

ସେତେବେଳେ ଏସବୁ ଉତ୍କଳରେ ଉପଲବ୍ଧ ଥିଲା, ଫେରିଲା ବେଳକୁ ମଧ୍ୟ ବୋଇତ ଭର୍ତ୍ତି ଧନରତ୍ନ ମଣି ମାଣିକ୍ୟ ଧରି ଆସୁଥିଲେ । ପ୍ରସଙ୍ଗତଃ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଗନ୍ନାଥଙ୍କର ମସ୍ତକରେ ଏକ ମୂଲ୍ୟବାନ୍ ମଣି ରହିଛି । କିମ୍ବଦନ୍ତୀ କହେ କଳିଙ୍ଗର ଜଣେ ସାଧବ ସ୍ୱଦେଶକୁ ବାହୁଡୁଥିବା ବେଳେ ଏକ ଦୀପରେ କିଛି ସମୟ ବିଶ୍ରାମ ନେଉଥିବାବେଳେ ଦେଖିଲେ ଏକ ଭୟଙ୍କର ସର୍ପ ତା ମସ୍ତକରୁ ମଣିଟି ବାହାର କରି ରଖି ଚରିବା ପାଇଁ ଗଲା । ସାଧବଙ୍କ ଦୃଷ୍ଟିରେ ଏହି ମଣିଟି ପଡିବାରୁ ସେ ତାହାକୁ ଅତି ଶୀଘ୍ର ଉଠାଇ ବୋଇତକୁ ଚାଲି ଆସିଲେ ଏବଂ ବୋଇତ ଆଗକୁ ବାହି ଚାଲିଲେ । କିନ୍ତୁ ଅଳ୍ପବାଟ ଯାଇଛନ୍ତି କି ନାହିଁ ସେହି ସର୍ପଟି ବିରାଟକାୟ ଫଣା ତୋଳି ଗର୍ଜନ କରି ବୋଇତ ପଛେ ପଛେ ଧାଇଁଲା । ଭୟରେ କାତର ହୋଇ ସାଧବ ଶ୍ରୀଜଗନ୍ନାଥଙ୍କୁ ସୁମରଣା କଲେ ଓ ଯଦି ଏହି ସର୍ପ କବଳରୁ ସେ ମୁକ୍ତି ପାଆନ୍ତି ତେବେ ସେ ମଣିଟିକୁ ତାଙ୍କୁ ଦେଇ ଦେବେ ବୋଲି ମାନସିକ କରି ଦେଲେ । ସଙ୍ଗେ ସଙ୍ଗେ ସର୍ପଟି ପଛକୁ ଫେରିଗଲା । ସାଧବ ସ୍ୱଦେଶରେ ପହଞ୍ଚି ପ୍ରଥମେ ସେହି ମଣିଟିକୁ ଜଗନ୍ନାଥଙ୍କୁ ସମର୍ପି ସାରି ନିଜ ଘରକୁ ଫେରିଲେ ।

'ବାଣିଜ୍ୟେ ବସତି ଲକ୍ଷ୍ମୀ' ବୋଲି ଯାହା କୁହାଯାଉଛି ତାହା ଏହି ବୋଇତ ଓ ନୌବାଣିଜ୍ୟକୁ ଲକ୍ଷ୍ୟ କରି ହିଁ କୁହାଯାଇଛି । ତତ୍କାଳୀନ ସମାଜରେ ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତାକୁ ମାପିବା ପାଇଁ ବୋଇତ ଥିଲା ମାପଦଣ୍ଡ । କେନ୍ଦ୍ରାପଡ଼ା ବଡ଼କୋଠ ଜମିଦାରଙ୍କର ୬୦ ଖଣ୍ଡ ବୋଇତ ଥିଲା ବୋଲି କଥିତ ଅଛି । ତଅପୋଇର ପିତା ତନୟବନ୍ତ ସାଧବର ସାତଖଣ୍ଡ ବୋଇତ ଥିଲା । ତାର ସାତପୁଅ, ସାତ ବୋହୂ ଓ ଅଲିଅଳୀ କନ୍ୟା ତଅପୋଇ । ଚାଲନ୍ତି ସୁନାରେ ରୂପାରେ, ଶୁଅନ୍ତି ଖଟ ପଲଙ୍କରେ । ସାତପୁଅ ବୋଇତ ଧରି ବେପାର ବାଣିଜ୍ୟକୁ ଦୂରଦେଶକୁ ଯାଆନ୍ତି । ଦିନେ ନୁହେଁ କି ମାସେ ନୁହେଁ ବେଳେ ବେଳେ ବର୍ଷ ବର୍ଷ ଧରି ସେମାନେ ବେପାର ବଣିଜ ପାଇଁ ଅଟକି ଯାଆନ୍ତି । ଖୁଦୁରୁକୁଣୀ ଓଷା ବହିରେ ତଅପୋଇର ସାତ ଭାଇ ଦଶବର୍ଷ ପରେ ଫେରିଥିଲେ ବୋଲି ଲେଖାଅଛି । ଦଶବରଷ ହେଲା ଗଲେ ଲେଉଟି ରାଜ୍ୟକୁ ନଇଲେ । (ଖୁଦୁରୁକୁଣୀ ଓଷା ବହି)

ସମାଜରେ ସାଧବମାନଙ୍କର ସାମାଜିକ ମର୍ଯ୍ୟାଦା ମନ୍ତ୍ରୀ, କଟୁଆଳମାନଙ୍କ ଠାରୁ କୌଣସି ଗୁଣରେ କମ୍ ନଥିଲା । ସେମାନେ ବେପାର ବାଣିଜ୍ୟରେ ସାଧୁତା ରକ୍ଷା କରୁଥିବାରୁ ସେମାନଙ୍କୁ ସାଧବ ବୋଲି କୁହାଯାଉଥିଲା । କ୍ରମେ ଏମାନେ ସାଧୁର ସାହୁ ହୋଇ ଯାଇଥିବା କଥା ଅମୂଳକ ନୁହେଁ । ରାଜା ମନ୍ତ୍ରୀ କଟୁଆଳ ଓ ସାଧବମାନଙ୍କର ସନ୍ତାନମାନେ ସାଙ୍ଗସାଥୀ ହୋଇ ଖେଳୁଥିଲେ । ଏମାନଙ୍କ ମଧ୍ୟରେ ବନ୍ଧୁତା ରହୁଥିଲା । ଏହାକୁ ଆଧାର କରି ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ଲୋକକଥା ରହିଛି । ସାହାଡ଼ା ସୁନ୍ଦରୀ ଗଳ୍ପରେ ମନ୍ତ୍ରୀ ପୁଅର ବୋଇତରେ ନୌବାଣିଜ୍ୟ ପାଇଁ ଯିବା କଥା ରହିଛି । ସାରଳା ଦାସଙ୍କ ମହାଭାରତ, ନରସିଂହ ସେଣଙ୍କ ପରିମଳା କାବ୍ୟ, ଟୀକା ଗୋବିନ୍ଦ ଚନ୍ଦ୍ର, କୈବର୍ତ୍ତ ଗୀତା, ଲାବଣ୍ୟବତୀ, ମାୟାଧର ମାନସିଂହଙ୍କ ସାଧବ ଝିଅ କଥା ଆଦିରୁ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ପରିଚୟ ମିଳେ ।

ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ପୁସ୍ତକରେ ଏକ ପଂକ୍ତି ରହିଛି, 'ବହିତ୍ର ଲାଗିଲା ଯାଇ ସିଂହଳ ଦୀପରେ' । 'ବହିତ୍ର' ନାମରେ ଏକ ସାହିତ୍ୟ ପତ୍ରିକା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କିଛି ଦିନପାଇଁ ବାହାରୁଥିଲା ।

ସାଧବମାନେ ମୁଖ୍ୟତଃ ମାଆ ମଙ୍ଗଳାଙ୍କୁ ପୂଜା କରିଥାନ୍ତି । ମଙ୍ଗଳା ହେଉଛନ୍ତି ସେମାନଙ୍କ ଇଷ୍ଟ ଦେବୀ । କାକଟପୁର ମଙ୍ଗଳାଙ୍କୁ କେହି ଜଣେ ସାଧବ ସିଂହଳ ଦୀପରୁ ଆଣିଥିଲେ ବୋଲି କିମ୍ବଦନ୍ତୀ କହେ । ପ୍ରକୃତରେ ମଙ୍ଗଳା ବୈଦିକ ବା ଶାସ୍ତ୍ରପୁରାଣର ଦେବୀ ନୁହଁନ୍ତି । ଲକ୍ଷ୍ମୀ, ସ୍ୱରସ୍ୱତୀ, ପାର୍ବତୀଙ୍କୁ ହିଁ ଶାସ୍ତ୍ର ସମ୍ମତ ଦେବୀ ରୂପେ ଗ୍ରହଣ କରାଯାଇଛି । ମଙ୍ଗଳା ହେଉଛନ୍ତି ଲୋକ ଦେବୀ ।

ନିତି ପ୍ରତିଦିନ ପେଟ ପାଟଣା ପାଇଁ ନଦୀ ସମୁଦ୍ରର ଅକାତ କାତ ପାଣିକୁ ଜୀବନ ଜୀବିକାର ମାଧ୍ୟମ ବୋଲି ଗ୍ରହଣ କରୁଥିବାରୁ ଏହି ବିପତ୍ତିରୁ ରକ୍ଷା କରିବାପାଇଁ ସେମାନେ ମଙ୍ଗଳା ମାଆଙ୍କୁ ପୂଜନ୍ତି । ଧାମୁରେଇ, ବାସୁଳେଇ, ଜାଗୁଳେଇ, କୋଟିଳାଇ, ଚର୍ଚ୍ଚିକାଇ, ହିଙ୍ଗୁଳାଇ ପରି ନାମ ଏମାନଙ୍କର ରହିଛି । ପ୍ରାଚୀ ନଦୀର କୂଳେ କୂଳେ ମାଆ ମଙ୍ଗଳା ଏହିପରି ଅନେକ ନାମରେ ପୂଜିତା ହୁଅନ୍ତି । ଏହି ଦେବୀମାନଙ୍କୁ ପ୍ରାୟତଃ ଅବ୍ରାହ୍ମଣ ଶୁଦ୍ର ସ୍ତ୍ରୀ କିମ୍ବା ପୁରୁଷମାନେ ପୂଜା କରନ୍ତି । କହିବା ବାହୁଲ୍ୟ ଓଡ଼ିଶାର କୌଣସି ମନ୍ଦିରରେ ଉଚ୍ଚବର୍ଗ ବ୍ରାହ୍ମଣ କୂଳର ସ୍ତ୍ରୀମାନେ ପୂଜା କରିବାର ଦୃଷ୍ଟାନ୍ତ ନାହିଁ ।

ଚଇତି ମଙ୍ଗଳବାର ଓଷା ବହିରେ ଲେଖା ଅଛି-

'ଚଇତି ମଙ୍ଗଳବାର କେହି ନ କରନ୍ତି, ସ୍ୱର୍ଗରେ ନିତାଇ ଧୋବଣୀ କରଇ । ମଞ୍ଚରେ ଚଇତି ହାଡିଆଣୀ କରଇ ।' ସେହିପରି ଖୁଦୁରୁକୁଣୀ ଓଷା ସଂପର୍କରେ ମଧ୍ୟ କୁହାଯାଇଛି, 'ସମସ୍ତେ ଏ ଓଷା କରିବେ, ବ୍ରାହ୍ମଣୀ ମାନେ ନ କରିବେ'। ସେଥିପାଇଁ ବ୍ରାହ୍ମଣ ଘର ଝିଅମାନେ ଖୁଦୁରୁକୁଣୀ ଓଷା କରନ୍ତି ନାହିଁ ।

ଓଡ଼ିଶାରେ ଯେତେ ସବୁ ଓଷାବ୍ରତ କଥା ଅଛି ଅଧିକାଂଶ ସାଧବାଣୀ କିମ୍ବା ସାଧବ ଝିଅମାନେ କରୁଥିବା ଉଲ୍ଲେଖ ରହିଛି । ଖୁଲଣା ସୁନ୍ଦରୀ, ସତ୍ୟପୀର ଶନିଶ୍ଚର ମେଳା, ଚଇତି ପୁନେଇଁ, ସୋମନାଥ ବ୍ରତ ତଥା ଅନ୍ୟାନ୍ୟ ଅନେକ ବ୍ରତ ଓଷା କେବଳ ଓଡ଼ିଶା ନୁହେଁ ବଙ୍ଗ ଦେଶରେ ସ୍ତ୍ରୀ ଲୋକମାନେ ଯେଉଁ ମଙ୍ଗଳ ଚଣ୍ଡୀ ପୂଜା କରନ୍ତି ତାହା ମଧ୍ୟ ପ୍ରଥମେ ସୌଦାଗର (ଓଡ଼ିଶାରେ ଯାହାଙ୍କୁ ସାଧବ ବୋଲି କୁହାଯାଏ)ର ସ୍ତ୍ରୀ ମଙ୍ଗଳ ଚଣ୍ଡୀ ପୂଜା କରିଥିଲା ।

ଖୁଲଣା ସୁନ୍ଦରୀ ପୁସ୍ତକରେ ରାଜା ଧନେଶ୍ୱର ମଙ୍ଗଳାଙ୍କ ଆଶୀର୍ବାଦ ନନେଇ ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ବୋଇତରେ ଯାଇଥିବାରୁ ସବୁ ଅଘଟଣ ଘଟିଲା । ସମୁଦ୍ର ବକ୍ଷରେ ପଦ୍ମଫୁଲ ଉପରେ ସୁନ୍ଦରୀ ଯୁବତୀ ଧନେଶ୍ୱରକୁ ଦୃଶ୍ୟ ହେଲେ । ଧନେଶ୍ୱର ସାଧବ ସେ ଦେଶର ରାଜାଙ୍କୁ ଏ ସମ୍ବାଦ ଦେବାକୁ ଗଲା । ଏପରି ଅଜବ ଦୃଶ୍ୟ ଦେଖିବା ପାଇଁ ରାଜା ଆସିଲେ । କିନ୍ତୁ ମଙ୍ଗଳାଙ୍କ ମାୟାରେ ସବୁ ଅଦୃଶ୍ୟ ହୋଇଗଲା । ପରେ ମଙ୍ଗଳା ମାଆଙ୍କୁ ପୂଜା କରିବାରୁ ତାଙ୍କ ଦୟାରେ ଧନେଶ୍ୱର ସାଧବର ଦ୍ୱିତୀୟ ସ୍ତ୍ରୀ ଖୁଲଣା ଭଉଣୀ ତଥା ସପତ୍ନୀ ନୟନା ସୁନ୍ଦରୀର ସବୁ ପ୍ରକାର କଷଣ ଦୂର ହୋଇଛି ।

ସେ ଅସାଧ ସାଧନ କରିଛି । ପୁତ୍ର ଶ୍ରୀଧର ମଙ୍ଗଳା ମାଆଙ୍କୁ ସୁମରଣା କରି ବୋଇତରେ ଯାଇ ପିତାକୁ ଉଦ୍ଧାର କରିଛି ଓ ଧୂମାନ୍ତ ରାଜ୍ୟର ରାଜ କୁମାରୀଙ୍କୁ ବିବାହ କରିଛି । ଯେଉଁମାନେ ବୋଇତରେ ଦୂର ଦେଶକୁ ଯାଉଥିଲେ, ସେମାନେ ମା' ମଙ୍ଗଳାଙ୍କୁ ପୂଜା କରିବା ପରମ୍ପରା ଏହିଭଳି ସୃଷ୍ଟି ହୋଇଥିବ । ସବୁ ବନ୍ଦର ମୁହାଁଣ ପାଖରେ ମଙ୍ଗଳାଙ୍କ ମୂର୍ତ୍ତି ବିରାଜମାନ ହୋଇଥାନ୍ତି । ବୋଇତର ମଙ୍ଗ କୋଣରେ ମଧ୍ୟ ମଙ୍ଗଳାଙ୍କୁ ବସାଇ ତାଙ୍କ ଆଶୀର୍ବାଦ ନେଇ ସାଧବ ପୁଅ ଦୂର ବିଦେଶକୁ ବୋଇତ ମେଲି ଦେଉଥିଲା ।

ସାଧବମାନଙ୍କ ଦ୍ୱାରା ଦେଶର ଆର୍ଥିକ ସମୃଦ୍ଧି ହେଉଥିଲା । ଯେଉଁ ଅଞ୍ଚଳରେ ଯେତେବେଶି ସାଧବ ରହୁଥିଲେ ସେ ଅଞ୍ଚଳର ସାମାଜିକ ରାଜନୈତିକ ଅର୍ଥନୈତିକ ସ୍ଥିତି ସ୍ୱତନ୍ତ୍ର ଥିଲା । ଯେପରିକି 'ତଅପୋଇ' ଓ 'ଖୁଦୁରୁକୁଣୀ ଓଷା' କଥା ବହିରେ ରହିଛି ।

'ସେ ନଗ୍ରବଡ଼ ଶୋଭାବନ,
ଅଳକା ପୁରକୁ ସମାନ
ବହୁତ ସାଧବ ଅଛନ୍ତି,
ବୋଇତ ବାଣିଜ୍ୟ କରନ୍ତି
ସେହି ବାଣିଜ୍ୟ ପରସାଦେ,
ଜିଣନ୍ତି କୁବେରକୁ ବାଦେ
ପୋଇଲି ପିନ୍ଧେ ପାଟଶାଢ଼ୀ,
ପିନ୍ଧନ୍ତି ହସ୍ତେ ସୁନା ଚୁଡ଼ି'

ସେମାନଙ୍କ ପୁଅଝିଅମାନେ ସୁନା ଚାନ୍ଦରେ ଓ ହୀରାର ତାରାରେ ଖେଳୁଥିଲେ । ରୂପା କୁଲେଇରେ ଧୂଳି ଖେଳୁଥିଲେ । ଯେଉଁମାନେ ବୋଇତ ବଣିଜରେ ଯାଉଥିଲେ ସେମାନେ ମୁଖ୍ୟତଃ ବଣିଆ, ଗୁଡ଼ିଆ, ତେଲି ସଂପ୍ରଦାୟର ଥିଲେ । ଏହି ତିନି ସଂପ୍ରଦାୟରେ ସାହୁ ସଂଜ୍ଞା ବହୁଳ ପରିମାଣରେ ପରିଲକ୍ଷିତ ହୋଇଥାଏ । ଏହାଛଡ଼ା କ୍ଷତ୍ରିୟ ଓ ଅନ୍ୟ ସଂପ୍ରଦାୟମାନଙ୍କର ମଧ୍ୟ କେତେକ ଏହି ବୃତ୍ତି କରୁଥିଲେ । ଖୁଲଣା ସୁନ୍ଦରୀ କାବ୍ୟରେ ଧନେଶ୍ୱର ସାଧବ ଥିଲା ଜାତିରେ ବଣିଆ । ସାଧବ ବୋଲି ନିର୍ଦ୍ଦିଷ୍ଟ ଜାତି ନଥିଲା । ଯେଉଁମାନେ ନୌବାଣିଜ୍ୟ କରୁଥିଲେ ସେମାନଙ୍କୁ ସାଧବ ବୋଲି କୁହାଯାଇଥିଲା । ବୋଇତ ସହ ସାଧବମାନଙ୍କ ସମ୍ପର୍କ ନିବିଡ଼ ଥିଲା ।

ଏକଦା ଐଶ୍ୱର୍ଯ୍ୟମୟୀ ଶ୍ରୀ ସଂପନ୍ନା ଉତ୍କଳର ଏହି ଗୌରବାବହ ଦିନଗୁଡିକର ସ୍ମୃତି ଆମେ କେବଳ ଆଶ୍ୱିନ, କାର୍ତ୍ତିକ ମାସମାନଙ୍କରେ ରୋମନ୍ଥନ କରୁ । ଆଶ୍ୱିନରେ ଖୁଦୁରୁକୁଣୀର ତଅପୋଇ କଥା ପ୍ରସଙ୍ଗରେ କୁମାରୀ ଝିଅମାନେ ସାଧବ ଘରର ଗୁମର ଓ ଗୌରବ ଗାଥା ଗାନ କରନ୍ତି । ଏ ବହିର ମୂଳ ରଚୟିତା ଗୋପୀନାଥ ଦାସ ଥିବାବେଳେ, ନିଶା ମଙ୍ଗଳବାର ବା ଖୁଲଣାସୁନ୍ଦରୀ ବହିର ରଚୟିତା ଭିକାରୀ କୈବର୍ତ୍ତ ବହିଟିର ୬୨ ଛାନ୍ଦକୁ ୫ଟି ମଙ୍ଗଳ ବାରରେ ନାରୀମାନେ ପାଠ କରି ମଙ୍ଗଳା ଓଷା ସଂପନ୍ନ କରନ୍ତି । ସୋମନାଥ ବ୍ରତ କଥାରେ ସେହି ସାଧବ ସାଧବାଣୀଙ୍କ କଥା ଥାଏ । ମାତ୍ର କାର୍ତ୍ତିକ ମାସ ବେଳକୁ ଆଉ ମଙ୍ଗଳା ଆସନ୍ତି ନାହିଁ । ଜଗନ୍ନାଥ, ଶିବ, ରାଧାକୃଷ୍ଣ ଓ କାର୍ତ୍ତିକେୟ ଆଦି ଦେବଦେବୀଙ୍କୁ ନାରୀମାନେ ବାଲୁକାରେ ଶିବ ଲିଙ୍ଗ କରି ପୂଜା କରନ୍ତି । କାର୍ତ୍ତିକ ଧର୍ମ ମାସ ।

ଧର୍ମ ଅର୍ଜନ କରାଯାଏ । ପୂଜା କରାଯାଏ । ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବରେ ପୁଣି ଆମ ନୌବାଣିଜ୍ୟର ଐତିହ୍ୟ ପରମ୍ପରାର ସ୍ମୃତି ରୋମନ୍ଥନ ହୁଏ । କାର୍ତ୍ତିକର ଦୀପଦାନ ଓ ବୋଇତ ବନ୍ଦାଣ ଦୁଇଟା ଅଲଗା ଅଲଗା ଜିନିଷ । କଦଳୀ ବାସୁଙ୍ଗା କିମ୍ବା ସୋଲରେ ତିଆରି ଡଙ୍ଗା ଭସା ସଂପୂର୍ଣ୍ଣ ନୌବାଣିଜ୍ୟର ସ୍ମୃତି । ମାଟି ତିଆରି ଚକି ପେଶା, ପାନ ଗୁଆ ହଳଦୀ ସୋରିଷ ଜିରା ଆଦି ପୂର୍ବେ ବୋଇତରେ ସାଧବମାନେ ଯାହା ନେଇଯାଉଥିଲେ, ପ୍ରତୀକାତ୍ମକ ଭାବରେ ସେସବୁ ରଖାଯାଏ । କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ଜଳବାୟୁ ଅନୁକୂଳ ହୋଇଥାଏ ।

ବର୍ଷା ଝଡ ବାତ୍ୟାର ପ୍ରକୋପ କମିଯାଇଥାଏ । ଚାଷ ବାସ କାର୍ଯ୍ୟ ମଧ୍ୟ ସରିଯାଇଥାଏ । ଏହି ଦିନ ଅନୁକୂଳ କରି ସାଧବମାନେ ବୋଇତରେ ଯାଉଥିଲେ । ସମ୍ଭବତଃ ସଂଯୋଗବଶତଃ ଏହି ଦୁଇଟି ଉତ୍ସବ ଗୋଟିଏ ଦିନରେ ପଡିଥିବାରୁ 'ଆ କା ମା ବୈ'ଙ୍କ ସହ ଆମ ପ୍ରାଚୀନ ଐତିହ୍ୟ ସ୍ମୃତି ବିଜଡିତ ହୋଇପଡିଛି । ମାସେ କାଳ ହବିଷ୍ୟ ଆଦି କରି ବିଭିନ୍ନ ପୂଜା ବ୍ରତରେ ନାରୀମାନେ ଯେଉଁ ଧର୍ମ ଅର୍ଜନ କରିଥାନ୍ତି, ସେଗୁଡିକୁ ଆଧାର କରି ସ୍ୱାମୀପୁତ୍ର ଭ୍ରାତା ଆଦିଙ୍କ ଶୁଭ ମନାସି ମେଲାଣି ଦେଉଥିଲେ ।

**ସୁଦୂର ଥାଇଲ୍ୟାଣ୍ଡ ଦ୍ୱୀପରେ ଆମ ବୋଇତ ବନ୍ଦାଣ ପରି ଏକ ପର୍ବ ପାଳନ କରାଯାଏ । ଅଦ୍ଭୁତ ଭାବରେ ଏହି ପର୍ବ ସହ ଆମ ବୋଇତ ବନ୍ଦାଣ ଉତ୍ସବର ସାମ୍ୟ ପରିଲକ୍ଷିତ ହୁଏ । ଏହି ପର୍ବକୁ ଲୟ କ୍ରାଥଙ୍ଗ ବା ଆଲୋକ ଭସାଣ ପର୍ବ ବୋଲି କୁହାଯାଏ । ବର୍ଷା ଋତୁ ଶେଷରେ ବ୍ୟାଙ୍କକ୍‌ର (ଚାଓ ଫରୟା) (Chao Phraya) ନଦୀରେ ଏହି ଲୟ କ୍ରାଥଙ୍ଗ ପର୍ବ ପାଳିତ ହୋଇଥାଏ । ପୂର୍ଣ୍ଣିମା ଦିନ ସୂର୍ଯ୍ୟାସ୍ତ ସମୟରେ କଦଳୀ ବାସୁଙ୍ଗାରେ କପ୍ ବା ଡଙ୍ଗା ଆକୃତି ନିର୍ମାଣ କରି ଏହାକୁ ନଦୀରେ ଭସାନ୍ତି । ଆମ କଟକର 'ବାଲିଯାତ୍ରା' ମହୋତ୍ସବ ପରି ସେମାନେ ମଧ୍ୟ ବାଣ ଫୁଟେଇ ନାଚଗୀତ ମାଧ୍ୟମରେ ନଦୀ ଭିତରେ ଡଙ୍ଗାରେ ବନ ଖୁବ୍ ଉପଭୋଗ କରନ୍ତି । ଗୋଟିଏ ଡଙ୍ଗାରୁ ଆର ଡଙ୍ଗାକୁ ଫଳ ଫିଙ୍ଗା ଫିଙ୍ଗି ହୋଇ ଖେଳନ୍ତି । ଏସବୁ ସିଧା ଉତ୍କଳୀୟମାନଙ୍କର ବୋଇତ ବନ୍ଦାଣ ଉତ୍ସବର ରୂପାନ୍ତର ରୂପ ।**

ଏବେ ଆଉ ସେ ସାଧବ ନାହାଁନ୍ତି, ନୌ ଯାତ୍ରା ନାହିଁ କି ନୌ ବାଣିଜ୍ୟ ନାହିଁ । ଉତ୍କଳ ଶ୍ରୀ ସମୃଦ୍ଧ ପରମ୍ପରା ମଧ୍ୟ ନାହିଁ । ପ୍ରାକୃତିକ ବିପର୍ଯ୍ୟୟ, ରାଜନୈତିକ ପରାଭବ, ବୈଦେଶିକ ଶତ୍ରୁଙ୍କର ଦୌରାତ୍ମ୍ୟ ଉତ୍କଳର ଏହି ମହାନ୍ ପ୍ରଥାକୁ ଧୂଳିସାତ୍ କରିଦେଲା ।

ଏବେ ଆମ ଲୋକମାନେ ଆଉ ସୂନାରୂପା ମୋତି ମାଣିକ୍ୟର କାରବାର ପାଇଁ ବିଦେଶ ଯାଉ ନାହାଁନ୍ତି । ଯାଉଛନ୍ତି ନିର୍ମାଣ ଶ୍ରମିକ ହୋଇ । ପାଣି ପାଇପ୍ କାମ କରିବାପାଇଁ । କେତେବେଳେ କି ପ୍ରକାର ଘଟଣ ଅଘଟଣରେ ସେମାନଙ୍କ ପ୍ରାଣ ଚାଲିଯାଉଛି ତାହାର ସଠିକ୍ ଖବର ସେମାନଙ୍କ ପ୍ରାଣ ଚାଲିଯାଉଛି ତାହାର ସଠିକ୍ ଖବର ସୁଦ୍ଧା ଆମ୍ଭ ପାଖରେ ପହଞ୍ଚି ପାରୁନାହିଁ । କେଉଁଠି କୋଠା ଭୁଷୁଡି ତ କେଉଁଠି ଆତତାୟୀ ଗୁଳିର ଶିକାର ହୋଇ ।

ତଥାପି ଆମେ ହତୋତ୍ସାହିତ ହେବା ନାହିଁ । ଆମ ଐତିହ୍ୟ, ସଂସ୍କୃତି ଆମର ସଂପଦ । ସେହି ସଂପଦର ଯଥାର୍ଥ ଉପଯୋଗ କରି ଆମେ ପୁଣି ଥରେ ସେହି ହୃତ୍ ଗୌରବ ଲୁପ୍ତ ସୌରଭକୁ ଫେରାଇ ଆଣି ପାରିବା । ଆମ ଆତ୍ମବିଶ୍ୱାସକୁ ଉଜ୍ଜୀବିତ କରି ପୁଣି ଥରେ ଆମେ ଗର୍ବର ସହ କହିବା ଆମେ ସେହି ସାହସୀ ବୀର ଓଡ଼ିଆ, ଯାହାର ଉନ୍ନତ ଜ୍ଞାନ କୌଶଳ, ଉତ୍ତମ ବ୍ୟବସାୟିକ ବୃଦ୍ଧି, ସାଧୁତା, ସଚ୍ଚୋଟତା ଦିନେ ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

**୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,**
**ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬**
**ମୋ- ୯୪୩୭୦୩୩୦୭୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୮ ମୃତ...

କରାଯାଇ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଥିଲା । ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ କହିଛନ୍ତି ଯେ ମାଲବାହୀ ଟ୍ରେନ୍‌ଟି ଠିଆ ହୋଇଥିଲା ଓ ତା' ପଛରେ ମେମୁ ଟ୍ରେନ୍ ବାଜିଥିଲା । ଇଞ୍ଜିନ ଓ ପ୍ରଥମ ବଗିଟି ମାଡ ହେବାରେ ଲୋକମାନେ କ୍ଷତିଗ୍ରସ୍ତ ହୋଇଥିଲେ । କୋଚ୍‌ଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ବରିଷ୍ଠ ରେଳବାଇ ଅଧିକାରୀ ଓ ସରକାରଙ୍କ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଏହାକୁ ଅତ୍ୟନ୍ତ ହୃଦୟ ବିଦାରକ ବୋଲି କହିଛନ୍ତି । ବିଳାସପୁର ଜିଲ୍ଲାପାଳଙ୍କୁ ସୂଚନା ସଂଗ୍ରହ କରିବାକୁ କୁହାଯାଇଛି । ଆହତମାନଙ୍କୁ ସବୁପ୍ରକାର ଚିକିତ୍ସା ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ରେଳବାଇ ପକ୍ଷରୁ କ୍ଷତିପୂରଣ ରାଶି ଘୋଷଣା କରାଯାଇଛି । ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୧୦ ଲକ୍ଷ, ଯେଉଁମାନେ ଗୁରୁତର ଆହତ ହୋଇଛନ୍ତି ସେମାନଙ୍କ ଲାଗି ୫ ଲକ୍ଷ ଓ ଅଳ୍ପ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି । ରେଳବାଇ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । ବିଶେଷଜ୍ଞ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ରେଳ ଧାରଣାରେ ମରାମତି କରାଯିବା ସହ ବିଦ୍ୟୁତ୍ ବ୍ୟବସ୍ଥାର ମରାମତି ଚାଲିଛି । ଏହି ରେଳ ଧାରଣାରେ ଟ୍ରେନ୍ ଚଳାଚଳ ବନ୍ଦ ରହିଛି । ଛତିଶଗଡ ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ବିଳାସପୁରରେ ଘଟିଥିବା ଏହି ଟ୍ରେନ୍ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଯାଇଛି । ମୃତକଙ୍କ ପରିବାର ପ୍ରତି ଗଭୀର ଦୁଃଖ ପ୍ରକାଶ କରୁଛି । ନିଜର ଆତ୍ମୀୟଙ୍କୁ ହରାଇଥିବା ପରିବାର ପ୍ରତି ସମବେଦନା ଜଣାଉଛି । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୁର୍ଘଟଣାରେ ପ୍ରଭାବିତ ପରିବାରକୁ ସାହସ ଯୋଗାଇ ଦେବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ।

## ୧୨୧...

ଥିଲା । ତେବେ ୭୦ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନେଇଥିଲେ । ବିହାର ନିର୍ବାଚନରେ ପ୍ରଚାର ସରଗରମ ହୋଇଛି । ବିଶେଷକରି ମହାଗଠବନ୍ଧନ ଓ ଏନ୍‌ଡିଏ ମଧ୍ୟରେ ଲଢ଼େଇ ହେଉଛି । ମହାଗଠବନ୍ଧନର ଚେହେରା ଭାବେ ତେଜସ୍ୱୀ ଯାଦବଙ୍କୁ ଉପସ୍ଥାପନା କରାଯାଇଥିବାବେଳେ ଏନ୍‌ଡିଏ ପକ୍ଷରୁ ବିଧିବଦ୍ଧ ଭାବେ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ତେବେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ନିର୍ବାଚନ ଲଢୁଛି ବୋଲି ଅମିତ୍ ଶାହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଜନସଭା ଓ ରୋଡ୍ ଶୋ' ମାଧ୍ୟମରେ ପ୍ରଚାର କରିଛନ୍ତି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ତିନୋଟି ଜନସଭାକୁ ସମ୍ବୋଧିତ କରିଛନ୍ତି । ମହାଗଠବନ୍ଧନ ପାଇଁ ରାହୁଲଙ୍କ ସମେତ ପ୍ରିୟଙ୍କା ଗାନ୍ଧି ପ୍ରଚାର କରିଛନ୍ତି । ତେଜସ୍ୱୀ ଯାଦବ ସବୁ ଅଞ୍ଚଳରେ ପ୍ରଚାର ଜାରି ରଖିଛନ୍ତି । ବିହାରର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ନଭେମ୍ବର ୧୧ ତାରିଖରେ ହେବ । ନଭେମ୍ବର ୧୪ରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

## ଫେରାଇ...

ତିର୍ତ୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଛନ୍ତି । ନିକଟରେ ତାଙ୍କ ପରିବାର ବର୍ଗ ପାଖକୁ ଖବର ଆସିଥିଲା ଯେ, ଆଦର୍ଶ ବର୍ତ୍ତମାନ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ । ମୁଖ୍ୟମନ୍ତ୍ରୀ ଆଦର୍ଶଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟର ସହ ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଶ୍ୱାସନା ଦେଇଛନ୍ତି ।

## 'ବେଇମାନ'...

ମୋର ପତି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ପାଖାପାଖି ୨୪ ବର୍ଷ ଯାଏଁ ବିଜେଡ଼ି ପାଇଁ ନିଷ୍ଠାର ସହିତ କାମ କରିଛନ୍ତି । କିନ୍ତୁ ତାଙ୍କର ଅନ୍ତିମ ସମୟରେ ଯେତେବେଳେ ସେ ଅସୁସ୍ଥ ଥିଲେ, ସେହିସମୟରେ ବିଜେଡି ପକ୍ଷରୁ କେହି ପଚାରି ନଥିଲେ । କେହି ଫୋନ୍ କରିନଥିଲେ । ରାଜେନ୍ଦ୍ର ଢୋଲକିଆ କେମିତି ଅଛନ୍ତି ବୋଲି ପଚାରି ନଥିଲେ । ଏହା ସହିତ ବିଜେଡ଼ି ଛାଡ଼ିବା କାରଣ କହିଛନ୍ତି କଳ୍ପନା ।

ସେହିଭଳି ଜୟ ଢ଼ୋଲକିଆ ଅନୁରୂପ ଭାବେ ଅଭିଯୋଗ ଆଣି କହିଛନ୍ତି, ବିଜେଡି ମୋ ବାପାଙ୍କ ପାଇଁ ଟଙ୍କାଟେ ବି ଖର୍ଚ୍ଚ କରିନି, ବରଂ ବାପାଙ୍କ ଏୟାରଲିଫ୍ଟ ଖର୍ଚ୍ଚ ଆମ ପରିବାର ବହନ କରିଛି । ସାମ୍ବାଦିକ ସମ୍ମିଳନୀରେ ଏଭଳି ସ୍ପଷ୍ଟ ଭାବେ କହିଛନ୍ତି ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ । ସେ କହିଛନ୍ତି, ମିଛ କହିବାର ଗୋଟେ ସୀମା ଥାଏ । ତାକୁ ବିଜେଡି ନେତାମାନେ ଲଂଘିଛନ୍ତି । ମୋତେ ଭଲ ପୁଅ ନୁହେଁ ବୋଲି ସାର୍ଟିଫିକେଟ୍ ଦେବାକୁ ସେମାନେ କିଏ । ଆମ ପରିବାର ଭଲଭାବେ ଜାଣିଛନ୍ତି ମୁଁ ଭଲ ପୁଅ କି ନୁହେଁ । ମୋ ମାଆ (ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପତ୍ନୀ) ମୋ ପାଇଁ ନିର୍ବାଚନ ପ୍ରଚାରରେ ବାହାରିଛନ୍ତି । ଏହାଠାରୁ ଆଉ ବଡ଼ ପ୍ରମାଣପତ୍ର କିଛି ନୁହେଁ ବୋଲି ଜୟ କହିଛନ୍ତି ।

ବାପା ହସ୍ପିଟାଲରେ ଥିଲା ବେଳେ ମୁଁ ନବୀନ ବାବୁଙ୍କୁ ୧୦ଥର ଫୋନ କରିଥିଲି । ଫୋନ ଉଠେଇଲେନି, ଆଉ ସାହାଯ୍ୟ କଣ ଟା କରିବେ । ମୁଁ ମୋ ବାପାଙ୍କ ଆଦର୍ଶରେ ଅଛି । ବିଜେଡି ନେତାମାନେ କେବଳ ବ୍ୟକ୍ତିଗତ ଆକ୍ଷେପ କରିବାରେ ବ୍ୟସ୍ତ । ବାପାଙ୍କ ଜୀବିତାବସ୍ଥାରେ ତାଙ୍କ ପାଇଁ କିଛି କରିନଥିଲେ ବିଜେଡି ନେତାଏ । ଏବେ ଖାଲି କାନ୍ଦୁଛନ୍ତି । ଏ କଥାକୁ ନୂଆପଡ଼ାବାସୀ ଭଲଭାବେ ବୁଝିସାରିଲେଣି । ଆଉ ଉପନିର୍ବାଚନରେ ଏହାର କଡ଼ା ଜବାବ ଦେବେ ବୋଲି କହିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ । ଦୁଃଖର କଥା ହେଲା ଯେ, ସେହିମାନେ ଆଜି ଆମ ପରିବାରିକ ସଂପର୍କ ଉପରେ ଟିପ୍ପଣୀ ଦେଉଛନ୍ତି । ଯେଉଁ ବ୍ୟକ୍ତି ୨୪ ବର୍ଷ ସମୟରେ ଦେଇଥିଲେ, ତାଙ୍କର ପୁଅଙ୍କୁ ନେଇ ଅଙ୍ଗୁଳି ଉଠାଇବା ଶାଳୀନ ଅଥବା ସମ୍ବେଦନଶୀଳ ରାଜନୀତି ନୁହେଁ କି ବୋଲି କଳ୍ପନା ପ୍ରଶ୍ନ କରିଛନ୍ତି । ସ୍ୱର୍ଗତ ଢୋଲକିଆଙ୍କ ଫଟୋ ନେଇ ପ୍ରଚାର କରିବାରେ ପରିବାର ପକ୍ଷରୁ ବିରୋଧ କରାଯାଉଛି ।

## ବେଇମାନି...

ସମୟରେ ବିଜେଡି ଅଣଦେଖା କରିଥିଲା ବୋଲି ମିଛ ଅଭିଯୋଗ ଆଣିଛନ୍ତି । ନିଜ ଅସୁସ୍ଥତା ବିଧାୟକ ରାଜୁ ଢୋଲକିଆଙ୍କ ସ୍ୱାସ୍ଥ୍ୟ ବିଷୟରେ ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ନିୟମିତ ଖବର ରଖୁଥିଲେ । ତାଙ୍କ ଦେହାନ୍ତ ହେବା ପରେ ଦଳ ତରଫରୁ ଆବଶ୍ୟକ ସହଯୋଗର ହାତ ବଢାଇବା ସହିତ ତାଙ୍କର ଶୁଦ୍ଧିକ୍ରିୟା କାର୍ଯ୍ୟରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ନିଜେ ଭର୍ଚୁଆଲରେ ଯୋଗଦେଇ ଶୋକବାର୍ତ୍ତା ପ୍ରଦାନ କରିଥିଲେ । ଅପରପକ୍ଷରେ, ଜୟ ଢୋଲକିଆ ବିଜେଡିର ପ୍ରାର୍ଥୀ ହେବା ପାଇଁ ନିଜର ଇଚ୍ଛା ପ୍ରକାଶ କରିବା ସହିତ ତାଙ୍କର ବିଜେପିରେ ଯୋଗଦେବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ । ପରେ ବିଜେଡି ତରଫରୁ ହୋଇଥିବା ପଦଯାତ୍ରା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଜୟ ଓ ତାଙ୍କ ମାଆ ଯୋଗ ଦେଇଥିଲେ । କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ସେ ରାତାରାତି ମତ ପରିବର୍ତ୍ତନ କରି ବିଜେପିରେ ଯୋଗଦେଲେ, ତାହା ଆଜି ବି ପ୍ରଶ୍ନବାଚୀ ହୋଇ ରହିଛି । ଏହାକୁ ବେଇମାନି କୁହାଯିବନି ତ ଆଉ କ'ଣ କୁହାଯିବ । ସେହିଭଳି ବିଜେଡି ନେତା ସଞ୍ଜୟ ଦାସବର୍ମା କହିଛନ୍ତି ଯେ ଫାଇଦା ପାଇଁ ପଟ ପରିବର୍ତ୍ତନ କରି ଜୟ ଡାହା ମିଛ କହୁଛନ୍ତି । ସେ ନିଜ ମନ୍ତବ୍ୟର ଆତ୍ମ ସମୀକ୍ଷା କରନ୍ତୁ । ନୂଆପଡାବାସୀ ତା'ର ଉଚିତ୍ ଜବାବ ଦେବାପାଇଁ ପ୍ରସ୍ତୁତ ହେଲେଣି । ଜୟଙ୍କର ଅଭିଯୋଗ ଦୁର୍ଭାଗ୍ୟଜନକ ଓ ନିରାଧାର । ସ୍ୱର୍ଗତ ରାଜୁ ଢ଼ୋଲକିଆଙ୍କୁ ନବୀନ ବାବୁ ମଧ୍ୟ ମନ୍ତ୍ରୀ କରିଥିଲେ । ଜୟ ସ୍ପଷ୍ଟ ଭାବେ କହିଥିଲେ ଯେ ମୁଁ ନବୀନ ପଟ୍ଟନାୟକଙ୍କ ସହ ଅଛି ଓ ବିଜୁ ବିଚାରଧାରା ସହ ରହିଛି । ନବୀନ ବାବୁ ମୋତେ ଆଶୀର୍ବାଦ କରିଛନ୍ତି । ତା'ପରେ ଦିଲ୍ଲୀରେ କ'ଣ ଡିଲ୍ ହେଲା ଯେ ସେ ବିଜେଡି ଛାଡ଼ି ବିଜେପି ପଳାଇଲେ ।

## ପୂର୍ଣ୍ଣିମା...

ପାଣିପାଗ ବିଶେଷଜ୍ଞ । ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ କହିଛନ୍ତି, ଆସନ୍ତାକାଲି(ବୁଧବାର) କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସା ପରେ ରାଜ୍ୟରେ ଶୀତ ବୃଦ୍ଧି ପାଇବ । ଉତ୍ତର ଭାରତରେ ପଶ୍ଚିମା ଝଡ଼ ପ୍ରଭାବରେ କାଶ୍ମୀରରେ ତୁଷାରପାତ ଆରମ୍ଭ ହୋଇଛି । ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ ଆସନ୍ତା ଦୁଇଦିନ ରାତିର ତାପମାତ୍ରା ବଢ଼ିବ । ତା'ପରେ ପୁଣି ଉତ୍ତର ଭାରତରୁ ଉତ୍ତରା ଶୁଷ୍କ ପବନ ପ୍ରବାହିତ ହେବ । ଆଭ୍ୟନ୍ତରୀଣ ଅଞ୍ଚଳ ଯଥା: କୋରାପୁଟ, ଫୁଲବାଣୀ, ଦାରିଙ୍ଗବାଡ଼ି, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ କେନ୍ଦୁଝରରେ ରାତିର ତାପମାତ୍ରା ୬ରୁ ୭ ଡିଗ୍ରୀ ଯାଏଁ ଖସିବାର ସମ୍ଭାବନା ରହିଛି । ତେବେ ଉପକୂଳରେ ବି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ଖସିବ । ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ପାରଦ ୧୮ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିପାରେ ।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଗତକାଲି ଅର୍ଥାତ ମଙ୍ଗଳବାର ରାତିରେ ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ରହିଥିବା ବେଳେ କୋରାପୁଟରେ ୧୫.୪ ଡିଗ୍ରୀ, କେନ୍ଦୁଝରରେ ୧୭.୪ ଡିଗ୍ରୀ, ଝାରସୁଗୁଡ଼ାରେ୧୭.୮ ଡିଗ୍ରୀ, ଅନୁଗୁଳରେ ୧୮ ଡିଗ୍ରୀ, ରାଉରକେଲାରେ ୧୮.୨ଡିଗ୍ରୀ, ବାରିପଦାରେ ୧୯ ଡିଗ୍ରୀ ଓ ଭୁବନେଶ୍ୱରରେ ୨୦.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## ଉତ୍କଳ...

ପଚରାଉଚରା କରାଯାଉଛି । କେତେ ଠକିଛନ୍ତି ତା'ର ହିସାବ ଜାଣିବା ପାଇଁ ଛାନ୍‌ଭିନ୍ କରି ଆୟକର ଅଫିସରମାନେ ଝାଳନାଳ ହୋଇଗଲେଣି ।

୧୦୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ଓଡ଼ିଶାର ପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥା ଉତ୍କଳ ବିଲ୍ଡର୍ସ କାର୍ଯ୍ୟାଳୟ ସମେତ ପାର୍ଟନରମାନଙ୍କ ଆକାଉଣ୍ଟ ଓ ସେମାନଙ୍କ କାର୍ଯ୍ୟାଳୟରେ ମଧ୍ୟ ଛାନ୍‌ଭିନ୍ ହେଉଛି । ଉତ୍କଳ ବିଲ୍‌ଡର୍ସ ଆକାଉଣ୍ଟାଣ୍ଟ ପ୍ରସନ୍ନ କୁମାର ବେହେରାଙ୍କୁ ଅଟକ ରଖି ଜେରା କରୁଛି ସ୍ୱତନ୍ତ୍ର ଟିମ୍ । ପାର୍ଟନର ପ୍ରକାଶ ଭୋରାଙ୍କୁ ମଧ୍ୟ ଟିକସ ଫାଙ୍କି ନେଇ ପଚରାଉଚରା କରାଯାଉଛି । ସକାଳ ସମୟରୁ ଏକସଙ୍ଗେ ୧୪ଟି ସ୍ଥାନରେ ଚଢାଉ ଜାରି ରହିଥିବା ବେଳେ ବସ୍ତା ବସ୍ତା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ କମ୍ପ୍ୟୁଟର ପ୍ରଭୃତି ଜବତ କରାଯାଇଥିବା ସୂଚନା ମିଳିଛି ।

# ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୨୨୪ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ । ସେଗୁଡିକ ମଧ୍ୟରୁ ୧୮୮ ଗୋଟି ବ୍ୟକ୍ତିଗତ, ୦୯ ଗୋଟି ସାମୁହିକ, ୨୭ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ । ତନ୍ମଧ୍ୟରୁ ୩୫ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ଆଇନଜୀବୀ ପୀତବାସ ହତ୍ୟା ମାମଲା

## ସାର୍ପ ସୁଟର କୁରୁପତି ଓ ଉମା ବିଷୋୟୀ ଗଲେ ଜେଲ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ସାର୍ପ ସୁଟର କୁରୁପତି ଭୂୟାଁ ଏବଂ ସହଯୋଗୀ ଉମା ବିଷୋୟୀଙ୍କୁ ବୈଦ୍ୟନାଥପୁର ଥାନା କେସ ନଂ୫୧୮/୨୫ରେ ଗିରଫ କରାଯାଇଛି । ମଙ୍ଗଳବାର ରାତିରେ ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ରାତି ୯ଟା ବେଳେ ଉଭୟଙ୍କୁ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ହାଜର ପରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା । ଏହି ମାମଲାରେ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ମେୟର ଶିବଶଙ୍କର ଦାଶ ସମେତ ୧୪ ଜଣ ଗିରଫ ହୋଇ ସାରିଛନ୍ତି । ମଣ୍ଡଳ କାରାଗାରରେ ଏବେ ଉକ୍ତ ମାମଲାର ଗିରଫ ହୋଇ ୧୬ ଜଣ ଅଛନ୍ତ । ତେବେ ଉମା ଓ କୁରୁପତିଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି । ପୀତବାସଙ୍କୁ ହତ୍ୟା ପାଇଁ ବିହାର ରାଜ୍ୟରୁ ଆସିଥିବା ୨ ଜଣ ସାର୍ପ ସୁଟର ବ୍ରହ୍ମପୁରରୁ ଫେରିଯିବା ପରେ ଦିଗହପହଣ୍ଡି ଥାନା ଅନ୍ତର୍ଗତ ବଛପଲ୍ଲୀର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ଉମା ବିଷୋୟୀ ହତ୍ୟା ପାଇଁ ବ୍ଲ୍ୟୁ -ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏଥିପାଇଁ ଉମା ବିଷୋୟୀ ଉଭୟଙ୍କୁ ୮ ଲକ୍ଷ ଟଙ୍କା ଦେଇଥିଲା । ସେହିପରି ଉମା ବିଷୋୟୀ ହିଁ କୁରୁପତି ଓ ଚିଣ୍ଟୁକୁ ଦେଶୀ ବନ୍ଧୁକ ଓ ନକଲି ନମ୍ବର ବିଶିଷ୍ଟ ବାଇକ ଯୋଗାଇ ଦେଇଥିଲା । ହତ୍ୟା ଘଟଣା ପରେ ଉମା ଓ କୁରୁପତି ଜୟପୁର ଯାଇ ୪ ଦିନ ରହିବା ପରେ ସେଠାରୁ ବାହାର ରାଜ୍ୟକୁ ଫେରାର ହୋଇ ଯାଇଥିଲେ । ପୋଲିସ ଉଭୟଙ୍କୁ କାବୁ କରିବାକୁ ଓଡ଼ିଶା ବାହାରେ ଡେରା ପକାଇଥିଲା । ସୋମବାର ଉଭୟ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା ।

# ବର୍ଦ୍ଧିତ ଭତ୍ତା ଅପେକ୍ଷାରେ ୨୩୮ ଆବେଦନକାରୀ

ଖ ଇ ର ।, ( ସ ବ୍ୟୁ ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ସାମାଜିକ ନିରାପତ୍ତା ଯୋଜନାରେ ବୁଢୀବୁଢାଙ୍କର ଦୈନିକ ଖର୍ଚ୍ଚ ଭରଣା ପାଇଁ ସରକାର ଭତ୍ତା ପ୍ରଦାନ କରାଯାଉଛି। ସ୍ୱତନ୍ତ୍ର ଭାବେ ୮୦ ବର୍ଷ ଅତିକ୍ରମ କରିଥିବା ବୁଢୀବୁଢା ଓ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାର ୩ହଜାର ୫ଶହ ବର୍ଦ୍ଧିତ ଭତ୍ତାର ବ୍ୟବସ୍ଥା କରିଛନ୍ତି। ଖଇରା ବ୍ଲକରେ ଏହିଭଳି ବର୍ଗରେ ୨୩୮ ହିତାଧିକାରୀ ଥିବା ବେଳେ ଘୋଷଣା ପରଠାରୁ ଏହି ସୁବିଧା ପାଇଁ ଚାତକଭଳି ଚାହିଁ ବସିଛନ୍ତି। ସରକାର ଏ ସବୁ ବିଷୟକୁ ବିଚାରକୁ ନେଇ ହିତାଧିକାରୀ ମାନଙ୍କୁ ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି। ରାଜ୍ୟରେ ମୋହନ ମାଝୀଙ୍କ ସରକାର ଆସିବା ପରେ ୮୦ ଓ ତୁଦୁର୍ଦ୍ଧ ବୟସର ବୁଢୀବୁଢା ଓ ବିଧବା ଏବଂ ୮୦ଏବଂ ତାଠାରୁ ଅଧିକ ପ୍ରତିଶତର ଭିନ୍ନକ୍ଷମ ମାନଙ୍କୁ ୩ ହଜାର ୫ଶହ କରି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏବେ ଖଇରା ବ୍ଲକରେ ଏହି ବର୍ଗରେ ୧୬୧ ବୁଢୀବୁଢା ଓ ବିଧବା ଏବଂ ୭୭ଜଣ ଦିବ୍ୟାଙ୍ଗ ବର୍ଦ୍ଧିତ ଭତ୍ତା ପାଇଁ ଆବେଦନ କରିସାରିଛନ୍ତି। ବିଭିନ୍ନ ପଞ୍ଚାୟତ ମଧ୍ୟରେ ଅଚ୍ୟୁତପୁରରେ ୧୧, ଅନ୍ତରାରେ ୪, ଅମରିଆ-ଅଗ୍ନିପୁରରେ ୧୮, ବଡଜୟିପୁରରେ ୭, ବଡନୁଆଗାଁରେ ୭, ବରଦାରେ ୫, ବର୍ତ୍ତନାରେ ୩, ବାଉଁଶଗଡିଆରେ ୩, ଡଗରପଡାରେ୬, ଡାଲଙ୍ଗରେ ୧୪, ଡୁଙ୍ଗୁରାରେ ୬, ଗଡପୋଖରୀରେ ୮, ଗଗନଧୁଳୀରେ ୧୧, ଗରସଙ୍ଗରେ ୮, ଗୋଳିହାରେ ୭ , ଗୋବିନ୍ଦପୁରରେ ୬, ହରିପୁରରେ ୩,ଜଳଦାରେ ୩, ଝିଙ୍କିରିଆରେ ୮ , କ ଇ ଥ ଗ ଡି ଆ ରେ ୪,କୁପାରୀରେ ୩, କରୁଣ୍ଟାରେ ୨୩, ମହତୀପୁରରେ ୧୦, ମାଖନପୁରରେ ୮, ମାଣିତ୍ରୀରେ ୫, ନହଙ୍ଗରେ ୧, ନନ୍ଦୁରରେ ୧, ପଳସାରେ ୩, ରପେୟାରେ ୫,ସାରଡାଙ୍ଗରେ ୭, ସାରକୋଣା ୫,ସାରୁଗାଁ ୭, ଶ୍ୟାମସୁନ୍ଦରପୁର ୬,ଖଇରା ୫, ନୟାଖଣ୍ଡି୨,ରଟିଣାରେ ଜଣଙ୍କ ନାମ ଭତ୍ତାତାଲିକାରେ ରହିଥିବା ଜଣାଯାଇଛି। ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କୁ ପଚାରିବା ପରେ ୧ମାସ ମଧ୍ୟରେ ସମସ୍ତଙ୍କୁ ଏହି ବର୍ଦ୍ଧିତ ଭତ୍ତା ମିଳିଯିବ ବୋଲି କହିଛନ୍ତି।

# କର୍କଟ ପ୍ରତିରୋଧ ପାଇଁ ଅନୁକୂଳ ମୁଖ ସ୍ୱାସ୍ଥ୍ୟ

ମୁମ୍ବାଇ : ପବ୍ଲିକ ହେଲ୍‌ଥ ଡେଂଟିଷ୍ଟ୍ରିର ପ୍ରଫେସର ପିଏଚଡ଼ି, ଏମଡିଏସ ଡା. ସୋନିଆ ଦତାଙ୍କ ଅନୁଯାୟୀ ମୁଖ ସ୍ୱାସ୍ଥ୍ୟକେବଳ ଦାନ୍ତ ଏବଂ ମାଢ଼ି ବିଷୟରେ ନୁହେଁ ଏବଂ ଭଲ ମୁଖ ସ୍ୱାସ୍ଥ୍ୟ କେବଳ ଦାନ୍ତ ସଫା ରଖିବା ଅପେକ୍ଷା ଅଧିକ । ଏହାସମଗ୍ର ସୁସ୍ଥତାର ଏକ ମୂଳସ୍ତମ୍ଭ । ଦନ୍ତ ଚିକିତ୍ସକ ଏବଂ ଡାକ୍ତରମାନେ ମଧ ମୁଖ-ଶରୀର ସଂଯୋଗକୁ ପ୍ରତିରୋଧକ ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ବୋଲି ଚିହ୍ନଟ କରୁଛନ୍ତି । ଅନୁକୂଳ ମୁଖ ସ୍ୱାସ୍ଥ୍ୟ ବ୍ୟବସ୍ଥିତ ସ୍ୱାସ୍ଥ୍ୟକୁ ସମର୍ଥନ କରୁଛି ହୃଦରୋଗ, ଡାଇବେଟିସ୍‌ଏବଂ କିଛି ନିର୍ଦ୍ଦିଷ୍ଟ କର୍କଟ ଭଳି ଅବସ୍ଥାଗୁଡ଼ିକର ବିପଦକୁ ହ୍ରାସ କରୁଛି ଏବଂ କର୍କଟ ପ୍ରତିରୋଧରେ ଏକ ପରିବର୍ତ୍ତନଶୀଳବିପଦ କାରକ ବୋଲି କ୍ରମାଗତ ଭାବେ ସ୍ୱୀକୃତ ହେଉଛି ।

କମ୍ ରୋଗପ୍ରତିରୋଧ କ୍ଷମତା ଥିବା ଲୋକଙ୍କ ପାଇଁ ମୁଖ ସ୍ୱଚ୍ଛତା ବଜାୟ ରଖିବା କେବଳ ଆରାମ ବିଷୟରେ ନୁହେଁ । ଏହାସିଧାସଳଖ ଜୀବନର ଗୁଣବତାକୁ ପ୍ରଭାବିତ କରେ । ଦିନକୁ ଦୁଇଥର ଆୟୁର୍ବେଦିକ ପେଷ୍ଟ ଯେପରି ଡାବର୍ ରେଡ୍ ପେଷ୍ଟ ସହବ୍ରଶ୍ କରିବା, ଫ୍ଲସ୍ କରିବା ଏବଂ ଆଂଟି ବ୍ୟାକେଫରିଆଲ୍ ମାଉଥୱାସ ବ୍ୟବହାର କରିବା ଭଳି ସରଳ ଅଭ୍ୟାସଗୁଡ଼ିକ ଜୀବାଣୁହ୍‌ରାସ କରି ଏବଂ ମୁହଁର ବ୍ୟବସ୍ଥାକୁ ସନ୍ତୁଳିତ ରଖି ଏହି ବିପଦଗୁଡ଼ିକୁ ଉଲ୍ଲେଖନୀୟ ଭାବେ କମ୍ କରିପାରେ ।ଏମ୍ସ (ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍) ଗବେଷକମାନଙ୍କ ଅନୁଯାୟୀ କେବଳ ଆରାମ ପାଇଁ ନୁହେଁ,କିନ୍ତୁ ବଂଚିବା ଫଳାଫଳଗୁଡ଼ିକୁ ଉନ୍ନତ କରିବା ପାଇଁ ମୁଖ ସ୍ୱଚ୍ଛତାକୁ ସାଧାରଣ ଅଙ୍କୋଲୋଜି ଯନିରେ ଏକତ୍ରିତ କରାଯିବାଉଚିତ । ଅନ୍ୟ ଏକ ପ୍ରମାଣ ହେଉଛି ଇନହାନ୍ସ (ଇଂଟରନ୍ୟାସନାଲ୍ ହେଡ୍ ଆଣ୍ଡ ନେକ୍ କ୍ୟାନସର୍ ଏ ପି ଡେ ମି ଓ ଲେ । ଜି ) କନସୋର୍ଟିୟମ୍ ଯାହା ଦେଖାଇଛି ଯେ ଭଲ ମୁଖ ସ୍ୱଚ୍ଛତା (ବାର୍ଷିକ ଡେଂଟାଲ୍ ଭିଜିଟ୍, କମ୍ ଅନୁପସ୍ଥିତ ଦାନ୍ତ, ଦୈନିକ ବ୍ରସ କରିବା) ମୁଣ୍ଡ ଓ କେଶ କ୍ୟାନସରର ବିପଦକୁ ସାମାନ୍ୟ ହ୍ରାସ କରେ । କେବଳ ସୁସ୍ଥ ଦାନ୍ତ ବଜାୟ ରଖିବା ପାଇଁ ନୁହେଁ କିନ୍ତୁ ମୁଖ କର୍କଟର ପ୍ରାରମ୍ଭିକ ଚେତାବନୀ ଚିହ୍ନଗୁଡ଼ିକୁ ଚିହ୍ନଟ କରିବା ପାଇଁ ନିୟମିତ ଦାନ୍ତ ଚେକ୍-ଅପ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।


**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (କନ୍‌ଷ୍ଟ୍ରକସନ) ଦ.ପୂ. ରେଳପଥ, ଗାର୍ଡେନ୍ ରିଚ୍ ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନୋକ୍ତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଅଛି । ଇ-ଟେଣ୍ଡର ନିର୍ଦ୍ଧାରିତ ତାରିଖର ୧୨.୦୦ ଘଣ୍ଟିକାରେ ବନ୍ଦ ହେବ । ଇ-ଟେଣ୍ଡର ନୋଟିସ୍ ନଂ ଏଲ୍‌କନ୍ କେଜିପି - ଡିଏଇଏସ୍-ଆରଏନଟିଏଲ-୨୫-୦୪, ନିର୍ଦ୍ଧାରିତ ତାରିଖ : ୨୫.୧୧.୨୦୨୫, କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ : ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ନାରାୟଣଗଡ଼ ଓ ଭଦ୍ରକ ମଧ୍ୟରେ ୩ୟ ଲାଇନ କାର୍ଯ୍ୟ ସହାଶେ ବାଲେଶ୍ୱରରୁ ରାଣୀତାଳ (ଏଲ) ଜ୍ୟାକିଙ୍ଗ ପର୍ଯ୍ୟନ୍ତ ପାୱାର ସପ୍ଲାଏ ବୃଦ୍ଧି, ବିଦ୍ୟୁତ୍ କରଣ ଏବଂ ସାଧାରଣ ସେବା କାର୍ଯ୍ୟର ବଦଳା ୩ୟ ଲାଇନ କାର୍ଯ୍ୟ ପାଇଁ ଯୋଗାଣ, ଇରେକ୍ସନ, ଟେଷ୍ଟିଂ ଓ କମିଶନିଂ । ଟେଣ୍ଡର ମୂଲ୍ୟ : ଟ. ୩,୧୨,୮୨,୦୯୫.୦୦, ଇଏମଡି : ଟ. ୩,୦୮,୯୦୦.୦୦, ସମାପ୍ତି ସମୟ : ୦୯(ନଅ) ମାସ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ତଥ୍ୟ/ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in କୁ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ କରିବେ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର : ଆଗ୍ରହୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-802)

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 29/10/2025 I, Prakash Chandra Nayak, Address At- Kudiari Ranganisahi, Po- Jatani, Ps- Jatani, Dist- Khordha, Odisha, Pin Code-752050 declare that I have changed the name of my son from **Arun Kumar Nayak** to **Arun Nayak**. Henceforth, he shall be known as **Arun Nayak** for all purposes.

**Prakash Chandra Nayak**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated. 25.10.2025. I NILUFER NAZNEEN, Beka Miramohalla, Bhadrak Town, Bhadrak, Odisha. Pin-756100 declare that I have Changed my name from NILOFAR NAJNINN to NILUFER NAZNEEN. Henceforth, I shall be known as NILUFER NAZNEEN for all purposes.

**Sd/- Nilufer Nazneen (New name)**

**AFFIDAVIT**

By virtue of an affidavit sworn before Executive Magistrate, Nayagarh, Odisha on dated. 10.10.2025 I, Hadiani Dei, W/o- Jageswar Malik Resident of Village Baunshiapada, P.O : Baunshiapada, P.S- Itamati, Dist- Nayagarh, PIN-752068 declare that I have changed my name from Basanti Malik to Hadiani Dei. Henceforth, I shall be known as Hadiani Dei for all purposes.

**Sd/- Hadiani Dei**

**AFFIDAVIT**

By virtue of an affidavit sworn before the Executive Magistrate, Khordha dated 16.10.2025, I **Sujata Brahma** Address : At/PO- Bajapur, PS-Khordha Sadar, Dist - Khordha, Odisha-752060 declare that I have changed my name from **Sujata Pattnaik** to **Sujata Brahma.** Henceforth, I shall be known as Sujata Brahma for all purposes.

ୟୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା, ପିନ୍-୭୬୫୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୧୪.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କଦ୍ୱାରା ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ରି. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମରେ) |
| --- | --- | --- | --- |
| **ଭବାନୀପାଟଣା-୨ ଶାଖା, ମେନ୍‌ରୋଡ୍, ଷ୍ଟାଚ୍ୟୁ ଛକ, ଭବାନୀପାଟଣା-୭୬୬୦୦୧, ମୋ.: ୯୧୨୩୦୫୦୫୨୮** | | | |
| ୧. | **ବିରେନ୍ଦ୍ର ପ୍ରସାଦ ସିଂହ,** ପିତା: ରାମ ପ୍ରସାଦ ସିଂହ, ସା: ମୁଖାନାଳ, କଳାହାଣ୍ଡି, ଓଡ଼ିଶା, ପିନ୍-୭୬୬୦୨୦ / ୧୦୬୧୧୬୫୪୦୦୦୦୧୨୦ | ଟ.୪୦,୫୬୭.୦୦ + ସେବାବଦ ସୁଧ | ୧୧.୫୦ |
| ୨. | **ବିରେନ୍ଦ୍ର ପ୍ରସାଦ ସିଂହ,** ପିତା: ରାମ ପ୍ରସାଦ ସିଂହ, ସା: ମୁଖାନାଳ, କଳାହାଣ୍ଡି, ଓଡ଼ିଶା, ପିନ୍-୭୬୬୦୨୦ / ୧୦୬୧୧୬୫୪୦୦୦୦୧୨୧ | ଟ.୫୬,୮୪୧.୮୯ + ସେବାବଦ ସୁଧ | ୧୭.୦୦ |
| ୩. | **ବିଷ୍ଣୁ ନାରାୟଣ ବାଗ,** ପିତା: ନୀଳକଣ୍ଠ ବାଗ, ସା/ପୋ: କାଲାମ, କଳାହାଣ୍ଡି, ଓଡ଼ିଶା, ପିନ୍-୭୬୬୦୦୨ / ୧୦୬୧୧୬୫୪୦୦୦୦୬୮୪ | ଟ.୨୮,୧୯୩.୦୦ + ସେବାବଦ ସୁଧ | ୫.୮୦ |
| ୪. | **ବିଷ୍ଣୁ ନାରାୟଣ ବାଗ,** ପିତା: ନୀଳକଣ୍ଠ ବାଗ, ସା/ପୋ: କାଲାମ, କଳାହାଣ୍ଡି, ଓଡ଼ିଶା, ପିନ୍-୭୬୬୦୦୨ / ୧୦୬୧୧୬୫୪୦୦୦୦୬୮୩ | ଟ.୬୫,୦୭୬.୦୦ + ସେବାବଦ ସୁଧ | ୧୩.୫୦ |
| ୫. | **ବିଷ୍ଣୁ ନାରାୟଣ ବାଗ,** ପିତା: ନୀଳକଣ୍ଠ ବାଗ, ସା/ପୋ: କାଲାମ, କଳାହାଣ୍ଡି, ଓଡ଼ିଶା, ପିନ୍-୭୬୬୦୦୨ / ୧୦୬୧୧୬୫୪୦୦୦୦୬୮୨ | ଟ.୪୩,୩୮୫.୦୦ + ସେବାବଦ ସୁଧ | ୮.୮୦ |
| **ବଳରାମ ନଗର ଗୁଣପୁର ଶାଖା, ମେନ୍‌ରୋଡ୍, ମଙ୍ଗଳା ମନ୍ଦିର ନିକଟ, ବଳରାମ ନଗର, ଗୁଣପୁର, ଜିଲ୍ଲା: ରାୟଗଡ଼ା, ମୋ.: ୭୯୭୮୬୧୭୪୦୨** | | | |
| ୧. | **ଟଙ୍କଧର ସବର,** ମାର୍ଫତ: ମୀନା ସବର, ସା/ପୋ: ଖଇରା, ସବ୍-ଡିଷ୍ଟ୍ରିକ୍ଟ: ଗୁଣପୁର, ଓଡ଼ିଶା, ପିନ୍-୭୬୫୦୩୩ / ୭୪୮୪୦୬୫୪୦୦୦୦୩୮୫ | ଟ.୧,୦୬,୬୭୨.୦୦ + ସେବାବଦ ସୁଧ | ୨୦.୦୦ |
| **କାଶି ନଗର ଶାଖା, ଟାଟା କଲୋନୀ, କାଶି ନଗର ଏନ୍‌ଏସି, ଜିଲ୍ଲା: ଗଜପତି, ମୋ.: ୯୯୫୧୧୭୭୯୭୩** | | | |
| ୧. | **ଜମା ସରସ୍ୱତୀ,** ୱାର୍ଡ ନଂ. ୧୦, କାଶିନଗର, ଜିଲ୍ଲା: ଗଜପତି, ଓଡ଼ିଶା, ପିନ୍-୭୬୧୨୦୬ / ୩୨୪୧୬୫ଇ୦୦୦୧୮୯୫ | ଟ.୧୨,୪୦୧.୬୮ + ସେବାବଦ ସୁଧ | ୪.୫୦ |
| ୨. | **ଜମା ସରସ୍ୱତୀ,** ୱାର୍ଡ ନଂ. ୧୦, କାଶିନଗର, ଜିଲ୍ଲା: ଗଜପତି, ଓଡ଼ିଶା, ପିନ୍-୭୬୧୨୦୬ / ୩୨୪୧୬୬୩୦୦୦୦୭୮୯ | ଟ.୨୭,୩୯୭.୦୦ + ସେବାବଦ ସୁଧ | ୧୦.୦୦ |
| **ମାଲକାନଗିରି ଶାଖା, ଡୋର ନଂ. ୧୪, ଚିଦାନନ୍ଦ ଷ୍ଟ୍ରିଟ୍, ମାଲକାନଗିରି-୭୬୪୦୪୫, ମୋ.: ୭୯୮୯୧୮୩୭୯୮** | | | |
| ୧. | **ଅଞ୍ଜଳୀ ସୁନାନୀ,** ରିକ୍ଷାମେସନ କଲୋନୀ, ମାଲକାନଗିରି କଲୋନୀ,ପିନ୍-୭୬୪୦୪୫ / ୨୧୭୨୧୬୫୪୦୦୦୦୧୭୯ | ଟ.୩୫,୧୬୦.୦୦ + ସେବାବଦ ସୁଧ | ୯.୯୦ |
| ୨. | **ସଞ୍ଜୟ ବାଡର,** ପିତା: ବିଜୟ ବାଡର, ଝରାପଲ୍ଲୀ, ଏମ୍‌ଭି ୮୫, ମାଲକାନଗିରି, ପିନ୍-୭୬୪୦୪୫/ ୨୧୭୨୧୬୫୪୦୦୦୦୧୮୭ | ଟ.୧୩,୩୩୬.୦୪ + ସେବାବଦ ସୁଧ | ୪.୨୦ |
| ୩. | **ସନ୍ତୋଷ କୁମାର ମୁଦୁଲି,** ମାର୍କାପଲ୍ଲି କଲୋନୀ, ବୀରଲକ୍ଷ୍ମଣପୁର, ମାଲକାନଗିରି, ପିନ୍-୭୬୪୦୪୫/ ୨୧୭୨୧୬୫୪୦୦୦୦୧୭୮ | ଟ.୧,୧୬,୨୦୨.୦୦ + ସେବାବଦ ସୁଧ | ୨୫.୫୦ |
| **ମିଶନ କମ୍ପାଉଣ୍ଡ କୋରାପୁଟ ଶାଖା, କୋରାପୁଟ, ମୋ.: ୯୧୩୧୦୩୦୩୯୬** | | | |
| ୧. | **ରାଜୁ ହିକାକା,** ପିତା: ମାନବାଦ ହିକାକା, କୋଡ଼ିପାଇ, କୋରାପୁଟ, ଓଡ଼ିଶା, ପିନ୍-୭୬୪୦୨୮ / ୭୦୭୧୦୬୫୪୦୦୦୦୧୯୬ | ଟ.୪୮,୦୭୨.୦୦ + ସେବାବଦ ସୁଧ | ୧୦.୦୦ |
| **ସେମିଳିଗୁଡ଼ା ଶାଖା, ମେନ୍ ରୋଡ୍, ସେମିଳିଗୁଡ଼ା କୋରାପୁଟ-୭୬୪୦୩୪, ମୋ.: ୯୯୭୮୩୭୨୩୩୯** | | | |
| ୧. | **ସୁପ୍ରଭା ସମାଲ,** ଗୋପବନ୍ଧୁ ନଗର, ସେମିଳିଗୁଡ଼ା-୭୬୪୦୩୬ / ୧୪୦୮୧୬୬୩୦୦୦୦୫୨୪ | ଟ.୫୩,୭୦୯.୧୦ + ସେବାବଦ ସୁଧ | ୧୨.୮୩୫ |
| ୨. | **ସୁପ୍ରଭା ସମାଲ,** ଗୋପବନ୍ଧୁ ନଗର, ସେମିଳିଗୁଡ଼ା-୭୬୪୦୩୬ / ୧୪୦୮୧୬୬୩୦୦୦୦୫୨ | ଟ.୨୯,୭୩୩.୦୦ + ସେବାବଦ ସୁଧ | ୮.୦୨୫ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୧୦୦ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୧୦୦ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ କରିପାରେ।
୬) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୭) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ରାୟଗଡ଼ା, ତାରିଖ : ୦୪.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ରୋଗୀ ସେବା ପାଇଁ ଶପଥ ନେଲେ

# କିମ୍ସ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ୍ ସମାରୋହ




ଭୁବନେଶ୍ୱର, (ସବ୍ୟୁ): ଡାକ୍ତରୀ ଶିକ୍ଷା ଯାତ୍ରା ଆରମ୍ଭର ଏକ ପ୍ରତୀକାତ୍ମକ ଉତ୍ସବ ଭାବେ କିମସ ଓ କିଟ ଡେଣ୍ଟାଲ ସ୍କୁଲ ନୂତନ ବ୍ୟାଚ ଛାତ୍ରଛାତ୍ରୀଙ୍କ ହ୍ୱାଇଟ କୋଟ୍ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମସ ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର. ସି. ଦାସ, କିମସ ମେଡିକାଲ୍ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରା, ଉପାଧ୍ୟକ୍ଷ ଡା. ଲଲାଟେନ୍ଦୁ ମହାନ୍ତି ଓ କିଟ୍ ଡେଣ୍ଟାଲ କଲେଜ ଡିନ୍ ଡ ଅବିକ୍ଷୀତ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କିମସରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ସେମାନଙ୍କ ପାଞ୍ଚବର୍ଷୀୟ ପାଠ୍ୟକ୍ରମର ସଦୁପଯୋଗ କରିବାକୁ କିଟ୍ ଓ କିମ୍ସ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଶିକ୍ଷା ସହ ସଂସ୍କାର ନୀତି ପାଳନ କରିବାକୁ ଶ୍ରୀ ସାମନ୍ତ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସେ କହିଲେ କିଟ୍, କିସ୍ ଓ କିମସରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଭାବରେ ବିକାଶ କରିବା ପାଇଁ ଶିକ୍ଷା ସହିତ ସଂସ୍କାର ପ୍ରଦାନ କରାଯାଇଥାଏ। କିମସରେ ଛାତ୍ରଛାତ୍ରୀମାନଙ୍କୁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରାଯାଇଛି, ସେମାନେ ଏହାର ସଦୁପଯୋଗ କରିବା ଉଚିତ।

ଡା ସିବିକେ ମହାନ୍ତି ନୂତନ ଏମ୍‌ବିବିଏସ୍ ଓ ବିଡିଏସ୍ ବ୍ୟାଚ୍‌କୁ କିମସରେ ଉପଲବ୍ଧ ବ୍ୟାପକ ସମ୍ବଳକୁ ସମ୍ପୂର୍ଣ୍ଣ ଉପଯୋଗ କରିବା ପାଇଁ ଉତ୍ସାହିତ କରିଥିଲେ। ଏମବିବିଏସ ଏକ ଚ୍ୟାଲେଞ୍ଜିଂ ପାଠ୍ୟକ୍ରମ ବୋଲି ସୂଚନା ଦେଇ ହ୍ୱାଇଟ୍ କୋଟ ସମାରୋହର ଗୁରୁତ୍ୱ ବିଷୟରେ ସେ କହିଥିଲେ। ସେ କହିଲେ, ହ୍ୱାଇଟ୍ କୋଟ କେବଳ ପୋଷାକ ନୁହେଁ, ଏହା କରୁଣା, ମାନବିକତା, ମର୍ଯ୍ୟାଦା ଏବଂ ସାଧୁତାକୁ ପ୍ରତିନିଧିତ୍ୱ କରେ। ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ କେବଳ ବୈଷୟିକ ଦକ୍ଷତା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ମାନବିକତାକୁ ମୂର୍ତ୍ତିମନ୍ତ କରୁଥିବା ଡାକ୍ତର ହେବାକୁ ଚେଷ୍ଟା କରିବା ଉଚିତ। ସ୍ୱାଗତ ଭାଷଣ ଦେଇ ଡା ଆର.ସି. ଦାସ ମାନବୀୟ ମୂଲ୍ୟବୋଧ ଓ କରୁଣା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ଡାକ୍ତରୀ ବୃତ୍ତିଗତମାନେ ସେମାନଙ୍କର ହ୍ୱାଇଟ୍ କୋଟ୍ ଗ୍ରହଣ କରିବା ସମୟରେ ମାନବୀୟ ମୂଲ୍ୟବୋଧ ଓ କରୁଣା ପାଳନ କରିବା ଉଚିତ। ନମ୍ରତା ହେଉଛି ହ୍ୱାଇଟ୍ କୋଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ହ୍ୱାଇଟ୍ କୋଟ୍ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ନୈତିକତା ବିଷୟରେ ଶିକ୍ଷା ଦେବାରେ ସାହାଯ୍ୟ କରେ, ଯାହା ସେମାନଙ୍କ ଜୀବନସାରା ସେମାନଙ୍କ ଆଚରଣକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍ସ ପରାମର୍ଶଦାତା ଡା. ଆର ଏନ୍ ସାମନ୍ତ, ମେଡିସିନ୍ ବିଭାଗ ମୁଖ୍ୟ ଡା ଶୁଭ୍ରାଂଶୁ ପାତ୍ର ଓ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଡିଏଭି ଚନ୍ଦ୍ରଶେଖରପୁରରେ ଉତ୍କଳର ଐତିହ୍ୟ ଓ ସଂସ୍କୃତିକୁ ସ୍ମରଣ କରି କୁନି କୁନି ପିଲାଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ

# ୧୬ଲକ୍ଷ ସାଇବର ଠକେଇ, ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧୬ଲକ୍ଷ ଟଙ୍କା ସାଇବର ଠକେଇ ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୋଲିସ ତଦନ୍ତ କରି ୬ଜଣଙ୍କୁ ଗିରଫ କରିଛି। ଏମାନଙ୍କ ବିରୋଧରେ ଦେଶର ୬ ରାଜ୍ୟରେ ମାମଲା ଥିବା ସୂଚନା ମିଳିଛି। ସ୍ୱରୂପ ସମ୍ପଦ ରଥ ରସୁଲଗଡ ଜଗନ୍ନାଥନଗର ଅଞ୍ଚଳରେ ରୁହନ୍ତି। ସେ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯୋଗଦେବା ପରେ ତାଙ୍କ ଆକାଉଣ୍ଟ ନମ୍ବରକୁ ସେହି ଗ୍ରୁପ୍ ମାଧ୍ୟମରେ ସାଇବର ଠକ ସଂଗ୍ରହ କରିନେଇଥିଲେ। ଜାତୀୟ ଓ ଆନ୍ତର୍ଜାତୀୟ ସାଇବର ଠକମାନେ ବିଭିନ୍ନ ରାଜ୍ୟରେ ଏଜେଣ୍ଟ ନିଯୁକ୍ତ କରି ତାଙ୍କୁ କମିଶନ ଦେବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ଯେଉଁମାନେ ଋଣ ଆଶାୟୀ ଓ ସମସ୍ୟାରେ ଅଛନ୍ତି, ସେମାନଙ୍କୁ ଠାବ କରି ଏଜେଣ୍ଟମାନେ ଆକାଉଣ୍ଟରୁ ନମ୍ବର ସଂଗ୍ରହ କରିଥାନ୍ତି ଟଙ୍କା ପଠାଇବା ପାଇଁ। ଏଥିସହ କେତେକ ଆକାଉଣ୍ଟ ହୋଲ୍ଡରଙ୍କୁ ତାଙ୍କ ଆକାଉଣ୍ଟରେ ଟଙ୍କା ପରିଚାଳନା କରିବା ପାଇଁ ପ୍ରତିଶ୍ରୁତି ଦେଇ ନମ୍ବର ସଂଗ୍ରହ କରିଥାନ୍ତି। ଏତଲାକାରୀ ସ୍ୱରୂପଙ୍କ ଆକାଉଣ୍ଟକୁ ନେଇ ପ୍ରତିଶ୍ରୁତି ଦେଇଥିଲେ ଯେତେ ଟଙ୍କା କାରବାର ହେବ ୫% ଲେଖାଏଁ ଦିଆଯିବ। ସେ ଲୋଭରେ ପଡି ଆକାଉଣ୍ଟ ଦେବା ପରେ ତାଙ୍କ ଆକାଉଣ୍ଟରୁ ୧୬ଲକ୍ଷ ୯୦ ହଜାର ଟଙ୍କା ସାଇବର ଠକ ନେଇଯାଇଥିଲେ। ସେ ଉପାୟଶୂନ୍ୟ ହୋଇ ଭୁବନେଶ୍ୱର ସାଇବର ଥାନାରେ ଏତଲା ଦାଏର କରିଥିଲେ। ଗିରଫ ୬ ଅଭିଯୁକ୍ତ ହେଲେ ଚନ୍ଦନ କୁମାର ସାହୁ (୩୦), ପ୍ରଭୁପାଦ ବେହେରା (୩୯), ଦେବେନ୍ଦ୍ର ସାହୁ (୩୧), ସୁଶାନ୍ତ ଜେନା (୪୨), ବ୍ରହ୍ମାନନ୍ଦ ପୋହି (୪୪), ଭକ୍ତରାମ କାଲୁ (୪୩)। ଏମାନଙ୍କୁ ସାଇବର ଥାନା ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉ କରି ଗିରଫ କରିବା ପରେ ଠକେଇର ପର୍ଦ୍ଦାଫାସ ହୋଇଛି। ଏହି ଠକ ର୍ୟାକେଟ୍ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ ଓ ଓଡ଼ିଶା ରାଜ୍ୟରୁ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି ବୋଲି ଡିସିପି ଜଗମୋହନ ମିନା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଗିରଫ ୬ ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଛି।

## ଫ୍ରାଙ୍କଲିନ୍ ଟେମ୍ପଲେଟନ ପ୍ରଚଳନ କଲା ଫ୍ରାଙ୍କଲିନ୍ ଇଣ୍ଡିଆ ମଲ୍‌ଟି-ଫାକ୍ଟର ଫଣ୍ଡ

ଭୁବନେଶ୍ୱର (ସବ୍ୟୁ): ଫ୍ରାଙ୍କଲିନ୍ ଟେମ୍ପଲେଟନ (ଇଣ୍ଡିଆ) ଏକ ମଲ୍‌ଟି-ଫାକ୍ଟର (ବହୁଧା କାରକ) ଭିତ୍ତିକ ପରିମାଣାତ୍ମକ ପୁଞ୍ଜିନିବେଶ ରଣକୌଶଳ ଅନୁସରଣ କରି ଏହାର ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ୍ ଫ୍ରାଙ୍କଲିନ୍ ଇଣ୍ଡିଆ ମଲ୍‌ଟି-ଫାକ୍ଟର ଫଣ୍ଡ (ଏଫଆଇଏମଏଫ୍) ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏଫଆଇଏମଏଫ୍ ଗୁଣବତ୍ତା, ମୂଲ୍ୟ, ମନୋଭାବ ଏବଂ ବିକଳ୍ପସମୂହ (କ୍ୟୁଭିଏସ୍‌ଏ) ଭଳି ବିଷୟଗୁଡିକ ଆଧାରରେ ଷ୍ଟକଗୁଡିକ ବାଛିବାକୁ ଏକ ତଥ୍ୟ-ପରିଚାଳିତ ବ୍ୟବସ୍ଥିତ ଆଭିମୁଖ୍ୟ ବ୍ୟବହାର କରୁଛି। ଏହି ପୁଞ୍ଜିନିବେଶ ଦୁନିଆଁରେ ବଜାର ପୁଞ୍ଜିକରଣ ଦ୍ୱାରା ଭାରତରେ ତାଲିକାଭୁକ୍ତ ଶୀର୍ଷ ୫୦୦ କମ୍ପାନୀ ରହିଛନ୍ତି।

## ପିଏନ୍‌ବି କଟକ ସର୍କଲ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ




ଭୁବନେଶ୍ୱର (ସବ୍ୟୁ): ସତର୍କତା ସଚେତନତା ସପ୍ତାହ ୨୦୨୫ ୨୭ ଅକ୍ଟୋବରରୁ ୦୨ ନଭେମ୍ବର ପର୍ଯ୍ୟନ୍ତ ପାଳନ ଅବସରରେ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, କଟକ ସର୍କଲ ପକ୍ଷରୁ ସ୍ୱଚ୍ଛତା ଓ ସତ୍ୟନିଷ୍ଠତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ ନେଗି ଉପସ୍ଥିତ ଥିଲେ। ଏହି ୱାକାଥନ୍‌ରେ ସ୍ଥାନୀୟ ଅଞ୍ଚଳର ଶାଖା ମୁଖ୍ୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଅଂଶଗ୍ରହଣକାରୀମାନେ ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରୁଥିବା ବ୍ୟାନର ଏବଂ ସ୍ଲୋଗାନ୍ ଧରି ଶୋଭା ଯାତ୍ରାରେ ଉତ୍ସାହର ସହିତ ଯୋଗଦେଇଥିଲେ। ଏହି ପଦକ୍ଷେପ ଅଂଶଗ୍ରହଣକାରୀଙ୍କ ମାଧ୍ୟମରେ ନୈତିକ ମୂଲ୍ୟବୋଧ, ସ୍ୱଚ୍ଛତା ଏବଂ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ପିଏନ୍‌ବିର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।



କଟକରେ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ ୪.୦ ଅନୁଷ୍ଠିତ

## ଦୁଇଟି ଜାଗାରେ ଜବରଦଖଲ ଉଚ୍ଛେଦ

# କପିଳପ୍ରସାଦରୁ ୧୭୩ ଡିସିମିଲ୍, ଗୋବିନ୍ଦପ୍ରସାଦରୁ ୫ ହଜାର ବର୍ଗଫୁଟ ଜମି ଜବରଦଖଲମୁକ୍ତ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଦୁଇଟି ଜାଗାରେ ପୃଥକ ଭାବେ ଜବରଦଖଲ ଉଚ୍ଛେଦ କରିଛି। ପ୍ରଥମଟି କପିଳପ୍ରସାଦ ଓ ଦ୍ୱିତୀୟଟି ଗୋବିନ୍ଦପ୍ରସାଦ ଅଞ୍ଚଳରେ ଉଚ୍ଛେଦ କରାଯାଇଥିଲା।




ମଙ୍ଗଳବାର ପ୍ରଥମଟି କପିଳପ୍ରସାଦ ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନମ୍ବର-୧୧୩୭ରେ ୨ଏକର ୧୭୩ ଡିସିମିଲ ଜମିରେ ହୋଇଥିବା ବେଆଇନ ନିର୍ମାଣକୁ ଭଙ୍ଗାଯାଇଛି। ଏହି ଉଚ୍ଛେଦ ଅଭିଯାନ ସଫଳତାର ସହ ସରିଛି। ଉଚ୍ଛେଦ ସମୟରେ ସାଧାରଣ ପ୍ରଶାସନ ବିଭାଗର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ୭ଟି ହୋଟେଲ, କ୍ୟାବିନ ଓ ଫାଷ୍ଟଫୁଡ୍ ଷ୍ଟଲ ଭାଙ୍ଗି ଦିଆଯାଇଥିଲା। ପ୍ରାୟ ୦.୧୭୩ ଡିସିମିଲ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।

ସେହିପରି ଦ୍ୱିତୀୟ ଉଚ୍ଛେଦଟି ସହୀଦ ନଗର ଥାନା ଅଧୀନସ୍ଥ ଗୋବିନ୍ଦପ୍ରସାଦ ମୌଜା ପ୍ଲଟ୍ ନମ୍ବର-୫୧୦/୨୧୦୦(ପି), ୪୯୫(ପି), ୪୯୬(ପି)ରେ ଓସିପି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ରହିଛି। ଏହି ଲିଜ୍ ହୋଲ୍ଡ ଜମି (୧ଏକର ୩୯୫ ଡିସିମିଲ) ଉପରେ ଜବରଦଖଲ ହୋଇଛି। ଏହି ଉଚ୍ଛେଦ ଅଭିଯାନ ଆଂଶିକ ଭାବରେ କରାଯାଇଥିଲା। ଉଚ୍ଛେଦ ସମୟରେ ଗୋଟିଏ ଦୋକାନ, ୧୧ଟି ଆଜବେଷ୍ଟସ୍ ଘର ଓ ୫ଟି ଶୌଚାଳୟ ଭାଙ୍ଗି ଦିଆଯାଇଥିଲା। ପ୍ରାୟ ୫୦୦୦ ବର୍ଗଫୁଟ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ସାଧାରଣ ପ୍ରଶାସନ ବିଭାଗର (ସର୍ଭେ ଓ ଏନଫୋର୍ସମେଣ୍ଟ)ର ଉପନିର୍ଦ୍ଦେଶକ ଅମୀୟ କୁମାର ଦାସ ଉପସ୍ଥିତ ଥିବା ବେଳେ ବିଡିଏର ଏନାଫୋର୍ସମେଣ୍ଟ ସ୍କ୍ୱାଡ୍ ୧,୨,୩,୫,୬,୭ ଓ ୮ ଉଚ୍ଛେଦ କରିଥିଲେ।

# ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜି. ଆର ଦୋରାଙ୍କ ଦେହାନ୍ତ

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜି. ଆନନ୍ଦରାଓ ଦୋରାଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କ ୯୦ବର୍ଷ ହୋଇଥିଲା। ଗତ କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଶେଷ ଶଯ୍ୟା ନିକଟରେ ପତ୍ନୀ ରାଣୀ ଦୋରା, ପୁଅ ଡା ଅମ୍ରିତ ଦୋରା ଏବଂ ଆଇନଜୀବୀ ଅଜୟ ଦୋରା ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ କାଜିବଜାର ସ୍ଥିତ ବାସଭବନରେ ହାଇକୋର୍ଟର ବହୁ ବିଚାରପତି, ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ କୁମାର ମିଶ୍ର, ଉପ ସଭାପତି ସିଦ୍ଧାର୍ଥ ଦାସ, ସମ୍ପାଦକ ଅଭିଜିତ୍ ପଟ୍ଟନାୟକ, ବହୁ ଆଇନଜୀବୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ, ସ୍ୱର୍ଗତଃ ବରିଷ୍ଠ ଆଇନଜୀବୀ ଜି.ଆର. ଦୋରାଙ୍କ ଅଧୀନରେ କାର୍ଯ୍ୟ କରିଥିଲେ।

ଜି. ଆର ଦୋରାଙ୍କର ସର୍ଭିସ୍ ମ୍ୟାଟର ପରିଚାଳନାରେ ସ୍ୱତନ୍ତ୍ର ଦକ୍ଷତା ଥିଲା। ସେ କ୍ୟାଟ୍, ଓଡ଼ିଶା ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟରେ ଅନେକ ମାମଲା ପରିଚାଳନା କରି ନିଜର ଦକ୍ଷତା ପ୍ରତିପାଦନ କରିପାରିଥିଲେ। ତାଙ୍କ ଅଧୀନରେ କାର୍ଯ୍ୟ କରିଥିବା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଜି. ଆର. ଦୋରାଙ୍କୁ ନିଜର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସ୍ମୃତିଚାରଣ କରିଛନ୍ତି। ସ୍ୱର୍ଗତଃ ଦୋରା ଜଣେ କେବଳ ଆଇନଜୀବୀ ନଥିଲେ ସେଥିଲେ ଏକ ଅନୁଷ୍ଠାନ। ତାଙ୍କର ସର୍ଭିସ ମ୍ୟାଟର ପରିଚାଳନାରେ ଅସମ୍ଭବ ଦକ୍ଷତା ଥିଲା। ସର୍ଭିସ୍ ମ୍ୟାଟର ପରିଚାଳନାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଜଷ୍ଟିସ୍ ନରସିଂହ ପ୍ରକାଶ କରିଛନ୍ତି। ସ୍ୱଗତଃ ଦୋରାଙ୍କ ମରଶରୀରକୁ ହାଇକୋର୍ଟ ଏବଂ ଅନ୍ୟାନ୍ୟ କୋର୍ଟ ପରିସରକୁ ଅଣାଯାଇଥିଲା। ସେଠାରେ ଉପସ୍ଥିତ ଥିବା ଆଇନଜୀବୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ଖାନନଗର ଶ୍ମଶାନକୁ ନିଆଯାଇଥିଲା। ଜି.ଆର. ଦୋରା ଗଞ୍ଜାମ ଆସ୍କାର ପାଣ୍ଡିଆ ପଥର ଗ୍ରାମରେ ୧୯୩୫ ମସିହା ଜୁଲାଇ ୧ତାରିଖରେ ଜନ୍ମଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ପରେ ସେ ଇଣ୍ଡିଆନ୍ ରେଳବାଇ ଟ୍ରଫିକ୍ ସର୍ଭିସ୍( ଆଇଆରଟିଏସ୍ )ରେ ଯୋଗ ଦେଇଥିଲେ। କିନ୍ତୁ ନିଜର ସ୍ୱାଧୀନ ଚିନ୍ତାଧାରା ପାଇଁ ସେ ଏହି ଚାକିରି ଛାଡ଼ି ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଆଇନରେ ଶିକ୍ଷାଗ୍ରହଣ କରିଥିଲେ। ୧୯୬୮ମସିହାରେ ଜଣେ ଆଇନଜୀବୀ ଭାବେ ଓଡ଼ିଶା ହାଇକୋର୍ଟରେ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ।

## ଆଜିଠାରୁ ଐତିହାସିକ କଟକ ବାଲିଯାତ୍ରା

# ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

କଟକ, (ପ୍ରଫୁଲ୍ଲ ମହାନ୍ତି): କଟକର ଐତିହାସିକ ବାଲିଯାତ୍ରା କାଲିଠାରୁ (ବୁଧବାର)ଆରମ୍ଭ ହେଉଛି। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ। ସନ୍ଧ୍ୟା ୫.୩୦ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି କଟକ ଇନ୍ କଟକରେ ଅବତରଣ କରିବେ। ସେଠାରୁ ମହାନଦୀର ନୀଳ ଜଳ ଶଯ୍ୟାରେ ଏକ ସୁସଜ୍ଜିତ ଡଙ୍ଗାରେ ଆସି ଗଣକବିଙ୍କ ମଞ୍ଚରେ ବକ୍ତବ୍ୟ ରଖିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଏସିଆର ସର୍ବବୃହତ ମୁକ୍ତାକାଶ ଏହି ବାଣିଜ୍ୟିକ ମେଳା ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବ୍ୟବସାୟୀମାନେ ସେମାନଙ୍କ ସମସ୍ତ ପ୍ରସ୍ତୁତି କାର୍ଯ୍ୟକୁ ଶେଷ ସ୍ପର୍ଶ ଦେଇଛନ୍ତି। କେବଳ ଆସନ୍ତା କାଲିକୁ ଅପେକ୍ଷା। ହଜାର ହଜାର ଶ୍ରଦ୍ଧାଳୁ ପୂଣ୍ୟତୋୟା ମହାନଦୀରେ ଡଙ୍ଗା ଭସାଇବା ପାଇଁ ଗଣଗଡିଆ ଘାଟ ବା ତଳ ବାଲିଯାତ୍ରା ପଡିଆରେ ରୁଣ୍ଡ ହେବେ। ଯଦିଓ ସନ୍ଧ୍ୟାରେ ଏହି ଯାତ୍ରା ଉଦ୍‌ଘାଟିତ ହେବ ତଥାପି ସକାଳୁ ହିଁ ବାଲିଯାତ୍ରାର ମହକ ବାରି ହୋଇ ପଡ଼ିବ। ଏଥର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ନୂଆ ନୂଆ ଥିମ୍‌ରେ ଭିନ୍ନ ଧରଣର ଆର୍ଟ ହେଉଥିବା ବେଳେ ମହାନଦୀରେ ଚିତ୍ତାକର୍ଷକ ଜଳକ୍ରୀଡ଼ା ଏବଂ ଲେଜର ଲାଇଟ୍ ସୋ' ଦେଖିବାକୁ ମିଳିବ। ଅନ୍ୟତମ ଆକର୍ଷଣ ଭାବେ ଚଳିତବର୍ଷ ଚିତ୍ତାକର୍ଷକ ଲେଜର ଲାଇଟ୍ ସୋ' କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନା ହୋଇଛି। ଏହା ସହ ସାଉଣ୍ଡ ଓ ଲାଇଟ୍ ମିଶ୍ରିତ ୩-ଡି ଆନିମେଟେଡ୍ ବିଷୟବସ୍ତୁର ବିଭିନ୍ନ ପ୍ରଦର୍ଶନ ଦେଖିବାକୁ ମିଳିବ। ମହାନଦୀରେ ଜଳକ୍ରୀଡ଼ା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛି। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ କରିବା, କଟକ-ଇନ-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି କରାଯାଇଛି। ବଲିଉଡ୍ ତାରକା ଶ୍ରେୟା ଘୋଷାଲ, ହର୍ଷଦୀପ କୌର, ରିଶି ସିଂଙ୍କ ସେମାନଙ୍କ ସ୍ୱରର ଯାଦୁ ପ୍ରଦର୍ଶନ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଝଲକ ଏଥର ଦେଖିବାକୁ ମିଳିବ କଟକ-ଇନ-କଟକ ପାଭାଲିୟନରେ। ଭାଗବତଟୁଙ୍ଗୀ ଯାତ୍ରା ପଡ଼ିଆରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବ। ପାଠ୍ୟପୁସ୍ତକ ପ୍ରତିକୃତିକୁ ନେଇ ମୁଖ୍ୟ ଫାଟକ ତିଆରି କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ସାହିତ୍ୟ ପୁସ୍ତକ ବଣ୍ଟନ କରାଯିବାର ଯୋଜନା ରହିଛି। କଟକ ଇନ କଟକେର "ଓଡ଼ିଆ ଅସ୍ମିତା" ଥିମ୍‌ରେ ଗେଟ ନିର୍ମାଣ କରାଯାଉଛି। ଏହି ଗେଟର ଉଚ୍ଚତା ୪୦ଫୁଟ ରହିଥିବାବେଳେ ଲମ୍ବ ୯୦ ଫୁଟ ରହିଛି। ଏହା ଉପରେ ଓଡ଼ିଶା ମାନଚିତ୍ର ନିର୍ମାଣ ହେବ। ତା ଭିତରେ ଓଡ଼ିଆ ବର୍ଣ୍ଣମାଳା ସ୍ଥାନ ପାଇବ। ସେହିପରି ଗେଟ କଡ଼ରେ କୋଣାର୍କଚକ୍ର ଶୋଭା ପାଇବ। ଏହାଛଡ଼ା ଓଡ଼ିଆ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ଏହି ପାଭିଲିୟନରେ ସ୍ଥାନ ପାଇବ। ଚଳିତ ବର୍ଷ ପାଖାପାଖି ୨୫ଟି ଦୋଳି ପଡ଼ିବ। ଜାତୀୟ ପଲ୍ଲିଶ୍ରୀ ମେଳାରେ ୫୨୫ଟି ଷ୍ଟଲ ଖୋଲାଯିବ। ପରମ୍ପରା ଅନୁଯାୟୀ ବାଲିଯାତ୍ରା ଉଦଘାଟନୀ ଦିନ ଅତିଥିମାନେ ବୋଇତରେ ଆସିବେ। ଏଥିପାଇଁ ମହାନଦୀକୂଳରେ ବୋଇତ 'କଳିଙ୍ଗ ତରଙ୍ଗିଣୀ'ପୂର୍ବରୁ ଉଦ୍‌ଘାଟିତ ହୋଇଯାଇଛି। ବାଲିଯାତ୍ରା ପାଇଁ ସହରର ପ୍ରବେଶ ପଥ ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ଲଗାଯାଇଛି। ଫୁଲନଖରା, ଜଗତପୁର, ନୂଆପାଟଣା, ସିଆରଆରଆଇ, ନିଆଳି, ଜୁଡ଼ିସିଆଲ ଏକାଡେମୀଛକ ଓ ହାଇକୋର୍ଟ ଛକ ଆଦି ୧୦ଟି ସ୍ଥାନରେ ସ୍ୱାଗତ ତୋରଣ ଲାଗିଛି। ଏହି ତୋରଣରେ ସାଧବପୁଅଙ୍କ ନୌବାଣିଜ୍ୟ ଯାତ୍ରା, ବାଲିଯାତ୍ରାର ଐତିହ୍ୟ, କୋଣାର୍କ ଚକ୍ର ଓ ଓଡ଼ିଶା ସଂସ୍କୃତିର ଛିଟା ସ୍ଥାନ ପାଇଛି। ପଡ଼ିଆ ଜଗିବା ପାଇଁ ୬୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏଥର ଓର୍ମାସ୍ ଦ୍ୱାରା ପ୍ରସ୍ତୁତ ଶାଳ ପତ୍ରର ହଜାର ହଜାର ଡଙ୍ଗା ମଧ୍ୟ ମହାନଦୀର ନୀଳ ଢେଉ ଉପରେ ଭାସି ଚାଲିଥିବା ଦେଖିବାକୁ ମିଳିବ

## ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡାରେ

# ସାଇବର ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ଓଡ଼ିଶା ପୋଲିସ ସହିତ ସହଭାଗୀ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍, ଓଡ଼ିଶା ପୋଲିସ ସହିତ ମିଳିତ ଭାବରେ ରାଜ୍ୟ ସରକାରଙ୍କ 'ସାଇବର ସୁରକ୍ଷା ସଚେତନତା ଅଭିଯାନ - ଓଡିଶା ୨୦୨୫'ର ଏକ ଅଧିବେଶନର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା 'ବନ୍ଦ କରନ୍ତୁ, ଯାଂଚ କରନ୍ତୁ। ସୁରକ୍ଷିତ ରୁହନ୍ତୁ' ବିଷୟବସ୍ତୁ ଅଧୀନରେ ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ ବିଷୟରେ ବ୍ୟାପକ ସଚେତନତାକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ ଥିଲା। ଏହି ପଦକ୍ଷେପ ଅନଲାଇନ୍ ଠକେଇ ବିରୁଦ୍ଧରେ ପ୍ରଥମେ ନିବାରଣ ସଚେତନତା ଉପରେ ଧ୍ୟାନ ଦିଏ ଏବଂ ସାଇବର ଅପରାଧର ବିପଦରୁ ନାଗରିକମାନଙ୍କୁ ନିଜକୁ ସୁରକ୍ଷା ଦେବା ପାଇଁ ସଶକ୍ତ କରିବା। ଏହି କାର୍ଯ୍ୟକ୍ରମରେ - ଓଡ଼ିଶା ପୋଲିସର ଝାରସୁଗୁଡାରେ ଅନେକ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା ସେମାନଙ୍କ ମଧ୍ୟରେ ଜି.ଆର. ରାଘବେନ୍ଦ୍ର, ପୋଲିସ ଅଧିକ୍ଷକଙ୍କ ସମେତ ମଧୁସ୍ମିତା ମିଶ୍ର, ଅତିରିକ୍ତ ଏସ୍ପି; ଜେମ୍ସ ସାମଦ, ଅତିରିକ୍ତ ଏସ୍ପି; ଜ୍ୟୋତ୍ସ୍ନାମୟୀ ପ୍ରଧାନ; ଡିଏସ୍ପି; ଉମା ଶଙ୍କର ସିଂହ, ଏସଡିପିଓ; ଏବଂ ରାଜେନ୍ଦ୍ର ସିଆଲ, ଡିଏସ୍ପି, ବଡମାଲ, ବେଦାନ୍ତ ଏବଂ ଏହାର ବ୍ୟବସାୟିକ ଅଂଶୀଦାର ତଥା ଟାଉନସିପ୍ ବାସିନ୍ଦାମାନେ ପ୍ରମୁଖ ଉପସ୍ଥିତ ଥିଲେ। ଏକ ଡିଜିଟାଲ୍ ଯୁଗରେ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ସୁଯୋଗ ଏବଂ ବିପଦ ଉଭୟକୁ ନେଇଥାଏ, ଏହି ଅଭିଯାନ ସୂଚିତ ସତର୍କତାର ଗୁରୁତ୍ୱକୁ ଆଲୋକପାତ କରାଯାଇଥଲା। ସୂଚନାପ୍ରଦ ଭିଡିଓ ଏବଂ ଇଂଟରାକ୍ଟିଭ୍ ଅଧିବେଶନ ମାଧ୍ୟମରେ, ଓଡ଼ିଶା ପୋଲିସର ବିଶେଷଜ୍ଞମାନେ ବ୍ୟାଖ୍ୟା କରିଥିଲେ ଯେ ବ୍ୟକ୍ତିମାନେ କିପରି ଫିସିଂ, ଓଟିପି/କ୍ୟୁଆର ସ୍କାମ୍, ରିମୋଟ୍ ଆକ୍ସେସ୍ ଆପ୍ସ, ଡିପ୍ ଫେକ୍ ହେରଫେର, ପରିଚୟ ଚୋରି ଏବଂ ଆର୍ଥିକ ମାଲୱେର୍ ଭଳି ସାଧାରଣ ଅନଲାଇନ୍ ବିପଦକୁ



ଚିହ୍ନଟ କରିପାରିବେ ଏବଂ ଏଡାଇ ପାରିବେ। ଉପସ୍ଥିତ ଲୋକଙ୍କୁ ଅନଲାଇନ୍ କାରବାର, ସୁରକ୍ଷିତ ପାସୱାର୍ଡ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ସାମାଜିକ ଗଣମାଧ୍ୟମ ଆଚରଣ ପାଇଁ ଡିଜିଟାଲ୍ ସର୍ବୋତମ ଅଭ୍ୟାସ ସହିତ ମଧ୍ୟ ପରିଚିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଷଣ ଦେଇ, ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦୁ କହିଛନ୍ତି, "ବେଦାନ୍ତରେ, ସୁରକ୍ଷା ଆମର ପ୍ଲାଂଟ ବାହାରେ ଏବଂ ଆମର ଡିଜିଟାଲ୍ ଜୀବନରେ ବିସ୍ତାରିତ। ଯେହେତୁ ପ୍ରଯୁକ୍ତିବିଦ୍ୟା ଆମର କାର୍ଯ୍ୟ ଏବଂ ସମ୍ପ୍ରଦାୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଛି, ଆମେ ବିଶ୍ୱାସ କରୁ ଯେ ସଚେତନତା ଏବଂ ସତର୍କତା ସାଇବର ସୁରକ୍ଷାରେ ପ୍ରଥମ ପ୍ରତିରକ୍ଷା ଧାଡି ଅଟେ। ଝାରସୁଗୁଡାର ପୋଲିସ ଅଧିକ୍ଷକ ଜିଆର ରାଘବେନ୍ଦ୍ର ତାଙ୍କ ମତାମତ ଯୋଗାଡ଼ କରି କହିଛନ୍ତି, "ସାଇବର ଅପରାଧ ମାମଲା ବୃଦ୍ଧି କେବଳ ଏକ ଆଇନ ପ୍ରବର୍ତନ ସମସ୍ୟା ନୁହେଁ ବରଂ ଏକ ସାମାଜିକ ଚ୍ୟାଲେଞ୍ଜ। ଏହି ଭଳି ଅଭିଯାନ 'ବନ୍ଦ କରନ୍ତୁ। ଯାଂଚ କରନ୍ତୁ। ସୁରକ୍ଷିତ ରୁହନ୍ତୁ' ପାଇଁ ଏକ ସଂସ୍କୃତି ଗଠନ କରିବାରେ ସାହାଯ୍ୟ କରିବ, ଏକ ଅଭ୍ୟାସ ଯାହା ଅଧିକାଂଶ ସାଇବର ଅପରାଧ ଘଟିବା ପୂର୍ବରୁ ରୋକିପାରିବ।

# କାନାଡାର କଠୋର ଭିସା ନୀତି

## ଭାରତୀୟଙ୍କ ବିଦେଶ ଯିବା ସ୍ୱପ୍ନ ଭାଙ୍ଗିଲା

ଓଟୱା : କାନାଡାର କଠୋର ଭିସା ନୀତି ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ବଡ଼ ଆଘାତ ଦେଇଛି । କାନାଡା ସରକାର ସମ୍ପ୍ରତି ଆନ୍ତର୍ଜାତୀୟ ଛାତ୍ର ଭିସା ଉପରେ ଅନେକ କଟକଣା ଲାଗୁ କରିଛନ୍ତି । ଯାହା ଭାରତୀୟ ଯୁବବର୍ଗଙ୍କ ବିଦେଶ ଯାତ୍ରା କରିବାର ସ୍ୱପ୍ନକୁ ଭାଙ୍ଗି ଦେଇଛି । କାନାଡା ସରକାରଙ୍କ ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୦୨୫ରେ ଭାରତରୁ କରାଯାଇଥିବା ୭୪% ଷ୍ଟଡି ପରମିଟ୍ ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଯାହା ଗତ ବର୍ଷ ସମାନ ମାସରେ ୩୨% ଥିଲା । ଏହା ଚଳିତ ବର୍ଷ ଭିସା ପ୍ରତ୍ୟାଖାନ ଠାରୁ ଦୁଇଗୁଣା ଅଧିକ ।କାନାଡା ସରକାରଙ୍କ ତଥ୍ୟ ଅନୁଯାୟୀ, ୨୪% ଚୀନ୍ ଆବେଦନକାରୀଙ୍କ ଭିସା ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଛ । ଏହା




ବ୍ୟତୀତ, ସରକାର କାନାଡାରେ ରହୁଥିବା ଛାତ୍ରୀମାନଙ୍କର ଯାଞ୍ଚ କରୁଛନ୍ତି । ଯାହାଦ୍ୱାରା ସେମାନଙ୍କୁ ତଦାରଖ କରାଯାଇପାରିବ ଏବଂ ଅପରାଧିକ କାର୍ଯ୍ୟକଳାପକୁ ରୋକାଯାଇ ପାରିବ । କାନାଡା ପୂର୍ବରୁ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ପସନ୍ଦର ସ୍ଥାନ ଥିଲା । ତଥାପି, କାନାଡା ସରକାର ଭିସା ନିୟମ କଡ଼ାକଡ଼ି କରିବା ଯୋଗୁ ଏହି ପସନ୍ଦ ଏବେ ପରିବର୍ତ୍ତନ ହେଉଛି । କାନାଡା ସରକାର ଠକେଇ ରୋକିବା ଏବଂ ଅସ୍ଥାୟୀ ପ୍ରବାସକୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ପ୍ରୟାସ କରିଛନ୍ତି । କାନାଡା ଇମିଗ୍ରେସନ ବିଭାଗର ଏକ ରିପୋର୍ଟ ଅନୁଯାୟୀ, ୪୦ ପ୍ରତିଶତ ଷ୍ଟଡି ପରମିଟ୍ ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କାନାଡାରେ ଚୀନ୍ ଆବେଦନକାରୀଙ୍କ ପାଇଁ ପ୍ରତ୍ୟାଖ୍ୟାନ ହାର ଆଶ୍ଚର୍ଯ୍ୟଜନକ ଭାବରେ କମ୍ ହେବାରେ ଲାଗିଛି । ଫଳସ୍ୱରୂପ, ଭାରତୀୟମାନେ କାନାଡା ଯିବା ପାଇଁ ଆଉ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଅଗଷ୍ଟ ୨୦୨୩ ରେ ୨୦,୯୦୦ ଭାରତୀୟ ଆବେଦନକାରୀ ଆବେଦନ କରିଥିଲେ । ଏହି ସଂଖ୍ୟା ୨୦୨୫ରେ ୪,୫୧୫କୁ ହ୍ରାସ ପାଇଛି । ବିଶେଷଜ୍ଞଙ୍କ ମତରେ, ୨୦୨୩ ମସିହାରେ କାନାଡାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଜଣେ କାନାଡା ନାଗରିକଙ୍କ ହତ୍ୟାରେ ଭାରତର ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ । ଏହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା । ଭାରତ ସରକାର ଏହି ଅଭିଯୋଗଗୁଡ଼ିକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । ଅଭିଯୋଗ ମଧ୍ୟରେ କାନାଡା ୧,୫୫୦ ଜାଲିଆତି ଅଧ୍ୟୟନ ଭିସା ଆବେଦନର ପର୍ଦ୍ଦାଫାସ କରିଥିଲା । ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଭାରତୀୟଙ୍କର ଥିଲା ।

## ଉପଭୋକ୍ତାଙ୍କୁ ସଶକ୍ତ କରିବା ପାଇଁ ଲୋଗୋ ଡିଜାଇନ୍

ନୂଆଦିଲ୍ଲୀ : ଉପଭୋକ୍ତା ବ୍ୟାପାର ବିଭାଗ ଦ୍ୱାରା ମରାମତି ସୂଚକାଙ୍କ ମାଧ୍ୟମରେ ଉପଭୋକ୍ତାଙ୍କୁ ସଶକ୍ତ କରିବା" ଉପରେ ଏକ ଲୋଗୋ ଡିଜାଇନ୍ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଛି । ମାଇଗଭ୍ ଏବଂ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଦିଲ୍ଲୀର ଉପଭୋକ୍ତା ଆଇନ ବିଭାଗ ସହଯୋଗରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ହେଉଛି ମରାମତି ମିଶନରେ ଜନସାଧାରଣଙ୍କ ବ୍ୟାପକ ଯୋଗଦାନକୁ ପ୍ରୋତ୍ସାହିତ କରିବା । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସାରା ଦେଶର ନାଗରିକମାନଙ୍କ ଠାରୁ ସୃଜନଶୀଳ ଚିନ୍ତାଧାରାକୁ ଏକତ୍ରିତ କରିବା ଏବଂ ମିଶନରେ ବ୍ୟାପକ ଜନସାଧାରଣଙ୍କୁ ନିୟୋଜିତ କରିବା ।

ଏହାପୂର୍ବରୁ, ଉପଭୋକ୍ତା ବ୍ୟାପାର ବିଭାଗ ଗ୍ରାହକମାନଙ୍କୁ ସଶକ୍ତ କରିବା ଏବଂ ସ୍ୱଚ୍ଛ ଓ ସୂଚିତ ଉତ୍ପାଦ ପସନ୍ଦକୁ ସକ୍ଷମ କରି ଇ-ବର୍ଜ୍ୟବସ୍ତୁ ହ୍ରାସ କରିବା ଲକ୍ଷ୍ୟରେ "ମରାମତି ଯୋଗ୍ୟତା ସୂଚକାଙ୍କ ଢାଞ୍ଚା ମାଧ୍ୟମରେ ମରାମତି କରିବାର ଅଧିକାର' ବିକଶିତ କରିସାରିଛି । ଏହି ଢାଞ୍ଚା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ନୂଆ ଉତ୍ପାଦ କିଣିବା ପରିବର୍ତ୍ତେ ସର୍ବୋତ୍ତମ ମୂଲ୍ୟରେ ସେମାନଙ୍କ ଉତ୍ପାଦ ମରାମତି କରିବାର ସୁଯୋଗ ଦେବ । ପ୍ରସ୍ତାବିତ ଲୋଗୋ ଏକ ଚକ୍ରାକାର ଅର୍ଥବ୍ୟବସ୍ଥା ଆଡକୁ ଭାରତର ପରିବର୍ତ୍ତନରେ ଏକ ସ୍ୱଷ୍ଟ ଭାବରେ କାର୍ଯ୍ୟ କରିବ । ଏହା ଦାୟିତ୍ୱବାନ ଉପଯୋଗ ଏବଂ ଉପଭୋକ୍ତା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ ।

## ଶିଳ୍ପପତି ଗୋପୀଚାନ୍ଦ ହିନ୍ଦୁଜାଙ୍କ ପରଲୋକ

ଲଣ୍ଡନ : ହିନ୍ଦୁଜା ଗ୍ରୁପର ଅଧ୍ୟକ୍ଷ ଏବଂ ପ୍ରସିଦ୍ଧ ଶିଳ୍ପପତି ଗୋପୀଚାନ୍ଦ ପି. ହିନ୍ଦୁଜାଙ୍କର ଲଣ୍ଡନରେ ପରଲୋକ ହୋଇଛି । ୮୫ ବର୍ଷୀୟ ଗୋପୀଚାନ୍ଦ ହିନ୍ଦୁଜା ଗତ କିଛି ସପ୍ତାହ ଧରି ଅସୁସ୍ଥ ଥିଲେ ଏବଂ ଚିକିତ୍ସା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବ୍ୟବସାୟିକ ସମ୍ପ୍ରଦାୟରେ ଜିପି ହିନ୍ଦୁଜା ଭାବରେ ଜଣାଶୁଣା ଗୋପୀଚାନ୍ଦ ହିନ୍ଦୁଜା ହିନ୍ଦୁଜା ଗ୍ରୁପକୁ ଏକ ବିଶ୍ୱ ସାମ୍ରାଜ୍ୟରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ବଡ଼



ଭାଇ ଶ୍ରୀଚାନ୍ଦ ହିନ୍ଦୁଜାଙ୍କ ସହିତ ମିଶି ସେ ଗ୍ରୁପର ବ୍ୟବସାୟକୁ ଅଟୋମୋବାଇଲ୍, ବ୍ୟାଙ୍କିଂ, ଶକ୍ତି, ଆଇଟି, ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା ସମେତ ବିଭିନ୍ନ କ୍ଷେତ୍ରରେ ବିସ୍ତାର କରିଥିଲେ ।ମେ ୨୦୨୩ ରେ ତାଙ୍କ ବଡ଼ ଭାଇ ଶ୍ରୀଚାନ୍ଦ ହିନ୍ଦୁଜାଙ୍କ ମୃତ୍ୟୁ ପରେ ଗୋପୀଚାନ୍ଦ ହିନ୍ଦୁଜା ଗୋଷ୍ଠୀର ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୧୪ରେ ପ୍ରତିଷ୍ଠିତ ଏହି ବ୍ୟବସାୟିକ ଐତିହ୍ୟକୁ ନୂତନ ଉଚ୍ଚତାରେ ପହଞ୍ଚାଇବାରେ ଏହା ହିନ୍ଦୁଜା ପରିବାରର ଦ୍ୱିତୀୟ ପୀଢ଼ି ଥିଲା ।

## ତେଜସ୍ୱୀଙ୍କ ଘୋଷଣା

## ମହିଳାଙ୍କୁ ମିଳିବ ଏକାଥରେ ୩୦ ହଜାର

ପାଟନା: ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ୬ ତାରିଖରେ ଅନୁଷ୍ଠିତ ହେବ । ଏହାପୂର୍ବରୁ ଆରଜେଡି ନେତା ତଥା ବିରୋଧୀ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ବଡ଼ ଘୋଷଣା କରିଛନ୍ତି । ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ କରି ସେ ମହିଳାମାନଙ୍କ ସହାୟତା ପାଇଁ ଏକାଥରେ ୩୦ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତ । ଏଥିସହ ତାଙ୍କ ମେଣ୍ଟ ସରକାର



ବିହାରରେ କ୍ଷମତା ଦଖଲ କଲେ ଚାଷୀଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ ବୋଲି ତେଜସ୍ୱୀ କହିଛନ୍ତି । ପୂର୍ବରୁ ମହାମେଣ୍ଟ ପକ୍ଷରୁ ଜାରି ହୋଇଥିବା ଇସ୍ତାହାରରେ ଏକାଧିକ ବଡ଼ବଡ଼ ପ୍ରତିଶ୍ରୁତି ଦିଆଯାଇଥିଲା । ମେଣ୍ଟ ସରକାର କ୍ଷମତାକୁ ଆସିଲେ ବିହାରର ପ୍ରତି ପରିବାରରୁ ଜଣଙ୍କୁ ସରକାରୀ ଚାକିରି ମିଳିବ ବୋଲି ଇସ୍ତାହାରରେ ଉଲ୍ଲେଖ କରାଯାଇଥିଲା । ଏବେ ତେଜସ୍ୱୀ ମହିଳା ଭୋଟରଙ୍କୁ ନିଜ ଆଡ଼କୁ ଆଣିବା ପାଇଁ ୩୦ ହଜାର ଟଙ୍କାର ଏକକାଳୀନ ସହାୟତା ପ୍ରତିଶ୍ରୁତି ଦେଇଛନ୍ତି ।

ଆଜି ତେଜସ୍ୱୀ କହିଛନ୍ତି, ଆମେ ବିହାରରେ ସରକାର ଗଠନ କରିବା ପରେ ମକର ସଂକ୍ରାନ୍ତି(ଜାନୁଆରୀ ୧୪) ଦିନ ମହିଳାମାନଙ୍କ ଆକାଉଣ୍ଟରେ ଗୋଟିଏ ବର୍ଷ ପାଇଁ ଏକାଥରେ ୩୦ ହଜାର ଟଙ୍କା ଜମା କରିବୁ । ମୈ ବହିନ ମନ ଯୋଜନା ସମ୍ପର୍କରେ ମହାଗଠବନ୍ଧନ ପକ୍ଷରୁ ଜାରି ଇସ୍ତାହାରରେ ଉଲ୍ଲେଖ କରାଯାଇଛି ।

## ଏସଆଇଆର ବିରୋଧରେ ମମତାଙ୍କ ରାଲି

କୋଲକାତା: ବିହାର ପରେ ବିଭିନ୍ନ ରାଜ୍ୟରେ ଭୋଟର ସଂଶୋଧନ ସର୍ଭେ ବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ(ଏସ୍‌ଆଇଆର) ଆରମ୍ଭ ହୋଇଛି । ଏସ୍‌ଆଇଆର ହେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗ ବି ରହିଛି । କିନ୍ତୁ ଏସ୍‌ଆଇଆର ବିରୋଧରେ କୋଲକାତାରେ ବିଶାଳ ରାଲି କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ।

ବେଙ୍ଗଲର କ୍ଷମତାସୀନ ଟିଏମସିର କହିବା କଥା ଯେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ବେଶ ଚତୁରତାର ସହ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟରଙ୍କ ସ୍ୱରକୁ ଚାପି ଦେବା ଓ ଅଦୃଶ୍ୟ ରିଗିଂ ପାଇଁ ଏପରି ସର୍ଭେ କରୁଛନ୍ତ । ଏଥିପାଇଁ ଆଜି ମମତା ଓ ତାଙ୍କ ପୁତୁରା ତଥା ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ନେତୃତ୍ୱରେ ହଜାର ହଜାର ଟିଏମସି ସମର୍ଥକ କୋଲକାତା ରାଜରାସ୍ତାରେ ପଦଯାତ୍ରା କରିଛନ୍ତି । ଏସଆଇଆର ବିରୋଧରେ ଟିଏମସିର ପଦଯାତ୍ରା ରେଡ ରୋଡରେ ଥିବା ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରୁ ଆରମ୍ଭ ହୋଇଥିଲା । ଏହା ୩.୮ କିମି ଦୂରରେ ଥିବା ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘର ଯାଏ ଚାଲିଥିଲା । ପଦଯାତ୍ରା ବେଳେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଟିଏମସି କର୍ମୀ ଓ ନେତାମାନେ ଦଳୀୟ ପତାକା ସହ ଏସଆଇଆର ବିରୋଧରେ ଲେଖାଥିବା ପ୍ଲାକାର୍ଡ



ଧରିଥିଲେ ।

ବିଶାଳ ପଦଯାତ୍ରର ସବୁଠାରୁ ଆଗରେ ରହିଥିଲେ ମମତା । ସେ ଆଗେଆଗେ ଚାଲୁଥିବା ବେଳେ ତାଙ୍କୁ ଅନ୍ୟମାନେ ଅନୁକରଣ କରି ଚାଲିଥିଲେ । ଏହି ସମୟରେ ବିଭିନ୍ନ କୋଠା ଓ ରାସ୍ତାରେ ଛିଡ଼ା ହୋଇଥିବା ଲୋକଙ୍କୁ ମଧ୍ୟ ମମତା ହାତ ହଲାଇଥିଲେ । ନିଜର ସମର୍ଥକଙ୍କୁ ସମ୍ବୋଧନ କରି ଅଭିଷେକ ବାନାର୍ଜୀ ବିଜେପି ଉପରେ କଡ଼ା ଆକ୍ରମଣ କରିଛନ୍ତି । ସେ କହିଛନ୍ତି, ବିଜେପି ଥରେ ସବୁ କିଛି ଭାବିବା ଦରକାର । ଯଦି ଆମେ ଦୁଇ ଦିନ ଭିତରେ ଏତେ ବଡ଼ ଶୋଭାଯାତ୍ରା ଆୟୋଜନ କରିପାରିଲୁ, ତା'ହେଲେ ଆମେ ଦିଲ୍ଲୀରେ ଯେତେବେଳେ ବିକ୍ଷୋଭ କରିବୁ ସେତେବେଳେ କେତେ ଭିଡ଼ ହେବ, ସେକଥା ଚିନ୍ତା କରୁ । ଆମେ ଦିଲ୍ଲୀର ଜମିଦାରଙ୍କ ଆଗରେ କେବେ ବି ମୁଣ୍ଡ ନୁଆଁଇବୁ ନାହିଁ ।

ସେ ଅଭିଯୋଗ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଥିବା ଭୟ ଅନେକ ଜୀବନ ନେଇ ସାରିଲାଣି । ଅଭିଷେକ କହିଛନ୍ତି, ଗତ ୭ ଦିନରେ ଏସ୍‌ଆଇଆର ଭୟରେ ଯେଉଁ ସବୁ ଲୋକ ପ୍ରାଣ ହରାଇଛନ୍ତି, ସେମାନଙ୍କ ପରିବାର ସଦସ୍ୟ ଆଜି ଆମ ସହ ରାଲିରେ ଉପସ୍ଥିତ ରହିଛନ୍ତି । ପ୍ରାଣ ହରାଇ ଥିବା ସମସ୍ତ ୭ ଜଣ ସେମାନଙ୍କ ଭୋଟ ଅଧିକାର ଛଡ଼ାଇ ନିଆଯିବା ବୋଲି ଆଶଙ୍କା କରୁଥିଲେ ।

ଅପର ପକ୍ଷରେ ବେଙ୍ଗଲ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏହାକୁ ଜମାତର ଶୋଭାଯାତ୍ରା ବୋଲି କହିଛନ୍ତି । ଏହା ଭାରତୀୟ ସମ୍ବିଧାନର ବିରୋଧାଚରଣ ବୋଲି ଶ୍ରୀ ଅଧିକାରୀ କହିଛନ୍ତି ।ସମାନ କଥା ଦୋହରାଇଛନ୍ତି ପଶ୍ଚିମବଙ୍ଗ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ । ସେ କହିଛନ୍ତି, ଯଦି ମମତାଜୀଙ୍କୁ କିଛି କହିବାର ଅଛି, ତା'ହେଲେ ସେ ସୁପ୍ରିମକୋର୍ଟ ଯାଆନ୍ତୁ । ପଶ୍ଚିମବଙ୍ଗରେ ଏବେ ସଂପୂର୍ଣ୍ଣ ଭାବେ ଅରାଜକତା ଚାଲିଛି ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ରାଜ୍ୟର ଭୌଗୋଳିକ ସ୍ଥିତିରେ ପରିବର୍ତ୍ତନ ହୋଇଛି ।

## ଅଚଳ ହେଲା ହ୍ୱାଟ୍ସଆପ୍, ସମସ୍ୟାରେ ୟୁଜର

ନୂଆଦିଲ୍ଲୀ : ମେସେଜିଂ ଆପ୍ ହ୍ୱାଟ୍ସଆପ୍ ବ୍ୟବହାର କରୁଥିବା ବିଶ୍ୱରେ କୋଟି କୋଟି ୟୁଜର ମଙ୍ଗଳବାର ସଂଧ୍ୟାରେ ଏହି ଆପ ବ୍ୟବହାର କରିବାବେଳେ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ୟୁଜରମାନେ ମୁଖ୍ୟତଃ ଡେସ୍କଟପରେ ଏହାକୁ ବ୍ୟବହାର




କରିବାବେଳେ ସମସ୍ୟାର ସମ୍ମୁଖୀନ ହେଉଥିଲେ । ତେବେ ମୋବାଇଲ ଆପରେ ଏହା ଚାଲୁଥିଲେ ବି ସାମାନ୍ୟ ଧୀମା ଥିଲା ।

ବିଭିନ୍ନ ୱେବସାଇଟର ଗତି ଉପରେ ନଜର ରଖିଥିବା ୱେବସାଇଟ ଡାଉନ ଡିଟେକ୍ଟର ରିପୋର୍ଟ ଅନୁସାରେ ମଙ୍ଗଳବାର ସଂଧ୍ୟା ୭ଟା ୪୮ ମିନିଟରୁ ହ୍ୱାଟ୍ସଆପର ଏହି ସମସ୍ୟା ଆରମ୍ଭ ହୋଇଥିଲା ଓ ତାହା ପ୍ରାୟ ୧ ଘଣ୍ଟା ଧରି ଅଚଳ ରହିଥିଲା । ଏହି ସମୟରେ ହ୍ୱାର୍ଟଆପ୍‌କୁ ଖୋଲିଲେ ତାହା ଆପ୍ ଡାଉନଲୋଡ କରିବାକୁ କହୁଥିଲା, କିନ୍ତୁ ଆପ ଡାଉନଲୋଡ ହେଉନଥିଲା । ଜଣେ ୟୁଜର ଲେଖିଛନ୍ତି ଯେ ହ୍ୱାଟ୍ସଆପର ଇଣ୍ଟରଫେସ ଲୋଡ ହେଉଥିଲେ ବି ଚାଟ ଓ ଷ୍ଟାଟସ ଲୋଡ୍ ହେଉନଥିଲା । ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି ଯେ ଆଇଫୋନରେ ଗତକାଲିଠାରୁ ହ୍ୱାଟ୍ସଆପ୍ ସମସ୍ୟା ଦେଖାଉଛି । ଏହି ସମସ୍ୟା କେବଳ ଭାରତରେ ନୁହେଁ ଆମେରିକା,ୟୁକେ, ବ୍ରାଜିଲ, ପେରୁ ଓ ୟୁରୋପର ଅଧିକାଂଶ ଦେଶରେ ଏହି ସମସ୍ୟା ଦେଖାଯାଉଥିଲା । ତେବେ ରାତି ୯ଟା (ଭାରତୀୟ ସମୟ) ପରେ ସ୍ଥିତି ସ୍ୱାଭାବିକ ହୋଇଥିବା ଡାଉନଡିଟେକ୍ଟର ଦର୍ଶାଉଛି ।

## ଅବସର ପରେ ପୁନଃ ନିଯୁକ୍ତି : ହାଇକୋର୍ଟ ରାୟକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଜଣେ ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ବର୍ଦ୍ଧିତ ସେବାକୁ ଅସ୍ୱୀକାର କରି ହାଇକୋର୍ଟର ଆଦେଶକୁ ଖାରଜ କରିଛନ୍ତି । କୋର୍ଟ କହିଛନ୍ତି ଯେ, ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ମାଧ୍ୟମରେ ଅବସର ପରେ ସେବା ବୃଦ୍ଧି ସାର୍ବଜନୀନ ନୀତି ବିପରୀତ । ସୁପ୍ରିମକୋର୍ଟ ସମ୍ପ୍ରତି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ଏକ ଆଦେଶକୁ ଖାରଜ କରିଦେଇଛନ୍ତ । ଯେଉଁଥିରେ ଜଣେ ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ୫୮ ବର୍ଷ ବୟସ ପରେ ମଧ୍ୟ ପଦବୀରେ ରହିବାକୁ ଅନୁମତି ଦିଆଯାଇଥିଲା । ଜଷ୍ଟିସ୍ ଆହସାନୁଦ୍ଦିନ୍ ଅମାନୁଲ୍ଲାହ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ହରିୟାଣା ରାଜ୍ୟ ସମବାୟ ଆପେକ୍ସ ବ୍ୟାଙ୍କ ଲିମିଟେଡର ନିର୍ଦ୍ଦେଶକ ହରପ୍ରୀତ ସିଂହଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନର ବିଚାର କରି ଏଭଳି ରାୟ ପ୍ରଦାନ କରିଛନ୍ତି । ଆବେଦନରେ ମେ' ୨୦୨୫ରେ ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା । ସୁପ୍ରିମକୋର୍ଟ ୧୪ ଅକ୍ଟୋବର ୨୦୨୫ରେ ଏହି ରାୟ ପ୍ରଦାନ କରିଥିଲେ । ହାଇକୋର୍ଟ



କର୍ଣ୍ଣାଲ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିମିଟେଡର କର୍ମଚାରୀ ଓମ ପ୍ରକାଶ ରାଣାଙ୍କୁ ୫୮ ବର୍ଷ ବୟସରୁ ଅଧିକ ଅବସର ବୟସ ପରେ ମଧ୍ୟ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଥିଲେ । ସମାନ ମାମଲାରେ (ହରଦେବ କୌର ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟାନ୍ୟ ରାଜ୍ୟ,୨୦୧୫) ଏହାର ପୂର୍ବ ନିର୍ଦ୍ଦେଶ ଆଧାରରେ ଶୀର୍ଷ କୋର୍ଟ ଏହି ରାୟ ଦେଇଛନ୍ତି ।ଯେଉଁଠାରେ କର୍ମଚାରୀମାନଙ୍କୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ସେବା କରିବାକୁ ଅନୁମତି ଦିଆଯାଇଥିଲା । ସର୍ବୋଚ୍ଚ ନ୍ୟାୟାଳୟ ଏହି ପଦ୍ଧତିରେ ତ୍ରୁଟି ପାଇଥିଲେ । ଶୀର୍ଷ କୋର୍ଟ କହିଥିଲେ, ଅଦାଲତମାନେ କର୍ମଚାରୀମାନଙ୍କୁ ସେମାନଙ୍କର ଅବସର ବୟସ ପରେ ଚାକିରିରେ ରହିବାକୁ ଅନୁମତି ଦେବା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିବାରୁ ନିବୃତ୍ତ ରହିବା ଉଚିତ ।

## ଆମର ଝିଅମାନେ ସମଗ୍ର ଦେଶକୁ ଗର୍ବିତ କରିଛନ୍ତି: ନୀତା ଅମ୍ବାନୀ

ମୁମ୍ବାଇ: ଭାରତୀୟ ମହିଳା କ୍ରିକେଟ୍ ଦଳ ନଭି ମୁମ୍ବାଇରେ ପ୍ରଥମ ଥର ପାଇଁ ବିଶ୍ୱକପ୍ ଜିତି ଇତିହାସ ରଚିବା ସମୟରେ ସେମାନଙ୍କୁ ଉତ୍ସାହିତ କରୁଥିବା ନୀତା ଏମ୍ ଅମ୍ବାନୀ ଦେଶ ପାଇଁ ଏତେ ଆନନ୍ଦ ଓ ଗୌରବ ଆଣିଥିବାରୁ ଦଳକୁ ଅଭିନନ୍ଦନ ଏବଂ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀମତୀ ଅମ୍ବାନୀ କହିଛନ୍ତି, ମଧ୍ୟରାତ୍ରିର ମୁହୂର୍ତ୍ତରେ, ଆମର ଝିଅମାନେ ପ୍ରଥମ ଥର ପାଇଁ ଆଇସିସି ବିଶ୍ୱ ଚାମ୍ପିଅନସିପ୍ ଜିତିଛନ୍ତି । ମୁଁ ଭାବୁଛି ଆପଣ ସମସ୍ତେ ସାହସ, ଦୃଢ଼ ବିଶ୍ୱାସ ଏବଂ ଆତ୍ମବିଶ୍ୱାସର ସହିତ ଖେଳି ସମଗ୍ର ଦେଶକୁ ଗର୍ବିତ କରିଛନ୍ତି । ଆମେ ସମସ୍ତେ ଆପଣମାନଙ୍କ ପାଇଁ ଗର୍ବିତ ଏବଂ ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ, ଧନ୍ୟବାଦ, ଧନ୍ୟବାଦ ଏବଂ ଜୟ ହିନ୍ଦ କହିବାକୁ ଚାହୁଁଛି ।ନଭି ମୁମ୍ବାଇରେ ରବିବାର ଦିନ ଭାରତ ପ୍ରଥମ ଥର ପାଇଁ ମହିଳା ଏକଦିବସୀୟ ବିଶ୍ୱକପ୍



ବିଜୟୀ ହୋଇ ଇତିହାସ ରଚିବା ସମୟରେନୀତା ଏମ୍ ଅମ୍ବାନୀ ଏବଂ ଆକାଶ ଅମ୍ବାନୀ ଡିୱାଇ ପାଟିଲ ଷ୍ଟାଡିୟମରେ ଉପସ୍ଥିତ ଥିଲେ ଏବଂ ଟିମ୍ ଇଣ୍ଡିଆ ପାଇଁ ହୃଦୟର ସହିତ ଉତ୍ସାହ ବଢାଇଥିଲେ ।

## ଆଇ ଆଣ୍ଡ ବି ର ସ୍ୱତନ୍ତ୍ର ଅଭିଯାନ ୫.୦ ସମାପନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ଅନୁପ୍ରାଣିତ ହୋଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସ୍ୱଚ୍ଛତା ଏବଂ ବିଳମ୍ବିତ ମାମଲା ସମାଧାନ ଲାଗି ସ୍ୱତନ୍ତ୍ର ଅଭିଯାନ ୫.୦ ସମାପନ ହୋଇଯାଇଛି । ୨ ଅକ୍ଟୋବର ଠାରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ସ୍ୱଚ୍ଛତାର ଆନୁଷ୍ଠାନିକରଣ ଏବଂ କାର୍ଯ୍ୟାଳୟ ପରିସରଗୁଡ଼ିକର ସୌନ୍ଦର୍ଯ୍ୟକରଣ କରିବା ସହିତ ନିଷ୍ପତ୍ତି ପ୍ରକ୍ରିୟାକୁ ଅଧିକ ଦକ୍ଷ କରିବା ।

ଏହି ଅଭିଯାନରେ ୧୨୭୨ଟି ବାହ୍ୟ ଅଭିଯାନ କରାଯିବା ସହିତ ୨୦୭୩ଟି ସ୍ଥାନ ସଫା କରାଯାଇଥିଲା । ୪୦,୩୮୧ କିଲୋଗ୍ରାମ ଇ-ବର୍ଜ୍ୟବସ୍ତୁ ସମେତ ୨,୬୨,୩୯୧ ଅଦରକାରୀ ସାମଗ୍ରୀ ବିକ୍ରୟ କରାଯାଇ ୧.୩୭ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିଲା । ମୋଟ୍ ୭୭,୩୪୮ ବର୍ଗଫୁଟ୍ ସ୍ଥାନ ଖାଲି କରାଯାଇଥିଲାଛ ମୋଟ୍ ୧୭୪ ବାହନକୁ ବିକ୍ରି କରାଯାଇଥିଲା । ରେକର୍ଡ ପରିଚାଳନା ଅଧୀନରେ, ୩୫,୨୮୧ଟି ଭୌତିକ ଫାଇଲ୍ ସମୀକ୍ଷା କରାଯାଇଥିଲା ଯାହା ମଧ୍ୟରୁ ୧୧,୩୮୯ଟି ଫାଇଲର ସମାଧାନ କରାଯାଇଥିଲା । ସେହିପରି, ୧,୪୮୬ଟି ଇ-ଫାଇଲ୍ ସମୀକ୍ଷା କରାଯାଇଥିଲା, ଯାହା ମଧ୍ୟରୁ ୨୮୯ଟି ବନ୍ଦ କରାଯାଇଥିଲା । ଅଭିଯାନ ସମୟରେ ମୋଟ ୪୮୯ଟି ସାଧାରଣ ଅଭିଯୋଗ, ୧୨୧ଟି ପିଜି ଅପିଲ୍, ୧୯ଟି ସାଂସଦ ସନ୍ଦର୍ଭ, ୨ଟି ରାଜ୍ୟ ସରକାରୀ ସନ୍ଦର୍ଭ ଏବଂ ୨ଟି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ସନ୍ଦର୍ଭ ସମାଧାନ କରାଯାଇଥିଲା ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ, ସଚିବ ସଞ୍ଜୟ ଜାଜୁ, ବରିଷ୍ଠ ଆର୍ଥିକ ପରାମର୍ଶଦାତା ତଥା ନୋଡାଲ ଅଧିକାରୀ ଆର.କେ ଜେନା ପ୍ରମୁଖ ସମ୍ପୂର୍ଣ୍ଣ ଅଭିଯାନକୁ ସମୀକ୍ଷା କରିଥିଲେ ଏବଂ ଏଥିରେ ସୁଧାର ନିମନ୍ତେ ମାର୍ଗଦର୍ଶନ କରିଥିଲେ । ଅଭିଯାନରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରସାର ଭାରତୀ ଅଧୀନରେ ଦେଶବ୍ୟାପୀ ରହିଥିବା କାର୍ଯ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ଏବଂ ବିଳମ୍ବିତ ମାମଲା ସମାଧାନ ସହିତ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା । ସଚେତନତା ବୃଦ୍ଧି ପାଇଁ ଅଭିଯାନ ସମୟରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ପୁରୀ ବସ୍ ଷ୍ଟାଣ୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଛାତ୍ରୀଙ୍କୁ ଗଣଦୁଷ୍କର୍ମ:୩ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

କୋଏମ୍ବାଟୁର: ତାମିଲନାଡୁର କୋଏମ୍ବାଟୁର ସ୍ଥିତ ଏୟାରପୋର୍ଟ ପଛ ପାଖରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣାରେ ପୁଲିସ୍ ୩ ଜଣଙ୍କୁ ଗିରଫ କରିଛି । ଏହି ଅଭିଯୁକ୍ତମାନେ ପୁଲିସ୍ ଉପରେ ଆକ୍ରମଣ କରି ଖସି ଯିବାକୁ ପୂରା ଚେଷ୍ଟା କରିଥିଲେ । କିନ୍ତୁ ପୁଲିସ୍ ସେମାନଙ୍କ ଉପରକୁ ଗୁଳି ମାଡ଼ କରି ଶେଷରେ ଗିରଫ କରିବାରେ ସକ୍ଷମ ହୋଇଛି ।ଗଣଦୁଷ୍କର୍ମ ଘଟଣାର ୩ ଅଭିଯୁକ୍ତ ଥାବାସି, କାରୁପ୍ପାସାମୀ ଓ କାଳୀସ୍ୱର୍ଣ୍ଣଙ୍କୁ ସୋମବାର ସ୍ୱତନ୍ତ୍ର ପୁଲିସ୍ ଟିମ ଗୋଟିଏ ମନ୍ଦିର ନିକଟରେ ଘେରାବନ୍ଦୀ କରିଥିଲା । ସେମାନଙ୍କୁ ଧରିବାକୁ ଚେଷ୍ଟା କରାଯିବା ବେଳେ ଗୋଟିଏ ଦା'ରେ ସେମାନେ ପୁଲିସକୁ ଆକ୍ରମଣ କରିଥିଲେ । ଏଥିରେ ହେଡ୍ କନଷ୍ଟେବଲ ଚନ୍ଦ୍ରଶେଖର ଆହତ ହୋଇଛନ୍ତି । ତାଙ୍କ ବାମ ହାତର ରିଷ୍ଟ ଓ ବାହୁରେ କଟା ଦାଗ ରହିଛି । ସେମାନେ ପୁଲିସକୁ ଆକ୍ରମଣ କରି ଖସି ଯିବାକୁ ଚେଷ୍ଟା କରୁଥିଲେ । ଏହି ସମୟରେ ପୁଲିସ୍ ୩ ଅଭିଯୁକ୍ତଙ୍କ ଗୋଡ଼ରୁ ଟାର୍ଗେଟ କରି ଗୁଳି ଚଳାଇଥିଲା । ଗୁଳି ସେମାନଙ୍କ ଗୋଡ଼ରେ ମାଡ଼ ହେବାରୁ ସେମାନେ ଖସିବାକୁ ସକ୍ଷମ ହୋଇ ପାରି ନଥିଲେ । ପୁଲିସ୍ ସେମାନଙ୍କୁ ସେଠାରୁ ଗିରଫ କରି କୋଏମ୍ବାଟୁର ଜିଲ୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲା ।

ଏୟାରପୋର୍ଟ ନିକଟରେ ଛାତ୍ରୀ ଜଣଙ୍କ ତାଙ୍କ ବନ୍ଧୁଙ୍କ ସହ କାରରେ ଥିବା ବେଳେ ରାତି ପ୍ରାୟ ୧୦.୪୫ରୁ ୧୧ଟା ମଧ୍ୟରେ ୩ ଅଭିଯୁକ୍ତ ସେମାନଙ୍କ ପାଖରେ ପହଞ୍ଚିଥିଲେ । ଗୋଟିଏ ପଥରରେ ସେମାନେ କାରର କାଚ ଭାଙ୍ଗି ଦେଇଥିଲେ । ସେମାନେ ଛାତ୍ରୀଙ୍କ ବନ୍ଧୁଙ୍କୁ ଆକ୍ରମଣ କରିଥିଲେ । ଏହାପରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିଥିଲେ । ଘଟଣା ପରେ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ଟିମ ପ୍ରାୟ ୩୦୦ଟି ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା ବୋଲି ସୁନ୍ଦର କହିଛନ୍ତି ।

## ସୁପ୍ରିମକୋର୍ଟ ପରେ ସିଆଇଟିଇଏସ ପକ୍ଷରୁ ବନତାରାକୁ କ୍ଲିନ୍ ଚିଟ୍

ନୂଆଦିଲ୍ଲୀ, : ବିଶ୍ୱବ୍ୟାପୀ ବିଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀ ଏବଂ ପକ୍ଷୀଙ୍କ ଅବୈଧ ବ୍ୟାପାର ଉପରେ ନଜର ରଖୁଥିବା ସଂଗଠନ ଆନ୍ତର୍ଜାତୀୟ ବନ୍ୟପ୍ରାଣୀ ବ୍ୟାପାର ସନ୍ଧି (ସିଆଇଟିଇଏସ) ଗୁଜୁରାଟର ଜାମନଗରରେ ଥିବା ବନତାରା ପରିଯୋଜନା ଏବଂ ଏହାର ସହଯୋଗୀ ପ୍ରତିଷ୍ଠାନ, ଗ୍ରୀନ ଜୁଲୋଜିକାଲ ରେସକ୍ୟୁ ଏଣ୍ଡ ରିକଭରୀ ସେଣ୍ଟର (ଜିଜେଡ଼ଆରଆରସି) ଏବଂ ରାଧାକୃଷ୍ଣ ଟେମ୍ପଲ ଏଲିଫାଣ୍ଟ ୱେଲଫେୟାର ଟ୍ରଷ୍ଟ (ଆରକେଟିଇଡବ୍ଲୁଟି) ର ଉତ୍କୃଷ୍ଟ କାର୍ଯ୍ୟପ୍ରଣାଳୀ ଏବଂ କାର୍ଯ୍ୟଗୁଡ଼ିକର




ଖୋଲାଖୋଲି ପ୍ରଶଂସା କରିଛି । ଏହା ପୂର୍ବରୁ, ସୁପ୍ରିମକୋର୍ଟ ପକ୍ଷରୁ ମଧ୍ୟ ବନତାରାକୁ କ୍ଲିନ୍ ଚିଟ୍ ଦିଆଯାଇଥିଲା ।ଏହାର ଯାଞ୍ଚ ରିପୋର୍ଟରେ, ସିଆଇଟିଇଏସ କହିଛି ଯେ ଉଭୟ ପ୍ରତିଷ୍ଠାନ ବହୁତ ଉଚ୍ଚ ମାନଦଣ୍ଡ ଆଧାରରେ ସଞ୍ଚାଳିତ ହେଉଛି । ଏଠାରେ ପଶୁମାନଙ୍କ ପାଇଁ ଆଧୁନିକ ପ୍ରାଣୀ ଘେରା, ଚିକିତ୍ସା ସେବା, ଯତ୍ନ ଏବଂ ଉନ୍ନତ ସୁବିଧାସମୂହ ଉପଲବ୍ଧ ରହିଛି । ରିପୋର୍ଟ ଅନୁଯାୟୀ, ଏହି ପ୍ରତିଷ୍ଠାନଗୁଡ଼ିକ ପଶୁଚିକିତ୍ସା କ୍ଷେତ୍ରରେ ଅନେକ ମହତ୍ତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି । ଆହୁରି ଆଗକୁ ଯାଇ, ରିପୋର୍ଟରେ ସୁପାରିଶ କରାଯାଇଛି ଯେ ଏହି ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ପଶୁଚିକିତ୍ସା ଅଭିଜ୍ଞତାକୁ ବୈଜ୍ଞାନିକ ସମୁଦାୟ ସହିତ ଉପଲବ୍ଧ କରାଇବା ଉଚିତ ।ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବନ୍ୟପ୍ରାଣୀ ସୁରକ୍ଷା ଏବଂ ନିୟାମକ ବ୍ୟବସ୍ଥା ଅନ୍ତର୍ଜାତୀୟ ମାନଦଣ୍ଡଗୁଡ଼ିକୁ ପୂରଣ କରିଛି, ଏବଂ ବନତାରା ପଶୁ ସଂରକ୍ଷଣ କ୍ଷେତ୍ରରେ ଏକ ନୂତନ ଉଦାହରଣ ସୃଷ୍ଟି କରୁଛି । ସିଆଇଟିଇଏସ ପକ୍ଷରୁ କୁହାଯାଇଛି ଯେ ଭାରତ ସରକାର ଏହା ସୁନିଶ୍ଚିତ କରିଛନ୍ତି ଯେ ଜିଜେଡ଼ଆରଆରସି ଏବଂ ଆରକେଟିଇଡବ୍ଲୁଟି ଦ୍ୱାରା କରାଯାଇଥିବା ସମସ୍ତ ପଶୁ ଆମଦାନୀ ପ୍ରକ୍ରିୟା ଭାରତୀୟ ଆଇନ ଅନୁଯାୟୀ ସମ୍ପୂର୍ଣ୍ଣ ବୈଧ ଏବଂ ସ୍ୱଚ୍ଛ ରହିଛି ।

## ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ

# ମୁଖ୍ୟ ବର୍ଗରେ ଦିବେଶ, ଉମିଦ କୁମାର ଅଗ୍ରଣୀ

ଭୁବନେଶ୍ୱର, ୪।୧୧(ସବ୍ୟୁ) : ଭୁବନେଶ୍ୱର ଗଲ୍ଫ କୋର୍ସଠାରେ ଦିଲ୍ଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ବର୍ଗ ଆରମ୍ଭ ହୋଇଛି। ଏହା ଚଳିତ ବର୍ଷର ଅଷ୍ଟମ ଏବଂ ଶେଷ ପିଜିଟିଆଇ ଇଭେଣ୍ଟ। ଏହି ପ୍ରତିଯୋଗିତା ମାଧ୍ୟରେ ପିଜିଟିଆଇ ପେସାଦାର ଗଲ୍ଫ ଓଡିଶାରେ ପଦାର୍ପଣ କରିଛି। ମୁଖ୍ୟ ବର୍ଗର ପ୍ରଥମ ଦିନ ହରିୟାଣାର ଦିବେଶ ରାଣା ଓ ଉମିଦ କୁମାର ଫ୍ରଣ୍ଟ ରନର୍ସ ହୋଇଛନ୍ତି। ଉଭୟ ୫ ଅଣ୍ଡର ପର ୬୭ ସ୍କୋର ସହ ଯୁଗ୍ମ ଆଗୁଆ ରହିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ହକି ତାରକା ତଥା ତାଙ୍କ ନାମ ଅନୁସାରେ ହୋଇଥିବା ଆମନ୍ତ୍ରଣୀୟ ଗଲ୍ଫ ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ଦିଲ୍ଲୀପ ତିର୍କୀ ଭଲ ପ୍ରଦର୍ଶନ ଦେଖାଇଛନ୍ତି। ପ୍ରଥମ ଦିନ ମୋଟ ୫୮ ଜଣ ପେସାଦାର ଗଲ୍ଫ ତାରକା ନିଜ ପ୍ରଦର୍ଶନ ଦେଖାଇଛନ୍ତି। ସୌରଭ ରଥୀ ୩ ଅଣ୍ଡର ପର ୬୯ ସହ ତୃତୀୟ ଏବଂ ବିପିନ ମୁଖିଆ ୩ ଅଣ୍ଡର ପର ୬୯ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। କୁଶଳ ସିଂ, ପଙ୍କଜ ମନ୍ଧିଆ, କୁନାଲ ଚେଲାନି, ସଞ୍ଜିବ କୁମାର, ଲକ୍ଷ୍ୟ ନାଗର, ଏମ୍‌ଡି ସୋଲେମାନ୍, ୱାଶିମ୍ ଖାନ୍, ପୁରୁଷ ହିରଜି, ରାଜେଶ କୁମାର ଗୌତମ, ଇମ୍ରାନ୍ ଅଲି ମୋଲା, ଅଜୟ ବୈଶ୍ୟ,ଏମ୍‌ଡି ମୁଆଜ୍, ହେମନ୍ତ ଯାଦବ, କରନ ବାସୁଦେବ, ପ୍ରକାଶ ଲୋହାର ଓ ବିଶାଲ ସିଂ ପ୍ରମୁଖ ଶ୍ରେଷ୍ଠ ୨୦ ମଧ୍ୟରେ ରହିଛନ୍ତି। ସ୍ଥାନୀୟ ପ୍ରଫେସନାଲ ଗଲ୍ଫ ଖେଳାଳି ମଧ୍ୟରେ ପ୍ରଦୀପ ଭଗତ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୭୭ ପଏଣ୍ଟ ସହ ୫୮ ଜଣଙ୍କ ମଧ୍ୟରେ ୩୭ତମ ସ୍ଥାନରେ ରହିଛନ୍ତି।

ପିଜିଟିଆଇ ଏବେ ସୁଦ୍ଧା ୧୭ ରାଜ୍ୟ ଓ ୨ ଟି କେନ୍ଦ୍ରଶାସିତ ଅଞ୍ଚଳର ସହ ନୂଆଦିଲ୍ଲୀରେ ଆୟୋଜିତ ହୋଇସାରିଛି। ୧୮ତମ ରାଜ୍ୟ ଭାବେ ଓଡିଶାରେ ପିଜିଟିଆଇ ଆୟୋଜନ ହୋଇଥିବାରୁ ଭୁବନେଶ୍ୱର ଗଲ୍ଫ କୋର୍ସ ଭାରତର ମିନି ଗଲ୍ଫ ସେଣ୍ଟର ପାଲଟିଛି। ପ୍ରେଫେସନାଲ ଗଲ୍ଫ ଟୁର ଅଫ୍ ଇଣ୍ଡିଆ (ପିଜିଟିଆଇ)ର ପୂର୍ଣ୍ଣ ସହାୟତାରେ ଭୁବନେଶ୍ୱର ଗଲ୍ଫ କ୍ଲବ ପକ୍ଷରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଭଳି ଏକ ପ୍ରତିଯୋଗିତା ଭୁବନେଶ୍ୱରରେ ଆୟୋଜନ ହେବା ରାଜ୍ୟ କ୍ରୀଡାରେ ଆଉ ଏକ ସଫଳତମ ଫର୍ଦ୍ଦ ଯୋଡି ହୋଇଛି। ଇନଫୋସିଟି ପରିସରରେ ଥିବା ଭୁବନେଶ୍ୱର ଗଲ୍ଫ କ୍ଲବ ରାଜ୍ୟର ପ୍ରିମିୟର ଗଲ୍ଫ କ୍ଲବ ଭାବେ ପରିଚିତ। ଏହି ନାଇନ୍ ହୋଲ୍ କୋର୍ସ ରହିଛି। ଭବିଷ୍ୟତରେ ଏଠାରେ ଏକ ପୂର୍ଣ୍ଣକାଳୀନ ୧୮ ହୋଲ୍ ଗଲ୍ଫ କୋର୍ସ କରିବା ପାଇଁ ଲକ୍ଷ୍ୟ ରହିଛି। ଏହାର ଉନ୍ନୟନ କାର୍ଯ୍ୟ ମଧ୍ୟ ତ୍ୱରିତ ହେଉଛି।



### ପ୍ରୋ ଦ ପ୍ରୋ ଆମ୍ ପ୍ରତିଯୋଗିତାର ଷ୍ଟ୍ରେଟେଷ୍ଟ ଡ୍ରାଇଭରେ ରଜନୀଶ ପ୍ରଥମ



ଗତ ଶନିବାର ପେସାଦାର ଓ ସୌଖୀନ ଖେଳାଳିଙ୍କୁ ନେଇ ଆୟୋଜିତ ପ୍ରୋ ଦ ପ୍ରୋ ଆମ୍ ପ୍ରତିଯୋଗିତାର ଷ୍ଟ୍ରେଟେଷ୍ଟ ଡ୍ରାଇଭରେ ରଜନୀଶ ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦଳଗତ ବର୍ଗରେ ରଜନୀଶ ଦାଶ, ବ୍ରିଗେଡିୟର ଏ.ସି ବେହେରା, ଶୁଭ୍ରା ମିଶ୍ର ଓ ପବନ ଶର୍ମା ବିଜେତା ହୋଇଥିଲେ, ଜୟନ୍ତ ବିଶ୍ୱାସ, ରିଶି ମହାନ୍ତି, ଭି ଏସ୍ ଏସ୍ ଦମନ, ଲକ୍ଷ୍ୟ ତ୍ରୈଲୋକ୍ୟ ଉପବିଜେତା ଆଖ୍ୟା ଅର୍ଜନ କରିଥିଲେ। କ୍ଲୋଜ୍ ଟୁ ପିନରେ ଅନିଲ ଚଢା, ଲଙ୍ଗେଷ୍ଟ ଡ୍ରାଇଭରେ କ୍ୟାପ୍‌ଟେନ୍ ସୁବାସ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ କହିଛନ୍ତି ଏଭଳି ଏକ ପ୍ରତିଯୋଗିତା ଆୟୋଜନ କରି ମୁଁ ଅତ୍ୟନ୍ତ ଉଲ୍ଲସିତ ଅନୁଭବ କରୁଛି।

ଏହି ପ୍ରତିଯୋଗିତାରେ ମୋଟ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିବା ବେଳେ ବିଜେତାଙ୍କୁ ୨ ଲକ୍ଷ ୫୪ ହଜାର ଟଙ୍କା ମିଳିବ। ୭୨ ଖେଳାଳିଙ୍କୁ ନେଇ ମୋଟ ୩ ରାଉଣ୍ଡ ଖେଳାଯିବାର ରହିଛି। ତେବେ ପ୍ରଥମ ଦିନ ୫୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨ ରାଉଣ୍ଡ ପରେ ସଂକ୍ଷିପ୍ତ ତାଲିକା ଅନୁଯାୟୀ ୩୬ ଜଣ ଖେଳାଳି ତୃତୀୟ ଏବଂ ଅନ୍ତିମ ରାଉଣ୍ଡକୁ ଉନ୍ନୀତ ହେବେ।

ରାଜ୍ୟର ପ୍ରମୁଖ ପେସାଦାର ଗଲ୍ଫ ଖେଳାଳିଙ୍କ ମଧ୍ୟରେ ଅଙ୍କିତ ପାଢୀ ଓ ସତ୍ୟରଞ୍ଜନ ପଟ୍ଟନାୟକ ଏବଂ ସୌଖିନ ଖେଳାଳିଙ୍କ ମଧ୍ୟରେ ପ୍ରଦୀପ ଭଗତ ରହିଛନ୍ତି। ସଂପ୍ରତି ଲକ୍ଷ୍ନୌର ସଞ୍ଜିବ କୁମାର ପିଟିଆଇର ଅର୍ଡର ଅଫ ମେରିଟ୍‌ର ପ୍ରଥମ ସ୍ଥାନରେ ରହି ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଛନ୍ତି।

## ରଣଜୀ ଟ୍ରଫି

### ଓଡିଶାର ଇନିଂସ ପରାଜୟ, ଆନ୍ଧ୍ରକୁ ୭ ପଏଣ୍ଟ

ଭୁବନେଶ୍ୱର, ୪।୧୧(ସବ୍ୟୁ) : ରଣଜୀ ଟ୍ରଫିର ଏଲିଟ୍ ଗ୍ରୁପ ଏ ର ତୃତୀୟ ପର୍ଯ୍ୟାୟ ମ୍ୟାଚରେ ଘରୋଇ ଓଡିଶା ଦଳ ବାରବାଟୀ ଷ୍ଟାଡିୟମରେ ଇନିଂସ ପରାଜୟର ସମ୍ମୁଖୀନ ହୋଇଛି। ଆନ୍ଧ୍ର ବିପକ୍ଷ ଏହି ମ୍ୟାଚରେ ଓଡିଶା ୧ ଇନିଂସ ଓ ୫୦ ରନ୍ ବ୍ୟବଧାନରେ ହାରିଛି। ଆନ୍ଧ୍ର ପ୍ରଥମ ପାଳିରେ ୪୭୫/୭ ରନ୍ କରି ଘୋଷଣା କରିଥିଲା। ଓଡିଶା ପ୍ରଥମ ପାଳିରେ ୧୫୧ ରନ୍ କରି ଫଲୋଅନ୍ ଖାଇଥିଲା। ପୁଣି ଦ୍ୱିତୀୟ ପାଳିରେ ମଧ୍ୟରେ ୨୭୪ ରନ୍ କରି ଅଲଆଉଟ୍ ହୋଇଥିଲା। ଅର୍ଥାତ୍ ଆନ୍ଧ୍ରର ଗୋଟିଏ ପାଳିକୁ ପିଛା କରି ଓଡିଶା ଦୁଇଥର ଅଲଆଉଟ୍ ହେବାରୁ ଆନ୍ଧ୍ର ବୋନସ୍ ପଏଣ୍ଟ ସହ ୭ ପଏଣ୍ଟ ଲାଭ କରିଛି। ୬୯ ରନ୍ ସାଙ୍ଗକୁ ଉଭୟ ପାଳିରେ ୬ ୱିକେଟ୍ ଅକ୍ତିଆର କରିଥିବା ସୌରଭ କୁମାରଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ତୃତୀୟ ଦିନର ଅସମାପ୍ତ ଇନିଂସ ୧୯୦/୨ ରୁ ଚତୁର୍ଥ ଦିନ ଖେଳ ଆରମ୍ଭ କରିଥିଲା ଓଡିଶା। ଆଜି ମୋଟ ୪୬.୨ ଓଭରରେ ଖେଳ ସମ୍ଭବ ହୋଇଥିଲା। ଦଳୀୟ ସ୍କୋରରେ ଓଡିଶା ଆଉ ୮୪ ରନ୍ ଯୋଡିବାକୁ ସକ୍ଷମ ହୋଇଥିବା ବେଳେ ଅବଶିଷ୍ଟ ୮ ୱିକେଟ୍ ହରାଇଥିଲା। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ୭୯ ରନ୍ କରି ଅପରାଜିତ ଥିବା ଗୌରଭ ଚୌଧୁରୀ ଚତୁର୍ଥ ଦିନ ପ୍ରଥମ ଅଧିବେଶନ ଆରମ୍ଭରୁ ମାତ୍ର ୧ ରନ୍ ବ୍ୟକ୍ତିଗତ ସ୍କୋରରେ ଯୋଡି ପାଭିଲିୟନ ଫେରିଯାଇଥିଲେ। ସେ ୧୭୦ ବଲରୁ ୮୦ ରନ୍ କରିଥିଲେ। ନାଇଟ୍ ୱାଚ୍ ମ୍ୟାନ୍ ବ୍ୟାଟର ଭାବେ ପଡିଆକୁ ଆସିଥିବା ଗୋବିନ୍ଦ ପୋଦାର ମାତ୍ର ୧୩ ରନ୍ କରିଥିଲେ। ଏହା ପରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୬, ରାଜେଶ ଧୁପର ୩୮ ଓ ସମ୍ବିତ ବରାଳ ୯ ରନ୍ କରି ଆଉଟ୍ ହେବା ପରେ ଅନ୍ୟମାନେ ସନ୍ତୋଷ ଜନକ ପ୍ରଦର୍ଶନ ଦେଖାଇପାରିନଥିଲେ। ତେଣୁ ଓଡିଶା ଦଳ ୧୦୪.୨ ଓଭରରେ ୨୭୪ ରନ୍ କରି ଅଲଆଉଟ୍ ହେବା ସହ ଆନ୍ଧ୍ର - ଓଡିଶା ମ୍ୟାଚରେ ପୂର୍ଣ୍ଣଛେଦ ପଡିଥିଲା। ଚଳିତ ସିଜନରେ ଘରୋଇ ବାରବାଟୀରେ ଏହା ଓଡିଶା ଦଳର ଦ୍ୱିତୀୟ ପରାଜୟ। ଆନ୍ଧ୍ରର ତ୍ରିପୁରନ୍ ବିଜୟ ଓ ସୌରଭ କୁମାର ୩ ଟି ଲେଖାଏଁ, କାଭୁରୀ ସାଇତେଜା ଓ କେଭି ଶସିକାନ୍ତ ତଥା ପୃଥ୍ୱିବୀ ରାଜ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ଏହି ବିଜୟ ସହ ଆନ୍ଧ୍ର ୩ ମ୍ୟାଚରୁ ୯ ପଏଣ୍ଟ ଲାଭ କରି ଟେବୁଲର ତୃତୀୟ ସ୍ଥାନରେ ରହିଛି। ଓଡିଶା ଦଳ ୩ ମ୍ୟାଚରୁ ଗୋଟିଏ ପଏଣ୍ଟ ସହ ସପ୍ତମ ସ୍ଥାନକୁ ଖସିଛି।



## ୨୦୨୮ ଅଲିମ୍ପିକ୍ସ

### ଭାରୋତ୍ତୋଳନରୁ ହଟିଲା ୪୯ କିଗ୍ରା ବର୍ଗ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି) : ଭାରତୀୟ ଅଲିମ୍ପିକ୍ସ ପଦକ ବିଜେତା ୱେଟ୍ ଲିଫଟର ମୀରାବାଇ ଚାନୁ ନିରାଶ ହୋଇଛନ୍ତି। ଲସଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସ କ୍ରୀଡାର ୱେଟ ଲିଫଟିଂ ୪୯ କିଲୋ ବର୍ଗକୁ ହଟାଇ ଦିଆଯାଇଛି। ମଙ୍ଗଳବାର ଆୟୋଜନ କମିଟି ପକ୍ଷରୁ ବର୍ଗୀକରଣ ତାଲିକା ଜାରି କରାଯାଇଛି। ମୀରାବାଇ ଏହି ବର୍ଗରେ ଭାଗ ନେଇଥାନ୍ତେ। ଏବେ ତାଙ୍କୁ ଓଜନ ବର୍ଗରେ ପରିବର୍ତ୍ତନ କରିବାକୁ ପଡିବ। ଯାହା ସହଜ କଥା ନୁହେଁ। ଟୋକିଓ ଅଲିମ୍ପିକ୍ସରେ ମୀରାବାଇ ୪୯ କିଲୋଗ୍ରାମ୍ ଓଜନ ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ଏଥର ମଧ୍ୟ ସେ ପଦକ ହାସଲ ଆଶାରେ ଅଛନ୍ତି। ଏହା ତାଙ୍କ କ୍ୟାରିୟରର ଚତୁର୍ଥ ଅଲିମ୍ପିକ୍ସ ହେବାକୁ ଯାଉଛି। ୨୦୧୬ରେ ସେ ଭଲ ପ୍ରଦର୍ଶନ କରିନଥିଲେ। ଏହା ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ଟୋକିଓ ଗେମ୍ସରେ ଭାରତ ପାଇଁ ପଦକ ଜିତିଥିଲେ।

### ସର୍ବଭାରତୀୟ ଦିବାରାତ୍ର ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଛତିଆ/ଚଣ୍ଡିଖୋଲ,୪/୧୧(ସବ୍ୟୁ) : ଯାଜପୁର ଜିଲ୍ଲାର ଛତିଆ ଠାରେ ଦ୍ୱିତୀୟ ସର୍ବଭାରତୀୟ ଦିବା ରାତ୍ର ହ୍ୟାଣ୍ଡବଲ ଟୁର୍ଣ୍ଣାମଣ୍ଟ ଉଦଘାଟିତ ହୋଇଛି। ଏହି ପ୍ରତିଯୋଗିତା ତିନିଦିନ ଧରି ଛତିଆ ସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହେବ। ଯାଜପୁର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ତେବେ ଓଡିଶାରେ ପ୍ରଥମ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଫ୍ଲଡ ଲାଇଟିରେ ଖେଳାଯିବ ବୋଲି ଜଣାପଡିଛି। ଏହି ଟୁର୍ଣ୍ଣାମେଣ୍ଟରେ ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ ସାଇ ଓ ଝାଡଖଣ୍ଡ ରାଜ୍ୟ ସହିତ ଓଡିଶା ପୋଲିସ୍, କେନ୍ଦୁଝର ,ଗଞ୍ଜାମ, କଟକ ଓ ଯାଜପୁର ଜିଲ୍ଲା ହ୍ୟାଣ୍ଡବଲ ଟିମ ଭାଗ ନେଇଛନ୍ତି। ସମାଜସେବୀ ଅଶୋକ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆଦିତ୍ୟ ଏଜୁକେସନାଲ ଟ୍ରଷ୍ଟର ମୁଖ୍ୟ ପ୍ରଶାନ୍ତ ଆଦିତ୍ୟ ଯୋଗ ଦେଇଥିଲା। ସମ୍ମାନିତ ଅତିଥି ଭାବେ ଟେଟ୍ରା ହେଡେନ୍ କଲେଜର ଅଧ୍ୟକ୍ଷ ତ୍ରିଦେବ ବେହେରା, ପ୍ରଦୀପ୍ତ ମହାରଣା, ଜୀବନଦୀପ ଷେଣ୍ଟେ, ଯାଜପୁର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ୍‌ର ସମ୍ପାଦକ ରମେଶଚନ୍ଦ୍ର ପୃଷ୍ଟି,ସନ୍ତୋଷ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

## ରାଇଜିଂ ଷ୍ଟାର୍ସ ଏସିଆ କପ୍

# ଜିତେଶ ଅଧିନାୟକ, ସୂର୍ଯ୍ୟବଂଶୀଙ୍କୁ ସୁଯୋଗ





ନୂଆଦିଲ୍ଲୀ, ୪।୧୧(ଏଜେନ୍ସି) : ଚଳିତ ମାସ ୧୪ ତାରିଖରୁ ରାଇଜିଂ ଷ୍ଟାର୍ସ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଏବ ଦଳର ନେତୃତ୍ୱ ୱିକେଟ୍ କିପର ବ୍ୟାଟର ଜିତେଶ ଶର୍ମା ନେବେ। ନଭେମ୍ବର ୨୩ ଯାଏ କାତାରର ଦୋହାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ନମନ ଧୀର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ମଙ୍ଗଳବାର ବିସିସିଆଇ ପକ୍ଷରୁ ଭାରତୀୟ ଏ ଦଳର ଘୋଷଣା ହୋଇଥିଲା। ପ୍ରଥମ ଥର ପାଇଁ ଯୁବ ଦଳରେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ସେ ଦଳରେ ଓପନର ଭାବେ ସ୍ଥାନ ପାଇଛନ୍ତି। ସୂର୍ଯ୍ୟଙ୍କ ସହ ଦଳରେ ପ୍ରିୟାଂଶ ଆର୍ଯ୍ୟ ରହିଛନ୍ତି। ଆଇପିଏଲ୍‌ରେ କମାଲ କରିଥିବା ନେହାଲ ୱାଧେରା, ସୂର୍ଯ୍ୟାଂଶ ସେଡଗେ, ରମଣଦୀପ ସିଂ ଓ ଆଶୁତୋଷ ଶର୍ମାଙ୍କ ଭଳି ବ୍ୟାଟରଙ୍କୁ ସୁଯୋଗ ମିଳିଛି। ଅଭିଶେକ ପୋରେଲ ଦ୍ୱିତୀୟ ୱିକେଟ୍ କିପର ଭାବେ ସ୍ଥାନ ପାଇଛନ୍ତି। ୧୫ ଜଣିଆ ମୁଖ୍ୟ ଦଳ ବ୍ୟତୀତ ୫ ଜଣଙ୍କୁ ଷ୍ଟାଣ୍ଡ ବାଏରେ ରଖାଯାଇଛି। ଗୁରନୁର ସିଂ ବ୍ରାର, କୁମାର କୁସଂଗ୍ର, ତନୁଶ କୋଟିଆନ୍, ସମୀର ରିଜଭି ଓ ସେକ୍ ରସିଦଙ୍କୁ ଷ୍ଟାଣ୍ଡବାଏରେ ରଖାଯାଇଛି। ରାଇଜିଂ ଷ୍ଟାର୍ସ ଏସିଆ କପ୍‌ରେ ମୋଟ ୮ ଟି ଦଳ ଭାଗ ନେବେ। ଭାରତ ଗ୍ରୁପ୍ ବିରେ ରହିଛି। ଏହି ଗ୍ରୁପରେ ଓମାନ ୟୁଏଇ ଓ ପାକିସ୍ତାନ ରହିଛନ୍ତି। ଅର୍ଥାତ୍ ଏହି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଭାରତ -ପାକିସ୍ତାନ ଟକ୍କର ଦେଖିବାକୁ ମିଳିବ। ଗ୍ରୁପ ବି ରେ ଆଫଗାନିସ୍ଥାନ, ଶ୍ରୀଲଙ୍କା, ହଂକଂ, ବାଂଲାଦେଶ ରହିଛନ୍ତି। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଇମର୍ଜିଂ ଏସିଆ କପ୍ ଭାବେ ଖେଳାଯାଉଥିଲା। କିନ୍ତୁ ଏଥର ନାମ ବଦଳାଯାଇ ରାଇଜିଂ ଷ୍ଟାର୍ସ ଏସିଆ କପ୍ ରଖାଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୫ ଟି ମ୍ୟାଚ୍ ଖେଳାଯିବ ।ପ୍ରତି ଦଳ ନିଜ ନିଜ ଗ୍ରୁପରେ ଥିବା ଦଳ ଗୁଡିକ ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଗ୍ରୁପର ଶ୍ରେଷ୍ଠ ଦୁଇଜଣ ସେମିଫାଇନାଲକୁ ଯିବେ। ୨୩ ତାରିଖରେ ଫାଇନାଲ ମ୍ୟାଚ ହେବ।

ଭାରତୀୟ ଦଳ :- ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ନେହାଲ ୱାଧେରା,ନମନ ଧୀର, ସୂର୍ଯ୍ୟାଂଶ ହେଗଡେ, ଜିତେଶ ଶର୍ମା, ରମଣଦୀପ ସିଂ, ହର୍ଷ ଦୁବେ, ଯସ ଠାକୁର, ଗୁରଜପନିଦ ସିଂ, ବିଜୟ କୁମାର ବୈଶାଖ, ଯୁଦ୍ଧବୀର ସିଂ, ଅଭିଶେକ ପୋରେଲ ଓ ସୁୟାସ ଶର୍ମା।

### ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଉଦ୍‌ଯାପିତ

କେନ୍ଦ୍ରାପଡା : କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ଚଳିତ ବର୍ଷର ରାଜ୍ୟ ମହିଳା ଫିଡେ ରେଟିଂ ଚେସ ଚାମ୍ପିଅନସିପ - ୨୦୨୫ର ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ମୁଖ୍ୟ ବକ୍ତା ଭାବେ ପି ଏମ ଶ୍ରୀ ନଭୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ମମତା ମୟୀ ଚୌଧୁରୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଉଦବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଚେସ ଉପଦେଷ୍ଟା ସମିତିର ଅଧ୍ୟକ୍ଷ ଅଜିତ କୁମାର ସାହୁ, ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ମନୋଜ ପରିଡା, ବଲାଙ୍ଗୀର ଚେସ ଆସୋସିଏସନ୍‌ର ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ଆଇ ଆଇ ଜି ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ଯୋଗ ଦେଇଥିବା ବେଳେ ଆସୋସିଏସନ୍‌ର ସଭାପତି କିଶୋର ପଣ୍ଡା,ସମ୍ପାଦକ ତଥା ଅଲ ଓଡ଼ିଶା ଚେସ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଟି ଜିଲ୍ଲାରୁ ୩୨ ଜଣ ଖେଳାଳି ଭାଗନେଇଥିବା ବେଳେ ଖୋର୍ଦ୍ଧା ରୟଶିତା ରାଉତ ଚାମ୍ପିଅନ, କେନ୍ଦ୍ରାପଡାର ସ୍ମାରକୀ ମହାନ୍ତି ଦ୍ୱିତୀୟ ଏବଂ କଟକର ଜୟଲକ୍ଷ୍ମି ସାହୁ ତୃତୀୟ, କଟକର ଜ୍ୟୋତିକା ସାହୁ ଚତୁର୍ଥ, କଟକର ନିଭ୍ରିତା ପଟ୍ଟନାୟକ ପଞ୍ଚମ, ଖୋର୍ଦ୍ଧାର ନାୟନିକ ସାହୁ ଷଷ୍ଠ , ଗଜପତିର ଉମା ଦଳପତି ସପ୍ତମ, କଟକର ସ୍ନେହ ସ୍ମିତା ରାମ ଅଷ୍ଟମ , କଟକର ଗିତାଶ୍ରୀ ବିଶ୍ୱାଳ ନବମ ଏବଂ କଟକର ଆରାୟା ମହାନ୍ତି ଦଶମ ସ୍ଥାନ ଅଧିକୃତ କରିଛନ୍ତି। ଏଥିମଧ୍ୟରୁ ଶ୍ରେଷ୍ଠ ଚାରିଜଣ ଖେଳାଳି ଜାତୀୟ ମହିଳା ଚେସ ଚାମ୍ପିଅନସିପରେ ଯୋଗ ଯୋଗ ଦେବା ପାଇଁ ଚୟନିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବା ଖେଳାଳିମାନଙ୍କୁ ୧୫ ହଜାର ଟଙ୍କା ଓ ରନର୍ସ ହୋଇଥିବା ଖେଳାଳିମାନଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଖେଳାଳିମାନଙ୍କୁ ସାନ୍ତନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

### ସହୋଦୟ ଇଣ୍ଟର ସ୍କୁଲ ଖୋଖୋ

ଭୁବନେଶ୍ୱର, ୪।୧୧(ସବ୍ୟୁ) : ସହୋଦୟ ଇଣ୍ଟର ସ୍କୁଲ ଖୋକୋ ଚାମ୍ପିଅନସିପ୍ ସତ୍ୟଭାମା ପୁର ସ୍ଥିତ ବକ୍ସିଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ୨ ପରିସରରେ ରନର୍ସ ଅପ୍ ତଥା ବାଳିକା ବର୍ଗରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ବିଜେତା ଓ ବିଜେ ଇଏମ୍ ସ୍କୁଲ ଦଳ ରନର୍ସ ଅପ୍ ହୋଇଛନ୍ତି।

ଉଦ୍‌ଘାଟନୀ ସମାରୋହରେ



## ବିକାଶ, ସାଇ ଇଣ୍ଟରନ୍ୟାସନାଲ ବିଜେତା

ଆୟୋଜିତ ହୋଇଯାଇଛି। ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଅନ୍ତର୍ଭୁକ୍ତ ୨୦ ଟି ସ୍କୁଲ ଏବଂ ୩୭ ଟି ଦଳ ସ୍କୁଲର ପ୍ରତିନିଧିତ୍ୱ କରୁଥିବା ଉଭୟ ବାଳକ ଓ ବାଳିକା ଦଳ ଉତ୍ସାହଜନକ ଭାବେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବାଳକ ବର୍ଗରେ ବିକାଶ ଆବାସିକ ବିଦ୍ୟାଳୟ ବିଜେତା ଏବଂ ୟୁନିଟ୍ ୮ ଡିଏଭି ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳିଙ୍ଗ ହସ୍ପିଟାଲର ଡ. ରଞ୍ଜିତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଚାମ୍ପିଅନସିପ୍‌ରେ ରୋମାଞ୍ଚକର ମ୍ୟାଚ ଦେଖିବାକୁ ମିଳିଥିଲା। ଯେଉଁଠାରେ ଖେଳାଳିମାନେ ଉଲ୍ଲେଖନୀୟ ଉତ୍ସାହ, ସମନ୍ୱିୟ ଏବଂ ଦୃଢ ନିଷ୍ଠା ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ଖେଳକୁ ଜାତୀୟ କେଏଫ୍‌ଆଇ ଆସୋସିଏସନ୍‌ର ରେଫରୀମାନେ ପରିଚାଳନା କରିଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ପାରଦର୍ଶିତାର ସହିତ ଅନୁଷ୍ଠିତ ହୋଇଥିଲା। ବକ୍ସିଜଗବନ୍ଧୁ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ କୁମାର ଜେନାଙ୍କ ସହିତ ବିଦ୍ୟାଳୟର ଉପସଭାପତି ଡ. ନିରଞ୍ଜନ ସାହୁଙ୍କ ଦ୍ୱାରା ଉଦ୍‌ଯାପନୀ ସମାରୋହ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ ଅତିଥି, ଅଂଶଗ୍ରହଣକାରୀ ବିଦ୍ୟାଳୟର ଅଧ୍ୟକ୍ଷ,ରେଫରୀ, ପ୍ରଶିକ୍ଷକ, ଶିକ୍ଷକ ଏବଂ ଆୟୋଜକ ବିଦ୍ୟାଳୟର ସହାୟକ କର୍ମଚାରୀଙ୍କୁ ସେମାନଙ୍କର ମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

### ଉତ୍ତର କେନ୍ଦ୍ରୀୟ ପରିସର ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଅନୁଗୁଳ,୪।୧୧(ସବ୍ୟୁ) :ଅନୁଗୁଳ ଜିଲ୍ଲା ପୋଲିସ ପକ୍ଷରୁ ପ୍ରଥମ ଉତ୍ତର କେନ୍ଦ୍ରୀୟ ପରିସର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ - ୨୦୨୫ ଉତ୍ସାହର ସହ ଉଦଯାପିତ ହୋଇଛି। ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଆମରେ ଉଦଯାପନୀ ଉତ୍ସବରେ ସମ୍ମାନନୀୟ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

ଏହି ସମାରୋହରେ ସତ୍ୟବ୍ରତ ଭୋଇ, ଆଇ.ପି.ଏସ., ଉତ୍ତର କେନ୍ଦ୍ରୀୟ ପରିସର ପୋଲିସ ମହାନିରୀକ୍ଷକ, ତାଳଚେର, ରାହୁଲ ଜେନ, ଆଇ.ପି.ଏସ., ଜିଲ୍ଲା ପୋଲିସ ଅଧୀକ୍ଷକ, ଅନୁଗୁଳ, ଅଭିନବ ସୋନକର, ଆଇ.ପି.ଏସ., ଜିଲ୍ଲା ପୋଲିସ ଅଧୀକ୍ଷକ, ଢେଙ୍କାନାଳ, ପ୍ରତାପ ପ୍ରିତିମୟ ଓ.ଏ.ଏସ., ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ,ସହିତ ଜେ.ଏସ.ପି.ଏଲ.ର ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲାହନ, ଜିନ୍ଦଲର ନିର୍ବାହୀ ଉପସଭାପତି(ଏଲ ଏଣ୍ଡ ପିଆର) ଓ ନାଲକୋ ଅନୁଗୁଳର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।ଦୁଇ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮୩ ଟି ଦଳ ଅଂଶଗ୍ରହଣ କରିଥିଲେ - ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, ସି.ଆଇ.ଏସ.ଏଫ. ଓ ଓ.ଆଇ.ଏସ.ଏଫ. ଦଳମାନେ ଏଥିରେ ଯୋଗ ଦେଇଥିଲେ।

ଓପନ ଡବଲ୍ସରେ ପିଟିସି ଅନୁଗୁଳ ବିଜେତା ଏବଂ ଦେବଗଡ ଉପବିଜେତା ହୋଇଛି। ଭେଟେରାନ ଡବଲ୍ସରେ ସି ଆଇ ଏସ ଏଫ ନାଲକୋ ବିଜେତା ଏବଂ ଦେବଗଡ ଉପବିଜେତା ହୋଇଛି। ମହିଳା ଡବଲ୍ସରେ ପିଟିସି ଅନୁଗୁଳ ବିଜେତା ଢେଙ୍କାନାଳ ଉପବିଜେତା ହୋଇଛି।

ଏହି କ୍ରୀଡ଼ା ଆୟୋଜନ ସହିତ ସାଇବର ସୁରକ୍ଷା ସଚେତନତା ଅଭିଯାନର ସନ୍ଦେଶକୁ ମଧ୍ୟ ପ୍ରସାରିତ କରାଯାଇଥିଲା, ଯାହା ଜନସାଧାରଣ ଓ ପୋଲିସ ମଧ୍ୟରେ ନିରାପଦ ଡିଜିଟାଲ ବ୍ୟବହାରକୁ ଉତ୍ସାହିତ କରିଥିଲା। ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଖେଳକୁ ସଂଚାଳନ କରିଥିଲେ। ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟ ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜୀବ ଲୋଚନ ପଣ୍ଡା, ଉପାସନା ପାଢ଼ୀ, ଡ଼ିଏସପି ସମୀର ପଣ୍ଡା, ଯୋଗେଶ୍ୱରୀ ବେହେରା, ସୁକୁମାର ତ୍ରିପାଠୀ, ଏସଡିପିଓ ରମାକାନ୍ତ ମହାଲିକ, ଅନୁଗୁଳ ଟାଉନ ଥାନା ଅଧିକାରୀ ଧିରେଶ ଦାସଙ୍କ ସମେତ ଅନୁଗୁଳ ଜିଲ୍ଲା ପୋଲିସ ର ବିଭିନ୍ନ ଥାନା ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ସଫଳ କରାଇଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି